

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA — ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ
IAS COLLECTOR



PARUL PATAWARI

Vol.5 | Issue- 24 | November 22 to 28, 2021, | Jagatsinghpur | Page-8 | Rs. 5/-
ବର୍ଷ-୫ | ସଂଖ୍ୟା- ୨୪ | ନଭେମ୍ବର ୨୨ ରୁ ୨୮, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା


# ନବୀନ ଠାକୁର:ଉପ-ବାଚସ୍ପତି

**ଅନୁଗୁଳ(ସଂପର୍କବାର୍ତ୍ତା):-** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଓଡ଼ିଶାର ସାଢେ ୪ କୋଟି ଲୋକଙ୍କର ଠାକୁର ବୋଲି କହିଛନ୍ତି ଉପବାଚସ୍ପତି ତଥା ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂ । ଶନିବାର ଦିନ ଅନୁଗୁଳରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଅବସରରେ ସ୍ୱାଗତ ଭାଷଣ ଦେଇ ଶ୍ରୀ ସିଂ ଏମିତି ବୟାନ ଦେବା ପରେ ଏହାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା । ଏହାକୁ ବିରୋଧୀ ସମାଲୋଚନା କରୁଥିବା ବେଳେ ଜିଅନ୍ତା ଲୋକଙ୍କୁ ଠାକୁର ବୋଲି କହିବା ଆମ ଦେବାଦେବୀଙ୍କ ପ୍ରତି ଘୋର ଅପମାନ ବୋଲି କହିଛନ୍ତି ।

ଶନିବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଅନୁଗୁଳ ଷ୍ଟାଡିୟମ୍‌ରେ ସଭା କରି ବିଜୁ ସ୍ୱାସ୍ଥ୍ୟ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇ ଉପବାଚସ୍ପତି ଶ୍ରୀ ସିଂ



କହିଥିଲେ ଯେ, ଆଜି ଅନୁଗୁଳକୁ ଆମ ମୁଖ୍ୟମନ୍ତ୍ରୀ ଆସିଛନ୍ତି । ଓଡ଼ିଶାର ସାଢେ ୪ କୋଟି ଲୋକଙ୍କର ଠାକୁର ବୋଲି ଆମେ ଯାହାକୁ ମାନୁଛୁ, ସେହି ମୁଖ୍ୟମନ୍ତ୍ରୀ ଆଜି ଅନୁଗୁଳ ମାଟିରେ ପାଦ ପକାଇଛନ୍ତି । ମୁଖ୍ୟମନ୍ତ୍ରୀ ଏଠାକୁ ଆସିବା ଆମ ପାଇଁ ଏକ ଗୌରବର କଥା ବୋଲି ଉପବାଚସ୍ପତି ଶ୍ରୀ ସିଂ କହିଥିଲେ । ଭରପୁର ସଭାରେ ଉପବାଚସ୍ପତିଙ୍କ ଏମିତି ମନ୍ତବ୍ୟ ପରେ ଏହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଓଡ଼ିଶାର ଠାକୁର ବୋଲି ଜଗନ୍ନାଥଙ୍କୁ ରାଜ୍ୟବାସୀ ଜାଣିଛନ୍ତି । କିନ୍ତୁ ନବୀନଙ୍କୁ ଠାକୁର ବୋଲି କହିବା ପରେ ଏହାକୁ ସହଜରେ ଗ୍ରହଣ କରିପାରିନାହାଁନ୍ତି ବିରୋଧୀ ବରଂ ସେମାନେ ଉଭୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ରଜନୀକାନ୍ତ ସିଂଙ୍କୁ ସମାଲୋଚନା କରିଛନ୍ତି । ଏଥିନେଇ ବରିଷ୍ଠ ବିଜେପି ନେତା ରୁଦ୍ର ନାରାୟଣ ପାଣି କହିଛନ୍ତି ଯେ, ଉପବାଚସ୍ପତିଙ୍କ ମତିଭ୍ରମ (ପୃଷ୍ଠା-୨)

# ମୁଁ ପାଣ୍ଡିଆନ୍ ସାର୍‌ଙ୍କ ପରି ହେବି:ସୋମନ



**କେନ୍ଦ୍ରାପଡ଼ା(ସଂପର୍କବାର୍ତ୍ତା):-** କେନ୍ଦ୍ରାପଡା ସହରର ବାଳିକା ବିଦ୍ୟାଳୟ ପରିସରରେ ଜିଲ୍ଲାର ୩୦ ହାଇସ୍କୁଲ୍ ରୂପାନ୍ତରଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଥିଲା । ଏଥିରେ ଉକ୍ତ ହାଇସ୍କୁଲ୍‌ର ୧୦ମ ଶ୍ରେଣୀ ଛାତ୍ରୀ ସୋମନ୍ ପରଓ୍ୱିନଙ୍କ ମନ୍ତବ୍ୟ ଚର୍ଚ୍ଚାର ବିଷୟ ହୋଇଛି । ସୋମନ୍ ନିଜ ହାଇସ୍କୁଲ୍‌ର ପରିବର୍ତ୍ତନ ସଂପର୍କରେ ମନ୍ତବ୍ୟ ଦେବା ପରେ ଭବିଷ୍ୟତରେ ଆପଣ କ'ଣ ହେବାକୁ ଚାହୁଁଛନ୍ତି ବୋଲି ଭରର୍ଚୁଆଲ୍ ମୋର୍ଡରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶ୍ନ କରିଥିଲେ । ଏହାର ଉତ୍ତରରେ ସୋମନ୍ କହିଥିଲେ, ମୁଁ ପାଣ୍ଡିଆନ୍ ସାର୍‌ଙ୍କ ପରି ଆଇଏଏସ୍ ଅଫିସର୍ ହେବି । ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀଙ୍କ ସହ ଉପସ୍ଥିତ ଥିବା ୫-ଟି ସଚିବ ଭି.କେ.ପାଣ୍ଡିଆନ୍ କହିଥିଲେ, ସରକାରୀ ସ୍କୁଲ୍‌ରେ ପଢି ଆଇଏଏସ୍ ଅଫିସର୍ ହେବାରେ କୌଣସି ଅସୁବିଧା ନାହିଁ, ନିଜ ସରକାରୀ ସ୍କୁଲ୍‌ରେ ପାଠ ପଢିଥିବା ଓ ତୁମ ଜିଲ୍ଲାର ଜିଲ୍ଲାପାଳ ଅମୃତ ଋତୁରାଜ ସରକାରୀ ସ୍କୁଲ୍‌ରେ ପଢିଥିବାର ଉଦାହରଣ ଦେଇଥିଲେ ।

# ବିରୋଧୀ କୁକୁର:ସାଂସଦ



**ଢେଙ୍କାନାଳ(ସଂପର୍କବାର୍ତ୍ତା):-** ମୁଖ୍ୟମନ୍ତ୍ରୀଙ୍କ ଢେଙ୍କାନାଳ ସଭାରେ ସାଂସଦ ମହେଶ ସାହୁଙ୍କ କୁକୁର ଉପାକ୍ଷାନକୁ ନେଇ ରାଜନୀତି ସରଗରମ ହୋଇଛି । ଏପରିକି ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି । ଶ୍ରୀ ସାହୁ କହିଛନ୍ତି ଯେ, ଯେଉଁମାନେ ଆମିଷ ବର୍ଜନ କରିଛନ୍ତି ବୋଲି କୁହନ୍ତି ଆଜି ସେମାନେ ଅଣ୍ଡା ଧରି ବୁଲୁଛନ୍ତି । ଯେଉଁମାନେ ସମଗ୍ର ଭାରତ ବର୍ଷର ଜନସାଧାରଣଙ୍କ ଦ୍ୱାରା କଳା ତାଲିକାଭୁକ୍ତ ହୋଇଛନ୍ତି ସେମାନେ ଆଜି କଳାପତାକା ଧରିଛନ୍ତି । ଯଦି କଳାପତାକା ଦେଖାଇବାର ଅଛି ସେହି ସରକାରଙ୍କୁ ଦେଖାଅ ଯିଏ ଜାତୀୟ ରାଜପଥ ନିର୍ମାଣ ପାଇଁ ସବୁଜ ସଙ୍କେତ ଦେଲାପରେ କାମ କରୁନାହାଁନ୍ତି । ବିଏସ୍‌ଏନ୍‌ଏଲ୍ କାହିଁକି ଚାଲୁନାହିଁ ? ସେଠି କଳାପତାକା ଦେଖାଅ । ଯେଉଁମାନେ ନୀତି ଆଦର୍ଶକୁ ପାକିସ୍ତାନ ପାଖରେ ବନ୍ଧା ପକାଇଛନ୍ତି ସେମାନଙ୍କୁ କଳାପତାକା ଦେଖାଅ । ବିନା ଯୁଦ୍ଧରେ ଯେଉଁ ସରକାର ସମୟରେ ଦେଶର ୩ହଜାର ୮୧୩ ସୈନ୍ୟଙ୍କ ଜୀବନ ଗଲା ଯଦି ଦେଖାଇବା କଥା ଦେଖାଅ । ସାରା ରାଜ୍ୟରେ ବର୍ତ୍ତମାନ କଳାପତାକା ପ୍ରଦର୍ଶନ ଏବଂ ଅଣ୍ଡାମାଡ ଚାଲିଥିବା ବେଳେ ବିରୋଧୀଙ୍କୁ ଟାର୍ଗେଟ୍ କରି ସାଂସଦ ଶ୍ରୀ ସାହୁ କହିଛନ୍ତି ଆମ ମୁଖ୍ୟମନ୍ତ୍ରୀ ଆମକୁ ପ୍ରତିଷୋଧପରାୟଣ ହେବାକୁ ବାରଣ (ପୃଷ୍ଠା-୨)

# ନୂଆ ଗାଇଡ୍‌ଲାଇନ୍




**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଆସିଲା ନୂଆ ଗାଇଡ୍‌ଲାଇନ୍ । ଯାତ୍ରା, ଅପେରା, ଡ୍ରାମା ଓ ମେଲୋଡି ଆୟୋଜନ ପାଇଁ ମିଳିଲା ରାଜ୍ୟ ସରକାରଙ୍କ ଅନୁମତି । କରୋନା କଟକଣା ଭିତରେ ଏହିସବୁ କାର୍ଯ୍ୟକ୍ରମ କରାଯିବ । ଏ ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ (ପୃଷ୍ଠା-୨)

# ଓଡିଶା ପାଇଁ ଆଣିଛନ୍ତି ଖୁସି ଖବର ଅଶ୍ୱିନୀ ବୈଷ୍ଣବ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଓଡିଶାର ୧୦ ଆକାଂକ୍ଷୀ ଜିଲ୍ଲାର ୩ ହଜାର ୯୩୩ ଗାଁରେ ପହଂଚିବ ୪ଜି ମୋବାଇଲ ସେବା ସବୁ ଗାଁରେ ହାଇସ୍ପିଡ୍ ମୋବାଇଲ୍ ଏବଂ ଇଣ୍ଟରନେଟ୍ ସଂଯୋଗୀକରଣ ହେବ । ଓଡିଶା ସହ ୫ ରାଜ୍ୟ ଆନ୍ଧ୍ରପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଏବଂ ମହାରଷ୍ଟ୍ରର ୪୪ଟି ଆକାଂକ୍ଷୀ ଜିଲ୍ଲାର ୭ହଜାର ୨୮୭ ଗାଁରେ ହେବ ହାଇସ୍ପିଡ୍ ଇଣ୍ଟରନେଟ୍ । ଏନେଇ ଯୋଜନାରେ ୬ ହଜାର ୪୬୬କୋଟି ଟଙ୍କା ମଂଜୁର କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଅପହଂଚ ଜିଲ୍ଲାମାନଙ୍କରେ ୪ଜି ଏଇଣ୍ଟରନେଟ୍ ସେବା ପାଇଁ କ୍ୟାବିନେଟ ନିଷ୍ପତି ସଂପର୍କରେ ଟେଲିକମ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ଏହି ନିଷ୍ପତ୍ତି ଅପହଂଚ ଗାଁରେ ଡିଜିଟାଲ୍ ସେବାକୁ ଗତି ଦେବା ସହ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତିକୁ ମଜଭୁତ୍ କରିବା ସଙ୍ଗେ ସଙ୍ଗେ ଶିକ୍ଷାନୁଷ୍ଠାନ ଗୁଡିକୁ ମଧ୍ୟ ଇଣ୍ଟରନେଟ୍ ପ୍ରଦାନ କରିବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଟେଲିକମ୍ ସଂଯୋଗ କ୍ଷେତ୍ରରେ ଏଭଳି ଏକ ଜନକଲ୍ୟାଣକାରୀ ପଦକ୍ଷେପ ପାଇଁ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

## ମମିତାଙ୍କ ପରିବାର ମନ୍ତ୍ରୀଙ୍କୁ କ୍ଲିନ୍‌ଚିଟ୍

# ବିରୋଧୀ ମିଛ କହୁଛନ୍ତି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମମିତା ହତ୍ୟା ମାମଲା ପ୍ରାୟ ଦେଢ ମାସ ହେବ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି । ମମିତା ହତ୍ୟା ମାମଲାରେ ଫାଇଦା ଉଠାଇବାକୁ ମିଡିଆ ଓ ବିରୋଧୀ **ଦଳ ଫାଇଦା ଉଠାଇବାକୁ ଉଦ୍ୟମ କରୁଥିବାର ସାଧାରଣରେ ଅଭିଯୋଗ ହେଉଛି । "ସଜ ମାଛରେ ପୋକ ପକାଇବା" ଭଳି ମିଡିଆ ଓ ବିରୋଧୀ ଦଳଗୁଡିକ ଆପ୍ରାଣ ଉଦ୍ୟମ କରିଆସୁଛନ୍ତି । ହେଲେ ଯେଉଁ ଅଭିଯୋଗ ବିରୋଧୀ ଦଳ ଉଠାଉଛନ୍ତି ତା'ର କୌଣସି ସତ୍ୟାସତ୍ୟ ନାହିଁ ବୋଲି କୁହାଯାଉଛି । ଯଦି ସତ୍ୟାସତ୍ୟ ଥାଆନ୍ତା ତେବେ ସେମାନେ କେବେଠାରୁ କୋର୍ଟରେ ଦ୍ୱାରସ୍ତ ହୋଇସାରନ୍ତେଣି ବୋଲି ମଧ୍ୟ କୁହାଯାଉଛି । ତୁଚ୍ଛାଟାରେ ଏପରି ଘଟଣାକୁ ଇସ୍ୟୁ କରି ରାଜ୍ୟରେ ସରକାରଙ୍କୁ ବଦନାମ କରିବା ଲାଗି ଉଦ୍ୟମ କରୁଥିବାଙ୍କୁ ସାଧାରଣରେ ନାପସନ୍ଦ କରାଯାଉଛି । ମମିତାଙ୍କ ପରିବାରର ଚରିତ୍ର ସଂହାର କରାଯାଉଛି ବୋଲି ମମିତାଙ୍କ ବାପା ଓ ଭାଇ କୋର୍ଟର ଦ୍ୱାରସ୍ତ ହୋଇ ଯେଉଁ ଅଭିଯୋଗ କରିଛନ୍ତି ସେଥିରେ ମନ୍ତ୍ରୀ କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ରଙ୍କ ନାମ କେଉଁଠି ଉଲ୍ଲେଖ କରିନାହାଁନ୍ତି । ଯାହାଫଳରେ ମନ୍ତ୍ରୀଙ୍କ ନାମ ଉଲ୍ଲେଖ ନ କରିବା ଅର୍ଥ ମମିତାଙ୍କ ପରିବାର ମନ୍ତ୍ରୀଙ୍କୁ କ୍ଲିନ୍‌ଚିଟ୍ ଦେଉଥିବାର ସ୍ପଷ୍ଟ ଜଣାପଡୁଛି ।** ହାଇକୋର୍ଟରେ ମମିତା ମେହେର ପରିବାର ଲୋକଙ୍କ ଆବେଦନ ବିରୋଧୀଙ୍କ ମନରେ ଭୟ ସୃଷ୍ଟି କରିଛି । ମମିତାଙ୍କ ବାପା ଓ ଭାଇ ହାଇକୋର୍ଟରେ ଆବେଦନ କରି କହିଛନ୍ତି ସେମାନଙ୍କ ପରିବାରର ଗୋପନୀୟତାକୁ ସୁରକ୍ଷା ଦିଆଯାଉ । ମିଡିଆ ରାଜନୈତିକ (ପୃଷ୍ଠା-୨)

## ପ୍ରମାଣ ଦିଅ-ପ୍ରଣବ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମମିତା ମେହେର ହତ୍ୟା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରିବା ପରେ ଏହା ଉପରେ କଡା ପ୍ରତିକ୍ରିୟା ରଖିଛନ୍ତି ବିଜେଡି ସଂଗଠନ ସଂପାଦକ ପ୍ରଣବ ପ୍ରକାଶ ଦାସ । ଟ୍ୱିଟ୍ କରି ସେ କହିଛନ୍ତି କେନ୍ଦ୍ର ସରକାର ଚାଷୀ ଆଇନ୍ ପ୍ରତ୍ୟାହାର କରିଛନ୍ତି । କିନ୍ତୁ ଭାରତବର୍ଷରେ ପ୍ରାଣ ହରାଇଥିବା ୭୫୦ ନୀରିହ ଚାଷୀଙ୍କ କଥା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହାର ନୈତିକ ଦାୟିତ୍ୱ କାହା ଉପରେ ବୋଲି ପ୍ରଣବ ପ୍ରଶ୍ନ କରିଛନ୍ତି । ଧର୍ମେନ୍ଦ୍ରଙ୍କୁ ଭାଇ ବୋଲି ସମ୍ବୋଧନ କରି ପ୍ରଣବ ଆହୁରି ଉଲ୍ଲେଖ କରିଛନ୍ତି, ସୌରାଷ୍ଟ୍ର ମନ୍ତ୍ରୀଙ୍କ ପୁଅ ଗାଡି ଚଢାଇ ୭ଜଣ ନୀରିହ ଚାଷୀଙ୍କୁ ମାରି ଜେଲ୍‌ରେ ଅଛନ୍ତି । ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପ ପରେ ତାଙ୍କ ଉପରେ ମକଦ୍ଦମା ହେଲା । ଆପଣଙ୍କ ମୂଲ୍ୟବାନ ସମୟରୁ କିଛି ସମୟ ବାହାର କରି ସୌରାଷ୍ଟ୍ର ରାଷ୍ଟ୍ର ମନ୍ତ୍ରୀଙ୍କୁ ନୈତିକାର ପାଠ ପଢାଇଲେ ଭଲ ହୁଅନ୍ତା ।



ଟ୍ରେନ୍ ଦୁର୍ଘଟଣାରେ ଶାସ୍ତ୍ରିଜୀ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ । ଆପଣଙ୍କ ସରକାର ଶାସନ କାଳରେ ଅନେକ ଟ୍ରେନ୍ ଦୁର୍ଘଟଣା ଘଟିଛି । ଅନେକ ନୀରିହ ଲୋକ ପ୍ରାଣ (ପୃଷ୍ଠା-୨)

## ମୁଁ ନିର୍ଦ୍ଦୋଷ, ମୋତେ ଦଣ୍ଡ ଦେବାକୁ ପ୍ରୟାସ ସଫଳ ହେବନି



**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମମିତା ହତ୍ୟା ଓ ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ସଂପୃକ୍ତି ଅଭିଯୋଗ ପ୍ରସଙ୍ଗରେ ତାଙ୍କର କୌଣସି ସଂପୃକ୍ତି ନଥିବା ଦୋହରାଇଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର । ମୋ ଦ୍ୱାରା କୌଣସି ବେଆଇନ୍ କାର୍ଯ୍ୟ ହେବନି ବୋଲି ଦିବ୍ୟଶଙ୍କର କହିଛନ୍ତି । ମୁଁ ଭାରତୀୟ ବାୟୁସେନାର ଜଣେ ପାଇଲଟ୍, ଦେଶ ପାଇଁ ଲଢିଛି । ମୋ ଦ୍ୱାରା କୌଣସି ଘୃଣ୍ୟ କାର୍ଯ୍ୟ, ବେଆଇନ୍ କାମ ହୋଇପାରିବ ନାହିଁ । ଘଟଣାଟି ଘଟିଛି ସନ୍‌ସାଇନ୍ ପବ୍ଲିକ୍ ସ୍କୁଲ୍‌ରେ । (ପୃଷ୍ଠା-୨)


# ଆଜି ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ



**କନ୍ଧମାଳ(ସଂପର୍କବାର୍ତ୍ତା):-** ଆଜି(୨୨ ତାରିଖ) ମୁଖ୍ୟମନ୍ତ୍ରୀଙ୍କ କନ୍ଧମାଳ ଗସ୍ତ କାର୍ଯ୍ୟକ୍ରମ ରହିଛି । କନ୍ଧମାଳବାସୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟକାର୍ଡ ବଣ୍ଟନ ସହ ପ୍ରାୟ ୩୦୦ କୋଟି ଟଙ୍କାର ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ପୂର୍ବାହ୍ନ ୧୧ଟା ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଲିକ୍ୟାପ୍ଟର ଯୋଗେ ପହଞ୍ଚିବେ ଏବଂ ୧୧.୩୦ ମିନିଟ୍‌ରୁ ୧୨.୨୫ ମିନିଟ୍ ମଧ୍ୟରେ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ ଓ ସମସ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଶେଷ ହେବା ପରେ ଫେରିଯିବେ ମୁଖ୍ୟମନ୍ତ୍ରୀ । କନ୍ଧମାଳ ଜିଲ୍ଲାରେ ୧ ଲକ୍ଷ ୬୭ହଜାର ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରିବେ । ତେବେ ଏହି ସ୍ୱାସ୍ଥ୍ୟକାର୍ଡ ବଣ୍ଟନକୁ ତଦାରଖ କରିବା ପାଇଁ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ କନ୍ଧମାଳରେ ଅଛନ୍ତି । ସେହିପରି ମନ୍ତ୍ରୀ ବିକ୍ରମ ଆରୁଖଙ୍କ ସମେତ ୮ଜଣ ମନ୍ତ୍ରୀ ଆସିବାର କାର୍ଯ୍ୟକ୍ରମ ରହିଛି ।

# କୃଷି ଆଇନ୍ ଫେରିବ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ନୂଆ କୃଷି ଆଇନ୍ ପ୍ରତ୍ୟାହାର ପରେ ପ୍ରାୟତଃ ବିଭିନ୍ନ ସ୍ଥାନରେ ଉତ୍ସବ ପାଳନ କରୁଛନ୍ତି ଚାଷୀ । ଏହା ସହ ଅନେକ ସ୍ଥାନରେ ଏବେ ବି ଆନ୍ଦୋଳନ ଜାରି ରହିଛି । ଦାବି ରହିଛି ଯେ, ଯେ ପର୍ଯ୍ୟନ୍ତ ସରକାର ସଂସଦରେ ଏ ପ୍ରସଂଗ ନ ଉଠିଛି ସେ ଯାଏଁ ବିକ୍ଷୋଭ ଜାରି ରହିବ । ଏପରି ସ୍ଥିତିରେ ଅଡୁଆ ବଢାଇଛି ରାଜସ୍ଥାନର ରାଜ୍ୟପାଳ କଲରାଜ ମିଶ୍ରଙ୍କ ବୟାନ । ସେ କହିଛନ୍ତି ଯେ, ଆବଶ୍ୟକ ପଡିଲେ ପୁଣି ଥରେ କୃଷି ଆଇନ୍ ଅଣାଯିବ ବୋଲି କହିଛନ୍ତି । ସୂଚନା ଥାଉକି କୃଷି ଆଇନ୍ ପ୍ରତ୍ୟାହାର ଘୋଷଣା ପରେ ବିରୋଧୀ ଓ ଚାଷୀ ସଂଗଠନ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ ବାଣରେ ଘାଇଲା କରିଛନ୍ତି । ତେବେ କଲରାଜ ମିଶ୍ର କହିଛନ୍ତି, କୃଷି ଆଇନ୍ ପ୍ରତ୍ୟାହାର ନିଷ୍ପତ୍ତିକୁ ମୁଁ ସ୍ୱାଗତ କରୁଛି, କୃଷି ଆଇନ୍ ଚାଷୀଙ୍କ ହିତ ପାଇଁ ଥିଲା । ସରକାର ଚାଷୀଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ହେଲେ ଆଇନ୍ ପ୍ରତ୍ୟାହାର ଦାବିରୁ ହଟିନଥିଲେ ଚାଷୀ । ଶେଷରେ ଆଇନ୍




ପ୍ରତ୍ୟାହାର କରିନେବାକୁ ବାଧ ହେଲେ । ସେ ଆହୁରି କହିଛନ୍ତି ଦରକାର ପଡିଲେ ପୁଣି ଥରେ କୃଷି ଆଇନ୍ ଅଣାଯିବ । ବର୍ତ୍ତମାନ ଏହାକୁ ପ୍ରତ୍ୟାହାର କରାଯାଇଛି । କେବଳ ରାଜସ୍ଥାନର ରାଜ୍ୟପାଳ ନୁହଁନ୍ତି, ଅନେକ ବିଜେପି ସାଂସଦ ମଧ୍ୟ କୃଷି ଆଇନ୍ ପୁଣି ଅଣାଯିବା ନେଇ ମତ ରଖିଛନ୍ତି ।

# ୨୪ରେ ବିଜେପିର ବୈଠକ ଯୋଗଦେବେ ୩ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟର ସଂପ୍ରତିକ ରାଜନୈତିକ ଓ ସାମାଜିକ ପ୍ରସଂଗକୁ ନେଇ ଆସନ୍ତା ୨୪ ତାରିଖରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେବ । ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ପଦାଧିକାରୀ, ଜିଲ୍ଲା ସଭାପତି ଓ ପ୍ରଭାରୀଙ୍କ ବୈଠକ ଆସନ୍ତା ୨୩ ତାରିଖରେ ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ । ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବାକୁ ଥିବା ଏହି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶେଶ୍ୱର ଟୁଡୁଙ୍କ ସମେତ ରାଜ୍ୟ ପ୍ରଭାରୀ ଡି.ପୁରେନ୍ଦେଶ୍ୱରୀ ଏବଂ ସହପ୍ରଭାରୀ ବିଜୟ ପାଲ୍ ସିଂ ତୋମାରଙ୍କ ସମେତ ସମସ୍ତ ସାଂସଦ ଓ ବିଧାୟକ ରାଜ୍ୟ ପଦାଧିକାରୀ ଏବଂ ରାଜ୍ୟ କାର୍ଯ୍ୟକାରିଣୀ




ସଦସ୍ୟ ଯୋଗଦେବେ । ୨୪ ତାରିଖରେ ହେବାକୁ ଥିବା ଏ କାର୍ଯ୍ୟକାରିଣୀ ବୈଠକ ଭୁବନେଶ୍ୱରସ୍ଥିତ ହୋଟେଲ୍ "ପଦ୍ମଜା ପ୍ରିମିୟମ୍" ଚନ୍ଦ୍ରଶେଖପୁରଠାରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲଖ ମହାପାତ୍ର ସୂଚନା ଦେଇଥିବା ଖବର ହସ୍ତଗତ ହୋଇଛି ।

# ଅବିବାହିତା ପୁଅ-ଝିଅ ଏକାଠି ରହିପାରିବେ ହୋଟେଲ୍‌ରେ

## ଶାରୀରିକ ସମ୍ବନ୍ଧ ମଧ୍ୟ ରଖିପାରିବେ





**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶର ସର୍ବୋଚ୍ଚ ନ୍ୟାୟାଳୟ ବଡ଼ ନିର୍ଦ୍ଦେଶ ସାମ୍ନାକୁ ଆସିଛି । ତେବେ ଏହି ନିର୍ଦ୍ଦେଶ ଅନୁସାରେ ସାବାଳକ ଯୁବକ ଏବଂ ଯୁବତୀ ଅବିବାହିତା ହୋଇଥିଲେ ମଧ୍ୟ ପରସ୍ପର ସହମତିରେ ଶାରୀରିକ ସଂପର୍କ ରଖି ରହିପାରିବେ । ତେବେ ଏହା ମୌଳିକ ଅଧିକାର ଅଟେ ବୋଲି ସୁପ୍ରିମ୍‌କୋର୍ଟ ଶୁଣାଣି କରିଛନ୍ତି । ତେବେ ସୁପ୍ରିମ୍‌କୋର୍ଟ ସ୍ପଷ୍ଟ କରିସାରିଛନ୍ତି କି ସମ୍ବିଧାନର ଅନୁଚ୍ଛେଦ ୨୧ ଅନ୍ତର୍ଭୁକ୍ତ । (ପୃଷ୍ଠା-୨)

## ଦେଶରୁ ଟଙ୍କା ଲୁଟକରି ବିଦେଶ ପଳାଇଯାଇଥିବା ପଳାତକଙ୍କୁ

# ମୋଦୀଙ୍କ ଚେତାବନୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶରୁ ହଜାର ହଜାର କୋଟି ଟଙ୍କା ଲୁଟ କରି ବିଦେଶ ପଳାଇଯାଇଥିବା ପଳାତକଙ୍କୁ ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀ ଚେତାବନୀ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି କି ଏଭଳି ପଳାତକଙ୍କ ବିରୋଧରେ ସରକାର ପୁରା ଜାଲ ବିଛାଇ ଦେଇଛନ୍ତି ତେଣୁ ସେମାନଙ୍କ ପାଖରେ ଦେଶକୁ ଫେରିବା ବ୍ୟତୀତ ଅନ୍ୟ କିଛି ବାଟ ନାହିଁ ।

ପ୍ରଧାନମନ୍ତ୍ରୀ ଋଣ ପ୍ରବାହ ଓ ଆର୍ଥିକ ବୃଦ୍ଧି ନେଇ ଏକ ପରିଚର୍ଚ୍ଚାକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି ଯେ, ପଳାତକଙ୍କୁ ଦେଶକୁ ଫେରାଇ ଆଣିବାକୁ ସରକାର ଆଇନ ଉପରେ ନିର୍ଭର କରିବା ସହ କୂଟନୀତି ସ୍ତରରେ ପ୍ରୟାସ ଜାରି ରଖିଛନ୍ତି । ପ୍ରଧାନମନ୍ତ୍ରୀ କୌଣସି ପଳାତକଙ୍କ ନାମ ନେଇ



ନଥିଲେ ବି ବିଜୟ ମାଲ୍ୟା ଓ ନୀରବ ମୋଦୀଙ୍କ ଭଳି ବଡ ଠକମାନଙ୍କୁ ଦେଶକୁ ଫେରାଇଆଣିବାକୁ କେନ୍ଦ୍ର ସରକାର ପ୍ରୟାସ କରୁଛନ୍ତି । ଅନ୍ୟପଟେ ପ୍ରଧାନମନ୍ତ୍ରୀ କହିଛନ୍ତି କି ୨୦୧୪ରେ ବିଜେପି ସରକାର ଗଠନ ହେବା ପରେ ବ୍ୟାଙ୍କମାନଙ୍କର ସ୍ଥିତି ସୁଧୁରିଛି । ଏହାସହ ଭାରତୀୟ ବ୍ୟାଙ୍କଗୁଡିକ ଏବେ ଅର୍ଥବ୍ୟବସ୍ଥାକୁ ନୂଆ ଉତ୍ସାହ ଦେବାକୁ ପ୍ରସ୍ତୁତ ଅଛି । ଏହାଦ୍ୱାରା ଦେଶ ଆତ୍ମନିର୍ଭରଶୀଳ ହେବାକୁ ସହଜ ହେବ ବୋଲି ସେ କହିଛନ୍ତି ।

ଅନ୍ୟପଟେ ଗତ ୫ବର୍ଷ ମଧ୍ୟରେ ବ୍ୟାଙ୍କଗୁଡିକରେ ଏନପିଏର ମାତ୍ରା କମିଥିବା କଥା ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି କି କରୋନା ମହାମାରୀ ମଧ୍ୟରେ ବ୍ୟାଙ୍କଗୁଡିକ ମଜବୁତ ସ୍ଥିତିରେ ରହିଛନ୍ତି । ଏନପିଏ ମାତ୍ରା କମିବା ଫଳରେ ବ୍ୟାଙ୍କ ପାଖରେ ନଗଦ ଅର୍ଥ ଭଣ୍ଡାର ବୃଦ୍ଧି ପାଇଛି ।

# ନୂଆବର୍ଷରେ ସରକାରୀ କର୍ମଚାରୀଙ୍କୁ ମିଳିବ ଖୁସିଖବର

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କର୍ମଚାରୀଙ୍କୁ ପୁଣି ମିଳିପାରେ ଖୁସିବର । ନୂଆବର୍ଷ ଅବସରରେ ନିଜ କର୍ମଚାରୀଙ୍କୁ ଉପହାର ଦେଇପାଇନ୍ତି କେନ୍ଦ୍ର ସରକାର । ଏହା ପୂର୍ବରୁ ଦୀପାଳବୀ ଅବସରରେ କେନ୍ଦ୍ର ସରକାର କର୍ମଚାରୀଙ୍କ ମହାଙ୍ଗା ଭତ୍ତାକୁ ୩ପ୍ରତିଶତ ବୃଦ୍ଧି କରିଥିଲେ । ପୁଣିଥରେ କର୍ମଚାରୀଙ୍କୁ ଖୁସିଖବର ଦେଇପାରନ୍ତି ସରକାର। ଜାନୁଆରୀ ୨୦୨୨ର ଆରମ୍ଭରେ ଘରଭଡା ଭତ୍ତା ଲାଗୁ କରିବା ପାଇଁ ଅର୍ଥ ମନ୍ତ୍ରଣାଳୟ କାମ ଆରମ୍ଭ କରିଛି । ଏହି ପ୍ରସ୍ତାବର ଅନୁମୋଦନ ପାଇଁ ରେଳ ବୋର୍ଡକୁ ଏକ ପ୍ରସ୍ତାବର ଅନୁମୋଦନ ପାଇଁ ରେଳ ବୋର୍ଡକୁ ଏକ ପ୍ରସ୍ତାବା ମଧ୍ୟ ପଠାଯାଇଛି । ଯଦି ଏହି ପ୍ରସ୍ତାବ ଅନୁମୋଦନ




ହୁଏ, ତେବେ କର୍ମଚାରୀମାନଙ୍କୁ ଜାନୁଆରୀ ୨୦୨୧ରେ ଏଚ୍‌ଆରଏ ମିଳିବା ତେବେ ଯେଉଁ ସହରଗୁଡିକର ଜନସଂଖ୍ୟା ୫୦ଲକ୍ଷରୁ ଅଧିକ, ସେମାନେ ବିଭିନ୍ନ ବର୍ଗରେ ଆସନ୍ତି । ଏହା ସହ ଯେଉଁମାନଙ୍କର ଜନସଂଖ୍ୟା ୫ଲକ୍ଷରୁ ଅଧିକ, ସେମାନେ ଉଚ୍ଚ ବର୍ଗ ଓ ୫ ଲକ୍ଷରୁ କମ୍ ଜନସଂଖ୍ୟା ବିଶିଷ୍ଟ ସହରଗୁଡିକ ନିଚ୍ଚ ବର୍ଗରେ ଆସନ୍ତି । ତିନୋଟି ବର୍ଗ ପାଇଁ ସର୍ବନିମ୍ନ ୫୪୦୦, ୩୬୦୦ ଏବଂ ୧୮୦୦ ଟଙ୍କା ହେବ । ଏହା ପୂର୍ବରୁ ଝାଡଖଣ୍ଡ ସରକାର ନିଜର ସମସ୍ତ କର୍ମଚାରୀ ଓ ପେନସନଭୋଗୀଙ୍କ ମହାଙ୍ଗା ଭତ୍ତାକୁ ୩% ବୃଦ୍ଧି କରିଛନ୍ତି ଓ ଏହା ଚଳିତବର୍ଷ ଜୁଲାଇରୁ ଲାଗୁ ହେବ ।

# ରାହୁଲଙ୍କୁ ଅପମାନ କଲେ ସ୍ମୃତି ଇରାନୀ, ସହିପାରିଲେନି ଭଉଣୀ ପ୍ରିୟଙ୍କା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାଇ ପାଇଁ ବାହାରିଲେ ଭଉଣୀ । ରାହୁଲ ଗାନ୍ଧିଙ୍କ ଉପରେ ବିବାଦୀୟ ବୟାନ ଦେଇଥିବା କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ଜବାବ ଦେଇନ୍ତି ପ୍ରିୟଙ୍କା ଗାନ୍ଧି । କଂଗ୍ରେସର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧି ଭଦ୍ରା ବିଜେପି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ କଡା ସମାଲୋଚନା କରିଛନ୍ତି । ରାହୁଲ ଗାନ୍ଧିଙ୍କ ଉପରେ ସ୍ମୃତି ଇରାନୀ ଦେଇଥିବା 'ଘର ପର ଲଡକା ହେ' ଟିପ୍ପଣୀ ଅଶୋଭନୀୟ ବୋଲି କହିଛନ୍ତି । ପ୍ରିୟଙ୍କା ଜଣେ ମହିଳା ହୋଇ ସେ ଏଭଳି ମନ୍ତବ୍ୟ ଦେବା ଉଚିତ ନଥିଲା ବୋଲି ପ୍ରିୟଙ୍କା କହିଛନ୍ତି ପ୍ରିୟଙ୍କା ୨୦୨୨ରେ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ଥିବାରୁ ପ୍ରିୟଙ୍କା ଗାନ୍ଧି ଆକ୍ସନ ମୁଡ୍‌ରେ ଥିବା ବେଳେ ଦଳ ପାଇଁ ମାରାଥାନ ପ୍ରଚାର ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ରାଜନୈତିକ ବାୟନବାଜି ଆରମ୍ଭ ହୋଇଥିବା ବେଳେ ରାହୁଲ ଗାନ୍ଧି ଭଦ୍ରା କହିଛନ୍ତି । ଏହା ବଦଳରେ ସେ ମହିଳାମାନଙ୍କୁ ଉତ୍ସାହିତ କରିବା ଉଚିତ । ସେମାନେ ନଜି ପାଇଁ ଲଢିବା ଉଚିତ ବୋଲି ପ୍ରିୟଙ୍କା ଗାନ୍ଧି କହିଛନ୍ତି । ଏହି ଅବସରରେ ପ୍ରିୟଙ୍କା ରାଜନୀତିରେ ଭାଗ ନେବା ଓ ସେମାନଙ୍କର ଶକ୍ତି ଚିହ୍ନିବାକୁ ଏବଂ ଆହ୍ୱାନ କରିଥିଲେ ପ୍ରିୟିଙ୍କା ଅନ୍ୟପଟେ ପୂର୍ବାଂଚଳ ଏକ୍ସ ପ୍ରେସୱେକୁ ନେଇ ଯୋଗୀ ଆଦିତ୍ୟନାଥଙ୍କ ନେତୃତ୍ୱାଧୀନ ସରକାର ଏବଂ ଏସପି ସଭାପତି ଅଖିଳେଶ ଯାଦବଙ୍କ ମଧ୍ୟରେ ଶ୍ରେୟ ଯୁଦ୍ଧ ଚାଲିଥିବା ବେଳେ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି ପ୍ରିୟଙ୍କା କହିଛନ୍ତି ଏଠାରେ ପରିବର୍ତ୍ତନ ଆସିବା ଜରୁରୀ । ଲୋକମାନେ ନିଜ ସମସ୍ୟା ନେଇ ନିଜେ ଛିଡା ହେବା ଉଚିତ । ସେ କହିଛନ୍ତି, ଯିଏ ରାଜନୀତି କରିବାକୁ ଚାହୁଁଛି ସେ କରନ୍ତୁ । କିନ୍ତୁ ଆମେ ପରିବର୍ତ୍ତନର ବାର୍ତ୍ତା ନେଇ



ଆସିଛୁ ବୋଲି କହିଛନ୍ତି । ଲୋକଙ୍କୁ ନିଜର ସମସ୍ୟା ଏବଂ ଆବଶ୍ୟକତା ପାଇଁ ଛିଡା ହେବାକୁ ପଡିବ । ସେମାନେ ନିଜ ପାଇଁ ସଂଗ୍ରାମ କରିବା ଉଚିତ । ଏହି ଅବସରରେ ଗାନ୍ଧି ଚିତ୍ରକୋଟର କାମତନଥ ମନ୍ଦିର ପରିଦର୍ଶନ କରି ପ୍ରାର୍ଥନା କରିଥିଲେ ।

## ବିଶ୍ୱର ଡ୍ରଗ୍ କ୍ୟାପିଟାଲ୍ ଆଫଗାନିସ୍ତାନ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ ଆଫଗାନିସ୍ତାନରେ ଅଫିମ ଉତ୍ପାଦନରେ କ୍ରମାଗତ ପଞ୍ଚମ ବର୍ଷ ପାଇଁ ୬୦୦୦ ଟନ୍ ଅତିକ୍ରମ କରିଛି । ତାଲିବାନ ରାଜ ପରେ ଆଫଗାନିସ୍ତାନ ଏବେ ବିଶ୍ୱର ଡ୍ରଗ୍ କ୍ୟାପିଟାଲ୍ ପାଲଟିଛି । ତାଲିବାନ ଆସିବା ପରେ ଅଫିମ ଉତ୍ପାଦନରେ ବହୁତ ବୃଦ୍ଧି ଘଟିଛି । ୨୦୨୧ରେ ଦେଶ ୬,୮୦୦ ଟ୍‌ନ ଉତ୍ପାଦନ କରିଛି । ଚଳିତ ବର୍ଷ ଅଗଷ୍ଟ ମାସରେ ଆଫଗାନିସ୍ତାନରେ ତାଲିବାନର ନୂଆ ଶାସନ ଆରମ୍ଭ ହେଲା। ତାଲିବାନ ନିଜେ ସେପ୍ଟେମ୍ବରରେ ଅଫିସ ମୂଲ୍ୟ ବୃଦ୍ଧି କରିଥିଲା ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଉତ୍ପାଦନ ୮% ବୃଦ୍ଧି ପାଇଛି। ଦାରିଦ୍ରତା ଏବଂ ଖାଦ୍ୟ ନିରାପତ୍ତା ମଧ୍ୟରେ ଆଫାଗାନିସ୍ତାନରେ ମୂଲ୍ୟ ବୃଦ୍ଧି ଚାଷ ପାଇଁ ପ୍ରୋତ୍ସାହନ ବଢାଇଛି । ଆଫଗାନିସ୍ତାନ ହେଉଛି ବିଶ୍ୱର ସର୍ବବୃହତ ଅଫିମ ଉତ୍ପାଦନ କେନ୍ଦ୍ରସ୍ଥଳୀ । ବିଶ୍ୱର ଉତ୍ପାଦନର ପ୍ରାୟ ୮୭% ଅଟେ। ଏଠାରେ ଅର୍ଥନୀତି ବହୁ ପୂର୍ବରୁ ବିଦେଶୀ ସହାୟତା ଏବଂ ଅଫିମ ବିକ୍ରୟ ଉପରେ ନିର୍ଭରଶୀଳ ।

# ମଝି ଆକାଶରେ ମନ୍ତ୍ରୀଙ୍କ ମହାନତା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମଝି ଆକାଶରେ ମନ୍ତ୍ରୀଙ୍କ ମହନୀୟତା ମାନବିକତା ଦେଖାଇଲେ ଓ ବିମାନ ଭିତରେ ଜୀବନ ବଂଚାଇଲେ । ଦିଲ୍ଲୀରୁ ମୁମ୍ବାଇ ଯାଉଥିବା ଇଣ୍ଡିଗୋ ବିମାନରେ ଦେଖିବାକୁ ମିଳିଥିଲା ଏମିତି ଦୃଶ୍ୟ। ତେବେ ବିମାନ ଯାତ୍ରା ବେଳେ ହଠାତ ଜଣେ ଯାତ୍ରୀ ଅସୁସ୍ଥ ହୋଇ ପଡିଥିଲେ । ସେ ନିଜ ସିଟରୁ ପଡି ଯାଇଥିଲେ । ହେଲେ ସେହି ବିମାନରେ କେନ୍ଦ୍ର ଅର୍ଥ ରାଜ୍ୟ ମନ୍ତ୍ରୀ ଡ. ଭାଗବତ କରାଡ ବି ଯାତ୍ରା କରୁଥିଲେ । ଆଉ ଯାତ୍ରୀ ଜଣକ ପଡିବା ଦେଖି ସେ ତାଙ୍କ ପାଖକୁ ଦୌଡି ଯାଇଥିଲେ । ସିଟରେ ଶୁଆଇ ଦେଇ ଟ୍ରିଟମେଣ୍ଟ କରିଥିଲେ । ମନ୍ତ୍ରୀ ଯାହାର ଫଟୋ ଏବେ ସୋସିଆଲ ମିଡିଆରେ ବି ଭାଇରାଲ ହେଉଛି । କେନ୍ଦ୍ର ଅର୍ଥ ରାଜ୍ୟମନ୍ତ୍ରୀ କରାଡଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତିରେ କୁହାଯାଇଛି ଯେ ରକ୍ତଚାପ ଯାଗୁଁ ଯାତ୍ରୀଙ୍କ




ମୁଣ୍ଡ ବୁଲାଉଥିଲା ଏହା ପରେ କରାଡ ଯାତ୍ରୀଙ୍କ ପାଖକୁ ଯାଇ ତାଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ । ସୂଚନା ଯୋଗ୍ୟ ଯେ ମନ୍ତ୍ରୀ ଜଣେ ଶିଶୁ ରୋଗ ବିଶେଷଜ୍ଞ ତେଣୁ ଚିକିତ୍ସା ବିଷୟରେ ତାଙ୍କର ଧାରଣ ଅଛି । ଆଉ ଖାସ ସେଥିପାଇଁ ସେ ଏହି ପ୍ରାଥମିକ ଚିକିତ୍ସା କରିଦେଲେ ବୋଲି କହିଛନ୍ତି । ସେପଟେ ବିମାନ ଯାତ୍ରା ବେଳେ ଅସୁସ୍ଥ ହୋଇପଡିଥିବା ସହ- ଯାତ୍ରୀଙ୍କ ପାଖକୁ ଯାଇ ତାଙ୍କ ପ୍ରାଥମିକ ଚିକିତ୍ସା କରିଥିଲେ । ସେପଟେ ବିମାନ ଯାତ୍ରା ବେଳେ ଅସୁସ୍ଥ ହୋଇପଡିଥିବା ସହ ଯାତ୍ରୀଙ୍କୁ ସାହାଯ୍ୟ କରିଥିବାରୁ ତାଙ୍କୁ ବହୁଆଡୁ ପ୍ରଶଂସା ମିଳିଛି । ଏମିତିକି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବି କେନ୍ଦ୍ର ମନ୍ତ୍ରୀ ଭାଗବତ କରାଡଙ୍କୁ ପ୍ରଶଂସା କରିଛନ୍ତି । ମୋ ସହକର୍ମୀଙ୍କ ଏହା ପ୍ରଶଂସନୀୟ କାମ ବୋଲି କହିବା ସାଙ୍ଗକୁ ଜଣେ ଡାକ୍ତର ସବୁବେଳେ ହୃଦୟରୁ ଡାକ୍ତର ହୋଇକି ରୁହେ ବୋଲି ମୋଦୀ କହିଛନ୍ତି । ସେହିଭଳି ମନ୍ତ୍ରୀଙ୍କ ଏ କାମ ପାଇଁ ଇଣ୍ଡିଗୋ ଟିମ୍ ବି ତାଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ଅଖିଳେଶ ଯାଦବଙ୍କୁ ବଡ ଝଟ୍‌କା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆସନ୍ତା ବର୍ଷ ହେବାକୁ ଯାଉଛି ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ । ଏହା ପୂର୍ବରୁ ସେଠାରେ ଏବେଠୁ ହିଁ ରାଜନୀତୀ ସରଗରମ ହୋଇଗଲାଣି । ବିଭିନ୍ନ ଦଳ ଭୋଟିରଙ୍କୁ ଆକୃଷ୍ଟ କରିବା ପାଇଁ ଲାଗିପଡିଲେଣି । ନିର୍ବାଚନ ସମୟରେ ସବୁଠାରୁ ବଡ କଥା ହେଉଛି ଦଳ ଡିଆଁ ପ୍ରକ୍ରିୟା । ବିଜେପିର ଜଣେ ବିଧାୟକ ଅଖିଳେଖ ଯାଦବଙ୍କ ଦଳରେ ସାମିଲ ହେବା ପରେ ଏବେ ଏହାର ବଦଲା ନେଇଛି ଭାରତୀୟ ଜନତା ପାର୍ଟି । ସମାଜବାଦୀ ଦଳ ଡିଆଁ ପ୍ରକ୍ରିୟା ବିଜେପିର ୪ ଜଣ ବିଧାନ ପରିଷଦ ସଦସ୍ୟ ଦଳ ଛାଡି ବିଜେପିରେ ସାମିଲ ହୋଇଛନ୍ତି । ୪ ଏମ୍‌ଏଲସି ସଦସ୍ୟ ନରେନ୍ଦ୍ର ଭାଟୀ, ସିପି ଚନ୍ଦ୍ର, ରବିଶଙ୍କର ସିଂହ ଏବଂ ରମା ନିରଜନ ସମାଜବାଦୀ ପାର୍ଟି ୪ଜଣ ହେଭିଓ୍ୱେଟଙ୍କୁ ଦଳରେ ସାମିଲ କରି ମିଶିଥିବା ସପା ନେତାଙ୍କ ମଧ୍ୟରୁ ନରେନ୍ଦ୍ର ଭଟୀ ମୁଲାୟମ ସିଂହ ଯାଦବଙ୍କ ବେଶ



ନିକଟତର ଥିଲେ। ଏବେ ସେ ଦଳ ଛାଡିବା ନିଶ୍ଚିତ ଭାବେ ସମାଜବାଦୀ ପାର୍ଟି ପାଇଁ ବୁମେରାଂ ସାବ୍ୟସ୍ତ ହୋଇପାରେ । ସୂଚନାଯୋଗ୍ୟ, ଗତ ଅକ୍ଟୋବର ୩୦ରେ ବିଜେପିର ଜଣେ ବିଧାୟକ ଏବଂ ମାୟାବତୀଙ୍କ ବିଏସ୍‌ପିର ୬ ଜଣ ବିଧାୟକ ଦଳ ଛାଡି ଅଖିଳେଶ ଯାଦବଙ୍କ ଏସ୍‌ପିରେ ହୋଇଥିଲେ । ଏବେ ବିଜେପି ସମାଜବାଦୀ ପାର୍ଟି ୪ଜଣ ହେଭିଓ୍ୱେଟଙ୍କୁ ଦଳରେ ସାମିଲ କରି ପ୍ରତିଶୋଧ ନେଇଛି । ୟୁପି ବିଜେପି ଅଧିକ୍ଷ ସ୍ୱତନ୍ତ୍ର ଦେବ ସିଂହ ଉପମୁଖ୍ୟମନ୍ତ୍ରୀ କେଶବ ଚନ୍ଦ୍ର ମୌର୍ଯ୍ୟ ଏବଂ ଡାକ୍ତର ଦିନେଶ ଶର୍ମାଙ୍କ ଉପସ୍ଥିତିରେ ସପାର ନେତାମାନେ ବିଜେପିର ଗ୍ରହଣ କରିଛନ୍ତି । ତେବେ ନିର୍ବାଚନର ଠିକ ପୂର୍ବରୁ ସପାର ୪ଜଣ ଏମ୍‌ଏଲ୍‌ସି ଦଳ ବିଜେପିରେ ସାମିଲ ହେବା ଅଖିଳେଶ ଯାଦବଙ୍କୁ ବଡ ଝଟ୍‌କା ଏହା ସହିତ ପୂର୍ବତନ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖରଙ୍କ ନାତି ରବିଶଙ୍କର ମଧ୍ୟ ବିଜେପିରେ ମିଶିଛନ୍ତି । ବିଶେଷ କରି ନରେନ୍ଦ୍ର ଭାଟୀଙ୍କୁ ଚର୍ଚ୍ଚା ଜୋର ଧରିଛି । କାରଣ ଉତ୍ତରପ୍ରଦେଶ ରାଜନୀତିରେ ନରେନ୍ଦ୍ର ଭଟୀଙ୍କର ବେଶ ଦବଦବା ରହିଛି । ଏହା ସହିତ ଭୋଟ ବ୍ୟାଙ୍କ ମଧ୍ୟ ରହିଛି । ଦଳର ୪ଜଣ ହେଭିଓ୍ୱେଟ୍ ବିଜେପିରେ ସାମିଲ ହୋଇଯିବା ନେଇ ସପା ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରତିକ୍ରିୟା ମିଳିନାହିଁ ।

# ୨୦୨୫ସୁଦ୍ଧା ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ ହେବ ଯମୁନା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-**୨୦୨୫ ସୁଦ୍ଧା ଯମୁନାକୁ ସମ୍ପୂର୍ଣ୍ଣ ପ୍ରଦୂଷଣ ମୁକ୍ତ କରି ଏହାକୁ ସ୍ନାନ ଯୋଗ୍ୟ କରିବାପାଇଁ ଏକ ୬ ସୂତୀ ଯୋଜନା ପ୍ରସ୍ତୁତ କରାଯାଇଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲ୍ ଏହି ସୂଚନା ଦେଇଛନ୍ତି । ପ୍ରତ୍ୟେକ କାର୍ଯ୍ୟ ସୂତ୍ର ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସ୍ଥିର କରାଯାଇଛି ଏବଂ ମୁଁ ବ୍ୟକ୍ତିଗତ ଭାବରେ ଅଗ୍ରଗତି ଉପରେ ନଜର ରଖିବି ବୋଲି କହିଛନ୍ତି । ୭୦ ବର୍ଷ ଧରି ଯମୁନା ପ୍ରଦୂଷିତ ହେବାରେ ଲାଗିଛି । ତେଣୁ ଦୁଇ ଦିନରେ ଏହା ସଫା ହୋଇପାରିବ ନାହିଁ । କେଜରିଓ୍ୱାଲ କହିଛନ୍ତି ଯେ ନୂତନ ଏଥିପାଇଁ ସ୍ୱରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଉଛି । ଏଥି ସହିତ ପୁରୁଣା ବୈଷୟିକ ଜ୍ଞାନକୌଶଳରେ ନବୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି କେଜରିଓ୍ୱାଲ୍ । ସେ କହିଛନ୍ତି ଯେ ଯମୁନାକୁ ଆସିଥିବା ନଜାଫଗଡ, ବାଦଶାହପୁର, ଏବଂ ଗାଜିପୁରର ପ୍ରମୁଖ ଡ୍ରେନର ଜଳକୁ ସେମାନଙ୍କର ମୂଳ ସ୍ଥାନରେ ଶୋଧନ କରାଯାଉଛି । ଯମୁନାରେ ଶିଳ୍ପ ବର୍ଜ୍ୟବସ୍ତୁ ନିର୍ଗତ କରୁଥିବା ଶିଳ୍ପଗୁଡିକ ସରକାର ବନ୍ଦ କରିବେ ବୋଲି ସେ କହିଛନ୍ତି ।



## ପ୍ରଥମ ପୃଷ୍ଠାରୁ...

### ନବୀନ...

ହେଲାଣି । ନ ହେଲେ ଭରପୁର ଜନସଭାରେ ସେ ଏମିତି କହିନଥାନ୍ତେ । ଅନ୍ୟପକ୍ଷରେ, ଧର୍ମପରାୟଣ ବ୍ୟକ୍ତି ବିଶେଷ ମଣିଷଙ୍କୁ ବି କିଛି ଲୋକ ଠାକୁର ବୋଲି ମାନୁଥିବାର ନଜିର ଅଛି । ଏବେ ସୁଦ୍ଧା ଏହି ପ୍ରଥା ବିଭିନ୍ନ ଜାଗାରୁ ନଜରକୁ ଆସୁଥିବାର କୁହାଯାଇ ବାଚସ୍ପତିଙ୍କ ମନ୍ତବ୍ୟକୁ ଅନର୍ଥ କରୁଥିବା ବ୍ୟକ୍ତି ବିଶେଷ ବା ନେତାଙ୍କୁ ମଧ ସାଧାରଣରେ କଟୁ ସମାଲୋଚନା ମଧ କରାଯାଉଛି ।

### ବିରୋଧୀ...

କରିଛନ୍ତି । କାହାର କଥା ଶୁଣିବାର ନାହିଁ । କାମ କରି ସାଢେ ୪ କୋଟି ଜନତାଙ୍କ ହୃଦୟକୁ ଜିଣ । ସେହିଭଳି କେତେକ କୁକୁର ଭୋକି ହେଉଥିବେ ବୋଲି ସଭାରେ ବିରୋଧୀଙ୍କୁ ଟାର୍ଗେଟ୍ କରି ସାଂସଦ ସାହୁ ଆକ୍ଷେପ କରିଛନ୍ତି ।

ସାଂସଦ ଶ୍ରୀ ସାହୁଙ୍କ ଏଭଳି ଆକ୍ଷେପକୁ ନେଇ ଜିଲ୍ଲା କଂଗ୍ରେସ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଦଳ ଜିଲ୍ଲା ସଭାପତି ସରୋଜ ପଟ୍ଟନାୟକ କହିଛନ୍ତି ସାଂସଦଙ୍କ ଏଭଳି ଅଶାଳୀନ ମନ୍ତବ୍ୟକୁ କଂଗ୍ରେସ ପକ୍ଷରୁ ଦୃଢ ନିନ୍ଦା କରାଯାଉଛି । ସେ ଯେଉଁ ହୀନ ମନ୍ତବ୍ୟ ଦେଇଛନ୍ତି ଏଥିରେ ବିରୋଧୀ ଦଳର ମାନ କ୍ଷୁର୍ଣ୍ଣ ହୋଇଛି । ମୁଖ୍ୟମନ୍ତ୍ରୀ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ । ଯଦି ଏଥିରେ ବ୍ୟତିକ୍ରମ କରାଯାଏ ତେବେ ନବୀନଙ୍କ ପ୍ରରୋଚନାରେ ସାଂସଦ ଏଭଳି ମନ୍ତବ୍ୟ ଦେବା ପାଇଁ ସାହାସ କରିଛନ୍ତି ବୋଲି ବୁଝାଯିବ । ଭବିଷ୍ୟତରେ ଏହାର ଉଚିତ୍ ଜବାବ ଦିଆଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଶ୍ରୀ ପଟ୍ଟନାୟକଙ୍କ ବା କଂଗ୍ରେସ ଦଳ ପକ୍ଷରୁ ଏଭଳି ପ୍ରତିକ୍ରିୟାକୁ ସାଧାରଣରେ ତୀବ୍ର ସମାଲୋଚନା କରାଯାଉଛି । କାରଣ **"ଠାକୁର ଘରେ କିଏ, କଦଳୀ ଖାଇନି ମୁଁ"** ସଦୃଶ ଭଳି ନିଜ ଦଳକୁ ଟାଣିବା ଲଜ୍ଜାକର ବିଷୟ ବୋଲି କୁହାଯାଉଛି । ଏପରିକି କୁହାଯାଉଛି କଂଗ୍ରେସ ରାଜ୍ୟରେ ବିରୋଧୀ ଦଳ ଭାବେ ଗ୍ରହଣୀୟ ନୁହେଁ ।

### ନୂଆ...

ପକ୍ଷରୁ ନୂତନ ଗାଇଡ୍‌ଲାଇନ୍ ଜାରି କରାଯାଇଛି । ଗତ ୨୦ ତାରିଖରୁ ଏହି ସବୁ ନୂତନ ଗାଇଡ୍‌ଲାଇନ୍ ଜାରି କରାଯାଇଛି । ଗତ ୨୦ ତାରିଖରୁ ରାଜ୍ୟର ବିଭିନ୍ନ ସାଂସ୍କୃତିକ ଲାଗି ଅନୁମତି ମିଳିଛି । ରାଜ୍ୟରେ ଯାତ୍ରା-ଅପେରା-ମେଲୋଡିକୁ ମିଳିଲା ଅନୁମତି । ତେବେ ଏହି ସବୁ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ପୌର କମିଶନରଙ୍କ ଠାରୁ ଅନୁମତି ନେବାକୁ ପଡିବ । ଖୋଲା ଜାଗାରେ ୨୦୦୦ ଲୋକଙ୍କୁ ନେଇ ଯାତ୍ରା-ଅପେରା-ଡ୍ରାମା-ମେଲୋଡି ଆୟୋଜନ କରାଯାଇପାରିବ । ଗାଇଡ୍‌ଲାଇନ୍ ମୁତାବକ କାର୍ଯ୍ୟକ୍ରମରେ ସାମାଜିକ ଦୂରତା ବଜାୟ ରଖିବାକୁ ପଡିବ । ଅନ୍‌ଲାଇନ୍ ବା ଅଧିକ ସଂଖ୍ୟକ କାଉଣ୍ଟରରେ ଟିକେଟ୍ ବୁକିଂ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ୫୦% ଦର୍ଶକଙ୍କୁ ନେଇ ସିନେମା ହଲ୍ ଚାଲିପାରିବ ବୋଲି କୁହାଯାଇଛି । ହଲ୍ ଭିତରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଗଲେ ସେଠାରେ ମଧ କରୋନା କଟକଣା ମାନିବାକୁ ପଡିବ । ଆବଶ୍ୟକ ସ୍ଥଳେ ସ୍ଥାନୀୟ ପ୍ରଶାସନ ଦର୍ଶକଙ୍କ ସଂଖ୍ୟାରେ ପରିବର୍ତ୍ତନ କରିପାରିବେ ବୋଲି ମାର୍ଗଦର୍ଶିକାରେ କୁହାଯାଇଛି । ସବୁଠାରୁ ବଡ କଥା ହେଲା, ଯେଉଁମାନେ ଡବଲ୍‌ଡୋଜ୍ କୋଭିଡ୍ ଟିକା ନେଇଥିବେ ବା ୭୨ ଘଣ୍ଟା ପୂର୍ବରୁ ଆଣ୍ଟିଜେନ୍ ବା ଆର୍‌ଟିପିସିଆର୍ ଟେଷ୍ଟ କରାଇଥିବେ କେବଳ ସେଇମାନଙ୍କୁ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ଅନୁମତି ମିଳିବ । ତେବେ ଏଥିରେ ୬୫ବର୍ଷରୁ ଅଧିକ ବ୍ୟକ୍ତି ଓ ଗର୍ଭବତୀ ମହିଳାଙ୍କୁ ସାମିଲ୍ ହେବାକୁ ଅନୁମତି ନାହିଁ ।

### ମମିତାଙ୍କ...

ଦଳ ମମିତାର ଚରିତ୍ର ସଂହାର କରୁଛନ୍ତି ଏବଂ ଏହା ବନ୍ଦ ହେବ ବୋଲି ଉଲ୍ଲେଖ କରିଛନ୍ତି । ତୁରନ୍ତ ତଦନ୍ତ ସାରି ଚାର୍ଜସିଟ୍ ଦାଖଲ କରିବାକୁ ସେମାନେ ଅନୁରୋଧ କରିଛନ୍ତି । ଏଇ ମାମଲାକୁ ରାଜନୀତିକରଣ କରାଯାଉଛି ବୋଲି ଲେଖିଛନ୍ତି । ତାଙ୍କ ପରିବାରର ଗୋପନୀୟତା ତାଙ୍କର ଅଧିକାର ବୋଲି ଦର୍ଶାଇଛନ୍ତି । ଏଥିସହିତ କେହି ରାୟପୁର ଯାଇନାହାଁନ୍ତି ବୋଲି ଏହି ଆବେଦନରେ ଲେଖିଛନ୍ତି ।

ମମିତା ହତ୍ୟା ମାମଲାକୁ ନେଇ ବିଭିନ୍ନ ରାଜନୈତିକ ଦଳର ଆନ୍ଦୋଳନ ଏବଂ ଗଣମାଧ୍ୟମରେ ଏହାର ପ୍ରସାରଣ ବିରୁଦ୍ଧରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ପରିବାର ସଦସ୍ୟ । ମମିତାଙ୍କ ବାପା ଓ ଭାଇ ହାଇକୋର୍ଟରେ ଯେଉଁ ଆବେଦନ କରିଛନ୍ତି ଯେ ତଦନ୍ତ ଶେଷ ହୋଇନଥିବାରୁ ମାମଲାକୁ ଅତି ରଞ୍ଜିତ କରିବା ପାଇଁ ମିଡିଆ ଓ ରାଜନୈତିକ ଦଳକୁ ସୁଯୋଗ ମିଳୁଛି । ଏପରିକି ମୃତ ମମିତାଙ୍କ ଚରିତ୍ର ସଂହାର କରାଯାଉଛି ବୋଲି କୋର୍ଟଙ୍କୁ ଦର୍ଶାଇଛନ୍ତି ତାଙ୍କ ବାପା ଓ ଭାଇ ।
ସ୍ୱଦପରିବାରର ଗୋପନୀୟତା ଅଧିକାରକୁ ରକ୍ଷା କରିବା ପାଇଁ କୋର୍ଟ ହସ୍ତକ୍ଷେପ କରନ୍ତୁ ଓ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବେଦନରେ ଦର୍ଶାଇଛନ୍ତି । କଥା ହେଉଛି ମମିତାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ବିରୋଧୀ ରାଜନୈତିକ ଦଳଗୁଡିକ ପ୍ରତ୍ୟେକ ଦିନ ରାସ୍ତାକୁ ଓହ୍ଲାଇ ତୁମ୍ଫିତୋଫାନ କରୁଛନ୍ତି । ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ପାଇଁ ବିରୋଧୀ ସାମ୍ବାଦିକ ସମ୍ମିଳନୀ କରି ଦାବି ଉଠାଉଛନ୍ତି । ଆଉ ମିଡିଆରେ ଏପରି ଖବର ପରିବେଷଣ ଦ୍ୱାରା ପରିବାରର ମାନହାନୀ ଓ ସ୍ଥିତିକୁ କେହି ବୁଝୁନାହାଁନ୍ତି ବୋଲି କୋର୍ଟକୁ କହିଛନ୍ତି ମମିତାଙ୍କ ପରିବାର ।

ଆବେଦନରେ ମମିତାଙ୍କ ହତ୍ୟା ମାମଲାର ପୁରା ଘଟଣାକ୍ରମ ରହିଛି । ଅକ୍ଟୋବର ୮ ତାରିଖରେ ମମିତା ମହାଲିଙ୍ଗ ଯିବା, ଗୋବିନ୍ଦ ସାହୁ ତାଙ୍କୁ ଅପହରଣ କରିନେବା, ଥାନାରେ ମାମଲା ହେବା ଏବଂ ପୋଲିସ୍ ପରିବାର ଲୋକଙ୍କୁ ଡାକି ସିସିଟିଭି ଫୁଟେଜ୍ ଦେଖାଇବା ଏପରିକି ତାଙ୍କ ସଂପର୍କୀୟ ମହାଲିଙ୍ଗ ଷ୍ଟାଡିୟମ୍ ଯାଇ ମୃତଦେହ ମିଳିଥିବା ସ୍ଥାନରେ ମମିତାଙ୍କ ବ୍ୟବହୃତ ସାମଗ୍ରୀକୁ ଚିହ୍ନଟ ଭଳି କଥା ବର୍ଣ୍ଣନା କରାଯାଇଛି । ହେଲେ ମମିତା ଗୋବିନ୍ଦ ସାହୁଙ୍କ ସହିତ ରାୟପୁର ଯାଇଥିବା ନେଇ ମିଡିଆ ରିପୋର୍ଟକୁ ଏଥିରେ ଖଣ୍ଡନ କରାଯାଇଛି । ରାୟପୁର କଥା ଉଠାଇବାରୁ ପରିବାର ଲୋକଙ୍କ ସମ୍ମାନହାନୀ ହେଉଥିବା ମମିତାଙ୍କ ବାପା ନିଜର ଆବେଦନ ପତ୍ରରେ ଉଲ୍ଲେଖ କରିଛନ୍ତି । ରାୟପୁର ସ୍ଥିତ କୁଲ୍‌ହୋମ୍ ଆପାର୍ଟମେଣ୍ଟ୍‌ରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଉପସ୍ଥିତିରେ ମମିତା ମେହେର ଓ ଗୋବିନ୍ଦ ସାହୁଙ୍କ ମଧ୍ୟରେ ଆପୋଷ ସମାଧାନ ପାଇଁ ଉଦ୍ୟମ ହୋଇଥିଲା ବୋଲି ବିରୋଧୀ ବାରମ୍ବାର କହି ଆସୁଛନ୍ତି । ହେଲେ ମମିତାଙ୍କ ପରିବାର କୋର୍ଟକୁ ଜଣାଇଛନ୍ତି ଯେ, ମମିତା କେବେ ବି ରାୟପୁର ଯାଇନଥିଲେ । ମମିତାଙ୍କ ବିଷୟରେ ଅତି ଖରାପ କଥା ମିଡିଆରେ ପ୍ରଘଟ ହେଉଛି ବୋଲି ନିଜର ଆବେଦନରେ ଉଲ୍ଲେଖ କରିଛନ୍ତି ମମିତାଙ୍କ ବାପା । ରାଜନୈତିକ ଦଳମାନେ ଏହାକୁ ରାଜନୈତିକ ପ୍ରସଙ୍ଗ କରୁଛନ୍ତି । ତେଣୁ ତୁରନ୍ତ ତଦନ୍ତ ସାରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ ହେଲେ ତାଙ୍କ ଝିଅକୁ ନ୍ୟାୟ ମିଳିପାରିବ ବୋଲି କୋର୍ଟକୁ କହିଛନ୍ତି ମମିତାଙ୍କ ବାପା ।

### ପ୍ରମାଣ...

ହରାଇଛନ୍ତି । ଆପଣଙ୍କ ମନ୍ତ୍ରୀ ମଣ୍ଡଳରୁ କେତେଜଣ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି ବୋଲି ପ୍ରଣବ ପଚାରିଛନ୍ତି । ଯଦି ମମିତା ମେହେର ହତ୍ୟା ଘଟଣାରେ ଆପଣ କିମ୍ବା ଆପଣଙ୍କ ଦଳ ଆସି ପୋଲିସ୍ କିମ୍ବା ଉଚ୍ଚ ନ୍ୟାୟାଳୟରେ ଠୋସ୍ ପ୍ରମାଣ ଦିଅନ୍ତି, ଖାଲି ଇସ୍ତଫା ନୁହେଁ ମୁଖ୍ୟମନ୍ତ୍ରୀ ଆମ ମନ୍ତ୍ରୀ(ଦିବ୍ୟଶଙ୍କର)ଙ୍କୁ ଜେଲ୍‌ରେ ଭର୍ତ୍ତି କରିବେ । ଯେତେ ପ୍ରଭାବଶାଳୀ ବ୍ୟକ୍ତି ହେଲେ ମଧ ମୁଖ୍ୟମନ୍ତ୍ରୀ ଅତୀତରେ ଭୁଲ୍ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ଆପଣ ସ୍ୱୀକାର କରିଥିବାରୁ ଧନ୍ୟବାଦ । ଏବେ ମଧ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ବୋଲି ପ୍ରଣବ କହିଛନ୍ତି ।

### ମୁଁ ନିର୍ଦ୍ଦୋଷ...

ସେଠାକୁ ମୁଁ କେବେ ଯାଇନି । ସ୍ଥାନୀୟ ବିଧାୟକ ଭାବେ ମୁଁ ମହାଲିଙ୍ଗ କଲେଜ୍‌ର ଗଭର୍ଣ୍ଣିଙ୍ଗ୍ ବଡିର ସଭାପତି ଏବଂ ଗଭର୍ଣ୍ଣିଙ୍ଗ୍ ବଡିର ଜଣେ ସଦସ୍ୟ । ଏହାକୁ ଯୋଡି ରାଜନୈତିକ ଷଡଯନ୍ତ୍ର କରାଯିବା ଅତି ଦୁର୍ଭାଗ୍ୟଜନକ । ମୁଁ ନିର୍ଦ୍ଦୋଷ, ମୋତେ ଦଣ୍ଡ ଦେବାକୁ ଚାଲିଥିବା ପ୍ରୟାସ କେବେ ସଫଳ ହେବନି । ମମିତା ହତ୍ୟା ଜଘନ୍ୟ କାଣ୍ଡ ଯିଏ ବି ଦୋଷୀ ଦଣ୍ଡିତ ହେବ ।

### ଅବିବାହିତା...

ହେଲେ ଏଥିପାଇଁ ସର୍ତ୍ତ ରହିଛି ଯେ, ଉଭୟେ ସାବାଳକ ହୋଇଥିବେ । ତେବେ ସୁପ୍ରିମ୍‌କୋର୍ଟର ବରିଷ୍ଠ ଆଇନ୍‌ଜୀବୀ ବିନୟ କୁମାର ଗର୍ଗଙ୍କ କହିବା ଅନୁସାରେ ଅବିବାହିତ ପୁଅ-ଝିଅ ଏକାଠି ହୋଟେଲ୍‌ରେ ରହିବା ଏବଂ ପରସ୍ପର ସହମତିରେ ଶାରୀରିକ ସମ୍ବନ୍ଧ ରଖିବା ସେମାନଙ୍କର ମୌଳିକ ଅଧିକାର ଅଟେ । ହେଲେ ଦୁହେଁ ସାବାଳକ ହୋଇଥିବା ଦରକାର । ନଚେତ୍ ଆଇନ୍ ଦ୍ୱାରା ଦଣ୍ଡିତ ହେବେ । ସମ୍ବିଧାନ ଅନୁଚ୍ଛେଦ ୨୧ ଅନ୍ତର୍ଭୁକ୍ତ ମିଳିଥିବା ମୌଳିକ ଅଧିକାରରେ ଉଲ୍ଲେଖ ଅଛି ଯେ, ସ୍ୱ-ଇଚ୍ଛାରେ ଆଉ କାହା ସହ ରହିବା ଏବଂ ଶାରୀରିକ ସଂପର୍କ ରଖିବା ଆଇନ୍ ଅନୁଯାୟୀ ଏହା ଅପରାଧ ନୁହେଁ । ଏଥିପାଇଁ ବିବାହ ବନ୍ଧନରେ ବାନ୍ଧି ହେବା ବାଧ ବାଧକତା ନୁହେଁ । ଯଦି କୌଣସି ଯୋଡି ବିବାହ ନ କରି କୌଣସି ହୋଟେଲ୍‌ରେ ସାଥୀ ହୋଇ ରୁହନ୍ତି ତେବେ ଏହା ତାଙ୍କର ମୌଳିକ ଅଧିକାର ଅଟେ ବୋଲି ସୁପ୍ରିମ୍‌କୋର୍ଟ ପକ୍ଷରୁ ସ୍ପଷ୍ଟ ସୂଚନା କରାଯାଇଛି ।

### ପୋଲିସ୍ ଯଦି ହଇରାଣ କରିବେ ତେବେ କ'ଣ କରିବେ ଆପଣ ଜାଣନ୍ତୁ


ଯଦି ଅବିବାହିତା ଯୁବକ-ଯୁବତୀ ହୋଟେଲ୍‌ରେ ରହୁଛନ୍ତି ଏବଂ ପୋଲିସ୍ ଆସି ଆପଣଙ୍କୁ ହଇରାଣ କରେ ତେବେ ଏହା ତାଙ୍କ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଥିବା ବୋଲି ଗ୍ରହଣ କରାଯିବ ଆଉ ପୋଲିସ୍‌ର ଏଭଳି କାର୍ଯ୍ୟକଳାପ ବିରୁଦ୍ଧରେ ଆପଣ ସମ୍ବିଧାନର ଅନୁଚ୍ଛେଦ ୩୨ ଆଧାରରେ କିମ୍ବା ୨୨୬ ଆଧାରରେ ସିଧାସଳଖ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇପାରିବେ । ତେବେ ସେତିକି ନୁହେଁ ଉକ୍ତ ପୋଲିସ୍‌ଙ୍କ ବିରୁଦ୍ଧରେ ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିପାରିବେ । ଏଥିସହିତ ହିଁ ପୀଡିତ କପୁଲ୍‌ଙ୍କ ନିକଟରେ ମାନବାଧିକାର ଆୟୋଗରେ ଅଭିଯୋଗ କରିବାର ମଧ ବିକଳ୍ପ ରହିଛି । କାରଣ ଅବିବାହିତା ପୁଅ ଏବଂ ଝିଅ ହୋଟେଲ୍‌ରେ ଏକାଠି ରହିବା କୌଣସି ଅପରାଧ ନୁହେଁ । ତେଣୁ ପୋଲିସ୍ ନିକଟରେ ଅବିବାହିତା କପୁଲ୍‌ଙ୍କୁ ହଇରାଣ କିମ୍ବା ଗିରଫ କରିବାକୁ କୌଣସି ଅଧିକାର ନାହିଁ ।

# ଜିଓ ଲଞ୍ଚ କରିବ ଡିଜିଟାଲ କରେନ୍ସି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତୀୟ ରିଜର୍ଭ ବ୍ୟାଙ୍କ ଜିଓ ଆଗକୁ ଲଂଚ କରିବାକୁ ଯାଉଛି ଡିଜିଟାଲ କରେନ୍ସି । ଏଥିପାଇଁ ବ୍ୟାଙ୍କ କାର୍ଯ୍ୟକୁ ତ୍ୱରିତ କରିଥିବା ଜଣାପଡିଛି । ଏଥିପାଇଁ ଜିଓ ଏକ ପ୍ଲାନ ପ୍ରସ୍ତୁତ କରିଥିବା ଏକ ରିପୋର୍ଟରୁ ଜଣାପଡିଛି । ଆନ୍ତର୍ଜାତୀୟ ଖବର ସରାବରାହ ସଂସ୍ଥା ରୟେଟର୍ସର ଏକ ରିପୋର୍ଟ ନିକଟରେ ପ୍ରକାଶ ପାଇଛି । ଯେଉଁଥିରେ ଉଲ୍ଲେଖ ରହିଛି କି, ଭାରତୀୟ ଷ୍ଟେଟ ବ୍ୟାଙ୍କ ବା ଏସବିଆଇ ବ୍ୟାଙ୍କିଙ୍ଗ ଆଣ୍ଡ ଇକୋନୋମିକ କନକ୍ଲେଭରେ କେନ୍ଦ୍ରୀୟ କମିଟି ଯୋଗ ଦେଇଥିଲେ । ତନ୍ମଧ୍ୟରୁ ଜଣେ ବରିଷ୍ଠ ଅଧିକାରୀ ଏନେଇ ସୂଚନା ଦେଇଛନ୍ତି । ରିଜର୍ଭ ବ୍ୟାଙ୍କର ଦେୟ ଓ ସମାଧାନ ବିଭାଗର ମହାପ୍ରବନ୍ଧକ ପି. ବାସୁଦେବନ ବିଜନେଓ ଷ୍ଟାର୍ଣ୍ଣାର୍ଡ଼ ଲେଖିଛନ୍ତି କି, ଆଗାମୀ ବର୍ଷ ପ୍ରାରମ୍ଭରେ ଦେଶରେ ଡିଜିଟାଲ କରେନ୍ସି ଲାଗୁ ହୋଇଯିବ । ଏହାକୁ ନେଇ ସେ ବିଶେଷ ଭାବେ ଚିନ୍ତିତ ବୋଲି




ଉଲ୍ଲେଖ କରିଛନ୍ତି । ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଆଗାମୀ ବର୍ଷ ସେଣ୍ଟ୍ରାଲ ବ୍ୟାଙ୍କ ଡିଜିଟାଲ କରେନ୍ସି ଲଂଚକରିପାରେ । ଏନେଇ ଜିଓ ଗର୍ଭନର ଶକ୍ତିକାନ୍ତ ଦାସ ମଧ୍ୟ ପ୍ରସ୍ତୁତ କରୁଛନ୍ତି ବ୍ଲୁ ପ୍ରିଣ୍ଟ । କିନ୍ତୁ ନିର୍ଦ୍ଦିଷ୍ଟ ଭାବେ ଏପର୍ଯ୍ୟନ୍ତ ସରକାରୀ ଭାବେ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

ନଭେମ୍ବର ୨୨ ରୁ ୨୮, ୨୦୨୧, ଜଗତସିଂହପୁର

November 22 to 28, 2021, Jagatsinghpur

www.samparkabarta.in



## ବାଦାମବାଡ଼ି ଫୁଟ୍ ଓଭରବ୍ରିଜ୍ ପ୍ରେମୀଯୁଗଳଙ୍କ ଅବସର ସମୟ

# ଅସାମାଜିକଙ୍କ ଆଡ୍ଡାସ୍ଥଳୀ

**କଟକ(ସଂପର୍କବାର୍ତ୍ତା):-** କଟକ ସହରର ବ୍ୟସ୍ତବହୁଳ ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ନିକଟରେ ନିର୍ମାଣ ହୋଇଥିବା ଫୁଟଓଭର ବ୍ରିଜଟି ବିଶେଷ କାମରେ ଲାଗୁ ନ ଥିବା ଜଣାପଡ଼ିଛି। ଏହି ଫଟି ଓଭରବ୍ରିଜ ଉପରେ ଦେଇ ରାସ୍ତା ପାରି ହେବା ଅପେକ୍ଷା ଅଧିକାଂଶ ଲୋକ ଡିଭାଇଡ଼ର ଡେଇଁ ଅବା ଡିଭାଇଡ଼ରରେ ଥିବା ଗଳା ବାଟ ଦେଇ ରାସ୍ତା ପାରି ହେଉଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଏପରିକି ଲୋକେ ବିପଦପୂର୍ଣ୍ଣ ଢଙ୍ଗରେ ଡିଭାଇଡର ଦେଇ ରାସ୍ତା ଅତିକ୍ରମ କରୁଥିଲାବେଳେ ଏହି ଓଭରବ୍ରିଜ ଚଢ଼ି ଯିବାଆସିବା କରୁନାହାନ୍ତି। ଏହି ଓଭରବ୍ରିଜ ଉପରେ ଅସାମାଜିକ ଯୁବକମାନେ ଖଟି କରୁଥିବା ଏହି ଫୁଟ ଓଭରବ୍ରିଜ ଉପରେ ପ୍ରେମୀଯୁଗଳ ବି ଅବସର ସମୟରେ ବିତାଉଥିବାର ଦେଖିବାକୁ ମିଳୁଛି।

ସୂଚନାଥାଉକି ୨୦୧୧ ରେ ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟରେ ଏହି ଫୁଟଓଭର ବ୍ରିଜ ନିର୍ମାଣ ହୋଇଥିଲା। ଫଉଟଓଲବ୍ରିଜର ପାଦ ଦେଶରେ ଏହା ପାହାଚ ତଳ ଅବ୍ୟବହୃତ ଅଞ୍ଚଳକୁ ଉଠାଦୋକାନୀମାନେ କବଜା କରିଥିବା ଦେଖାଯାଇଛି। ବାଦାମବାଡ଼ି ବସ୍‌ଷ୍ଟାଣ୍ଡ ଠାରୁ ପ୍ରାୟ ୨୦୦ ମିଟର ଦୂରେ ଏହି ଫୁଟଓଭର ବ୍ରିଜ ନିର୍ମାଣ କରାଯାଇଥିଲା। ଏକ ସମୟରେ ଲୋକେ ଡିଭାଇଡ଼ର ଡେଇଁ ଯାଆସ କରଉଥିବାର ଡିଭାଇଡ଼ର ଉଚ୍ଚତାକୁ ଦୁଇଗୁଣା କରିଦିଆଯାଇଥିଲା। ପ୍ରାୟ ୫ ଫୁଟ ଉଚ୍ଚର ଡିଭାଇଡ଼ର ରେଲିଂ ରହିଥିଲେ ବି ଏହାକୁ ଡେଇଁ ଯିବାରେ କେତେକ ପ୍ରତିଦିନ ସକ୍ଷମ ହୋଇଛନ୍ତି। ସେହିପରି ଫୁଟଓଭର ବ୍ରିଜ ରହିଥିବା ସ୍ଥଳେ କାହିଁକି ଏହି ଡିଭାଇଡର ଅନେକ ସ୍ଥାନରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜଣେ ଗଳିକରି ଯିବା ଭଳି ବାଟ ଡିଭାଇଡରେ ଛଡ଼ା ଯାଇଥିବାରୁ ଲୋକେ ଏହି ବାଟ ଦେଇ ଯାଉଛନ୍ତି। ଅଯଥାରେ ୭୫ ଫୁଟ ଉଚ୍ଚ ଫୁଟ ଓଭର ବ୍ରିଜର ପାହାଚ ଚଢ଼ି ଯିବା ପାଇଁ ଉଚିତ ମଣୁନାହାନ୍ତି। ଅନ୍ୟପଟରେ ସ୍ଥାନୀୟ କମଳପୁର ଅଧିବାସୀ ଅକ୍ଷୟ କୁମାର ବେହେରାଙ୍କ କହିବାନୁସାରେ ଏହି ଫୁଟ ଓଭରବ୍ରିଜ ଯଦି ସିଧା ବାଦାମବାନି ସରକାରୀ ବସଷ୍ଟାଣ୍ଡକୁ ସଂଯୋଗ କରିଥାନ୍ତା। ଯାତ୍ରୀମାନେ ବସଷ୍ଟାଣ୍ଡ ସିଧା ଡିଭାଇଡ଼ରର ଗଳା ବାଟରେ ଅଥବା ଡିଭାଇଡ଼ର ଡେଇଁ କରି ଯାଉଛନ୍ତି। ଫଳରେ ଏଥିଲାଗି ଫୁଟଓଭରବ୍ରିଜ ବେଶୀ ବ୍ୟବହାର କରାଯାଉନାହିଁ। ଗୋଟିଏ ପଟରେ ବାଦାମବାଡ଼ି ସରକାରୀ ବସଷ୍ଟାଣ୍ଡ ଥିଲା ବେଳେ ଅପରପାର୍ଶ୍ୱରେର ହିଛି ଅନୁଗୁଳ-ପାରାଦ୍ୱୀପ ବସଷ୍ଟାଣ୍ଡ ଓ ପୁରୀ ଭୁବନେଶ୍ୱର ବସଷ୍ଟାଣ୍ଡ। ଅନେକ ସମୟରେ ଏହା ଦୁର୍ଘଟଣାର କାରଣ ହେଉଛି। କଟକ ସହରର ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ପରିଗଣିତ ବାଦାମବାଡ଼ି-ମଧୁପାଟଣା ରାସ୍ତାରେ ପ୍ରାୟ ଅଢ଼େଇ କିଲୋମିଟର ବ୍ୟାପୀ ଡିଭାଇଡରୁ ଗତ ୯ ବର୍ଷ ପୂର୍ବେ ଅଧିକ ଉଚ୍ଚତା ବିଶିଷ୍ଟ କରାଯାଇଥିଲା। ତେବେ ବାଦାମବାଡ଼ି ଫୁଟଉଭରବ୍ରିଜ ଦେଇ ଯିବାକୁ ହେଲେ ଅଧିକ ବାଟ ଅତିକ୍ରମ କରିବାକୁ ପଡୁଥିବାରୁ ଏହା ଉପରେ ବେଶୀ ଲୋକଙ୍କ ପାଦ ପଡୁନାହିଁ।

## ଅଲଣାହାଟ ଛକରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଅଣ୍ଡାମାଡ



**ଜଗତସିଂହପୁର / ନଉଗାଁ(ସଂପର୍କବାର୍ତ୍ତା):-** କେନ୍ଦ୍ର ଜଳଶକ୍ତି ଏବଂ ଆଦିବାସୀ ବ୍ୟାପାର ରଷ୍ଟ୍ରମନ୍ତ୍ରୀଙ୍କୁ ହୋଇଛି ଅଣ୍ଡାମାଡ । କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କୁ ଅଲଣାହାଟ ନିକଟରେ ଅଣ୍ଡାମାଡ ସାଙ୍ଗକୁ ପତାକା ପ୍ରଦର୍ଶନ କରାଯାଇଛି । ନଉଗାଁ ଅଙ୍ଗେଶ୍ୱରପଡା ସ୍କୁଲ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ଏଭଳି ଅଣ୍ଡାମାଡ ହୋଇଛି । ବିଭିନ୍ନ ପ୍ରକାରର କାରଣକୁ ନେଇ ପ୍ରତିବାଦରେ ହୋଇଛି ଅଣ୍ଡାମଡ । ଖାଲି ସେତିକି ନୁହେଁ କଙ୍ଗନାଙ୍କ ବିବାଦିୟ ବୟାନକୁ ନେଇ କେନ୍ଦ୍ର ସରକାର ତାଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଫେରସ୍ତ ନେବା ଦାବିରେ ଅଣ୍ଡାମାଡ କରିଛି । ଛାତ୍ର କଂଗ୍ରେସ ଦେଶରେ ହୁହୁ ହୋଇ ବଢି ଚାଲିଥିବା ଦରଦାମ ବୃଦ୍ଧି, ଉତ୍ତର ପ୍ରଦେଶରେ କେନ୍ଦ୍ରମନ୍ତ୍ରୀଙ୍କ ପୁଅ କୃଷକଙ୍କୁ ଗାଡି ମଡାଇ ହତ୍ୟା କରିଥିବା ପ୍ରତିବାଦରେ ହୋଇଛି । ଅଣ୍ଡାମଡା ଖାଲି ସେତିକି ନୁହେଁ କଙ୍ଗନାଙ୍କ ବିବାଦିୟ ବୟାନକୁ ନେଇ କେନ୍ଦ୍ର ସରକାର ତାଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଫେରସ୍ତ ନେବା ଦାବିରେ ଅଣ୍ଡାମାଡ କରିଛି ଛାତ୍ର କଂଗ୍ରେସ୍ । ଗସ୍ତକୁ ବିରୋଧ କରି ଛାତ୍ରକଂଗ୍ରେସ ରାଜ୍ୟ ଉପସଭାପତି ସୁନିଲ କୁମାର ମାଟିଆଙ୍କ ନେତୃତ୍ୱରେ ଜିଲ୍ଲା ଛାତ୍ର କଂଗ୍ରେସ କଳାପତକା ସହିତ ଅଣ୍ଡାମାଡ ଓ ବିରୋଧ ପ୍ରଦର୍ଶନ କରିଥିଲେ।

# ଓଡିଶାକୁ ଲମ୍ବିଛି ଅଶ୍ଳୀଳ ଭିଡିଓର ଚେର

## ଢେଙ୍କାନାଳ,ଭଦ୍ରକ ଓ ଯାଜପୁରରେ ଘୁରି ବୁଲୁଛି ଭିଡିଓ


**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡିଶାକୁ ବି ଲମ୍ବିଛି ଅନଲାଇନରେ ଶିଶୁଙ୍କୁ ଯୌନ ଶୋଷଣର ଚେର । ଢେଙ୍କନାଳ, ଭଦ୍ରକ, ଯାଜପୁରରୁ ଅନ୍ୟସ୍ଥାନକୁ ଘୁରି ବୁଲୁଥିଲା ଅପ୍ରାପ୍ତବୟସ୍କ ପିଲାଙ୍କ ଅଶ୍ଳୀଳ ଭିଡିଓ । ଗତକାଲି ଏହି ସ୍ଥାନରେ ଚଢାଉ କରି ଘଟଣା ସଂପୃକ୍ତ ଥିବା ୩ଜଣଙ୍କୁ ପଚରାଉଚରା କରିଛି ସିବିଆଇ ଟିମ୍ । ଏମାନେ ହେଲେ ଢେଙ୍କନାଳର ସୁରେନ୍ଦ୍ର ନାୟକ, ଯାଜପୁର ଜିଲ୍ଲା କୋରେଇ ବ୍ଲକର ଅନୀଲ ମାଝି ଓ ଭଦ୍ରକ ବନ୍ତ ବ୍ଲକର ଅଟୋ ଚାଳକ ମନୋଜ ଦାସ । ସୁରେନ୍ଦ୍ର ନାୟକ ୨ମାସ ପୂର୍ବରୁ ଏହି ଗ୍ରୁପରେ ସାମିଲ ହୋଇଥିଲେ । ଅପ୍ରପ୍ତବୟସ୍କ ପିଲାଙ୍କ ଅଶ୍ଳୀଳ ଭିଡିଓ ପଠାଇବା ଲାଗି ତାଙ୍କୁ ସପ୍ତାହକୁ ମିଳୁଥିଲା ୨୧ଡଲାର ସୁରେନ୍ଦ୍ରଙ୍କୁ ପୁଲିସ୍ ଗିରଫ କରିଛି । ସେହଭଳି ଅନୀଲ ମାଝିଙ୍କୁ ବି ପଚାରଉଚରା ହୋଇଛି । ତା ମୋବାଇଲ ଫୋନକୁ ଜବତ କରିଛି ପୁଲିସ । ସିଟିଆଇ ଅନୀଲଙ୍କ ବ୍ୟାଙ୍କ ଆକାଂଉଟକୁ ଜବତ କରିବା ସହ ଏଥିରେ ବିଦେଶୀ ଲିଙ୍କ ଥିବା କଥା ଜାଣିବାକୁ ପାଇଛି ପୁଲିସ । ସ୍ଥାନୀୟ ପାଣିକୋଇଲି ଥାନାରେ ଏତଲା ବି ଦାୟର ହୋଇଛି । ସେହିଭିଳ ମନୋଜ ଦାସ ବ୍ୟବହାର କରୁଥିବା ବିଭିନ୍ନ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଓ ମୋବାଇଲକୁ ଜବତ କରି ଯାଂଚ କରିଛି ସିବିଆଇ । ପୂର୍ବରୁ ମନୋଜ ବେଙ୍ଗାଲୁରୁରେ ରହୁଥିଲା କୋଭିଡ ସମୟରେ ଘରକୁ ଆସି ଅଟୋ ଚଳାଉଥିଲେ । ତେବେ ଏଥିରେ ମନୋଜଙ୍କ ସହ ଆଉ କାହାର ସଂପୃକ୍ତି ଅଛି, ସେ ନେଇ ଖୋଳତାଡ କରିଛି ପୁଲିସ । ୧. ଶିଶୁଙ୍କ ସହ ଜଡିତ ଯେକୌଣସି ଯୌନ ସମ୍ବନ୍ଧୀୟ ଡିଜିଟାଲ ବା କମ୍ପ୍ୟୁଟର ବିଷୟବସ୍ତୁ ଶିଶୁ ନିର୍ଯାତନା ଅଧିନରେ ଆସିବ। ୨. ଶିଶୁ ନିର୍ଯାତନା ସଂପର୍କିତ ଭିଡିଓ ପ୍ରସାରଣ କଲେ ଜରିମାନ ସହ ଦଣ୍ଡ ବ୍ୟବସ୍ଥା। ୩. ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହ ଜରିମାନା ବ୍ୟବସ୍ଥା। ୪. ପ୍ରଥମ ଅପରାଧ ପାଇଁ ଅତି କମରେ ୫ହାଜର ଟଙ୍କା ଜରିମାନା। ୫. ବାରମ୍ବାର ଭିଡିଓ ପୋଷ୍ଟ କରି ଡିଲିଟ୍ କଲେ ୧୦ହାଜର ଫାଇନ୍। ୬. ୧୨ବର୍ଷରୁ କମ୍ ନାବାଳିକାଙ୍କ ସହ ଦୁଷ୍କର୍ମ କଲେ ମୃତ୍ୟୁଦଣ୍ଡର ବ୍ୟବସ୍ଥା । ୭. କୌଣସି ବିଶେଷ ପରିସ୍ଥିତି ନଥିଲେ ବର୍ଷେ ମଧ୍ୟରେ ମାମଲା ଶେଷ ହେବ। ୮. ସେପଟେ ସିବିଆଇ ଟିମ ଉପରେ ଆକ୍ରମଣ ପରେ ଢେଙ୍କାନାଳରେ ଜୁବୁଲି ଟାଉନ କଲୋନୀ ସାହି ବାସିନ୍ଦା ଭୟରେ ଘର ଛାଡି ଲୁଚିଛନ୍ତି । ଏ ନେଇ ପୁଲିସ କହିଛି ପକ୍ଷରୁ ଏନେଇ କୌଣସି ମାମଲା ରୁଜୁ ହୋଇନାହିଁ । ସୁରେନ୍ଦ୍ର ୨ମାସ ହେବ ଏକ ୱେବ୍‌ସାଇଟରୁ ଅଶ୍ଳୀଳ ଭିଡିଓ ଡାଉମଲୋଡ କରି ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ । ଏଥିପାଇଁ ୨୨ ଆମେରିକୀୟ ଡଲାର ସୁରେନ୍ଦ୍ରଙ୍କ ଢେଙ୍କନାଳ ଇଣ୍ଡିଆନ ବ୍ୟାଙ୍କକୁ ଆସିଛି ।

## ଗୌତମବୁଦ୍ଧ ଦାସ ହେଲେ ବିଜେଡି ମିଡିଆ ପ୍ୟାନେଲିଷ୍ଟ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବରିଷ୍ଠ ସାମ୍ବଦିକ ଗୌତମବୁଦ୍ଧ ଦାସ ବିଜୁ ଜନତା ଦଳରେ ଯୋଗଦାନ କରିବା ପରେ ତାଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏ ସଂକ୍ରାନ୍ତରେ ଏକ ପ୍ରେସ ବିବୃତି ଜରିଆରେ ଗଣମାଧ୍ୟମ ବ୍ୟାପାର ସାଧାରଣ ସମ୍ପାଦକ ମାନସ ରଜନ ମଙ୍ଗରାଜ ଜଣାଇଛନ୍ତି ଯେ, ଗୌତମବୁଦ୍ଧ ଦାସ, ଲୋରା ମହାପାତ୍ର ଓ ସ୍ୱାଗତିକା ମହାନ୍ତିଙ୍କୁ ବିଜେଡିର ମିଡିଆ ପାନେଲିଷ୍ଟ ଭାବେ ନିଯୁକ୍ତ କରାଯାଇଛି ଏହିନେତା ନେତ୍ରୀମାନେ ଟିଭି ବିତର୍କରେ ବିଜେଡି ପକ୍ଷରୁ ଅଂଶଗ୍ରହଣ କରିପାରିବେ । ପୂର୍ବରୁ ପ୍ରତାପ ଦେବ ଚନ୍ଦ୍ରଶେଖର ସାହୁ ରମେଶ ଚନ୍ଦ୍ର ମାଝୀ, ସ୍ନେହାଗିନୀ ଛୁରୀଆ, ବ୍ୟୋମକେଶ ରାୟ, ରାସେଶ୍ୱରୀ ପାଣିଗ୍ରାହୀ କସ୍ତୁରୀ ମହାପାତ୍ର, ଅନୁଭବ ପଟ୍ଟନାୟକ, ଲେନିନ ମହାନ୍ତି, ସଂଜୟ ବାବୁ ସୁଲତା ଦେଓ, ଶ୍ରୀମୟୀ ମିଶ୍ର, ଚିନ୍ମୟ ସାହୁ, ଏଲିନା ଦାସ ପ୍ରମୁଖଙ୍କୁ ମୁଖପାତ୍ର ଦାୟିତ୍ୱ ଦିଆଯାଇଥିଲା।

## ଭାରତରେ କରୋନା ବିପଦ କମ୍ ଆମେରିକା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶରେ କରୋନା ସଂକ୍ରମଣ କମ୍ ରହୁଥିବାରୁ ଆମେରିକାର ସିଡିସି (ରୋଗ ନିୟନ୍ତ୍ରଣ ଏବଂ ନିରାକରଣ କେନ୍ଦ୍ର) ଭାରତରେ କରୋନା ବିପଦ କମ୍ ଥିବା କହିଛି ।ଭାରତ ପାଇଁ ଆମେରିକା ସିଡିସ୍ ଲେବଲ୍-୧ବିପଦ ଜାରି କରିଛି ବୋଲି ଆମେରିକା ବିଦେଶ ବିଭାଗ ପକ୍ଷରୁ କୁହାଯାଇଛି ।ଆମେରିକାର ଏକ ଭ୍ରମଣ ନିର୍ଦ୍ଦେଶାବଳିରେ ଏହା କୁହାଯାଇଥିଲା ଯେ , ସଂପୂର୍ଣ୍ଣ ଟିକା ନେଇଥିବା ଲୋକଙ୍କ ପାଇଁ ଭାରତରେ ସଂକ୍ରମଣର ଆଶଙ୍କା ଖୁବ୍ କମ୍ । ଭାରତ ଯାଉଥିବା ଆମେରିକା ଯାତ୍ରୀଙ୍କ ସିଡିସି ଦିଆଯାଇଥିବା ସୂଚନା ଅନୁଯାୟୀ ଭାରତ ଯିବା ପୂର୍ବରୁ ସମ୍ପୂର୍ଣ୍ଣ ଟିକା ନେଇଥିବା ଜରୁରୀ । ଏଥିସହ ମାସ୍କ ପିନ୍ଧିବା ଓ ଅନ୍ୟାନ୍ୟ କରୋନା କଟକଣା ପାଳନା କରିବାକୁ ପଡିବ।




ଅନ୍ୟପକ୍ଷେ ଦେଶରେ ଗତ ୨୪ଘଣ୍ଟାରେ ୧୦,୩୦୨ନୂଆ ସଂକ୍ରମଣ ମାମଲା ଚିହ୍ନଟ ହୋଇଛି । ଏବଂ ୨୬୭ ଜଣଙ୍କ କରୋନାରେ ମୃତ୍ୟୁ ହୋଇଛି । ଦେଶରେ ମୋଟ୍ ମୃତ୍ୟୁ ହୋଇଛି। ଦେଶରେ ମୋଟ୍ ମୃତ୍ୟୁ ସଂଖ୍ୟା ୪୬୫,୩୪୯ରେ ପହିଚଂଛି । ଆରୋଗ୍ୟ ହାର ୯୮.୨୯ ପ୍ରତଶତ ରହିଛି ।ମାର୍ଚ୍ଚ ୨୦୨୦ ପରେ ବର୍ତ୍ତମାନର ଆରେଗ୍ୟ ହାର ସବୁଠାରୁ ଅଧିକ ଗତ ୨୪ଘଣ୍ଟାରେ ୧୧,୭୮୭ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।ଦେଶରେ ସକ୍ରିୟ ମାମଲା ଏବେ ୧,୨୪,୮୬୮ ରହିଛି । ୫୩୧ ଦିନରେ ଏହା ସବୁଠାରୁ କମ୍। ଦେଶରେ ଦୈନିକ ପଜିଟିଭ୍ ହାର ହ.୯୬ ପ୍ରତିଶତ ଏବଂ ସାପ୍ତହିକ ପିଜିଭ୍ ହାର ୦.୯୩ପ୍ରତିଶତ। ୨ମାସ ଧରି ଉଭୟ ଦୈନିକ ଏବଂ ସାପ୍ତାହିକ ପିଜିଟିଭ୍ ହାର ୨ପ୍ରତିଶତ ତଳେ ରହିଛି।

# କୃଷି ବିଲ୍‌ରେ ବିଜେଡି ଅସ୍ପଷ୍ଟ

**ଭୁବନେଶ୍ୱର,୨୧/୧୧ ;** କେନ୍ଦ୍ର ସରକାରଙ୍କ ପଦାଙ୍କ ଅନୁସରଣ କରି ବିବାଦୀୟ ୩କୃଷି ଆଇନ ଢାଂଚାରେ ରାଜ୍ୟ ସରକାର ଓଡିଶା କୃଷିଜାତ ଦ୍ରବ୍ୟ ଓ ବିପଣନ (ବିକାଶ ଓ ସୁଗମତା) ବିଲ୍ -୨୦୨୦ ଆଣିବାକୁ ଯୋଜନା କରିଥିଲେ ।ରାଜ୍ୟ ସରକାରଙ୍କ ପକ୍ଷରୁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ୨୦୨୦ ନଭେମ୍ବର ୨୫ରେ ବିଧାନସଭାରେ ଉକ୍ତ ବିଲ୍ କୁ ଉପସ୍ଥାପନ କରିଥିଲେ। ତେବେ ବିରୋଧୀ ଦଳ ପ୍ରତିବାଦ ଏବଂ ଚାଷୀଙ୍କ ବିରୋଧକୁ ଦେଖି ରାଜ୍ୟ ସରକାର ସେହି ବିଲ୍ଲ କୁ ଅଧିକ ଆଲୋଚନା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଇଛନ୍ତି ।ଏନେଇକୃଷି ଆଇନକୁ ନେଇ ଦେଶରେ ପାଣିପାଗ ବଦଳିଛି। ଦେଶବ୍ୟାପୀ କୃଷିକମାନଙ୍କର ପ୍ରବଳ ବିରୋଧୀ ଦଳ ପ୍ରତିବାଦ ଏବଂ ଚାଷୀଙ୍କ ବିରୋଧକୁ ଦେଖି ସରକାର ସେହି ବିଲ୍ କୁ ଅଧିକ ଆଲୋଚନା ପାଇଁ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠାଇଛନ୍ତି ।ବିରୋଧ ସହ ଉତ୍ତର ପ୍ରଦେଶ ଏବଂ ପଞ୍ଜାବ ସମେତ ୫ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନେ ହାରିଯିବା ଭୟରେ କେନ୍ଦ୍ର ସରକାର ମୁଣ୍ଡ ନୁଆଁଠାଇଛନ୍ତି ।।୩କୃଷି ଆଇନକୁ ପ୍ରତ୍ୟାହାର କରାଯିବା ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଘୋଷଣା କରିଛନ୍ତି ।କେନ୍ଦ୍ର ୟୁ -ଟର୍ନ କରିଥିବବେଳେ ରାଜ୍ୟ ସରକାର ଉପରୋକ୍ତ ବିଲ୍‌କୁ ନେଇ ଅଡୁଆରେ ପଡିଛନ୍ତି । ଏସମ୍ପର୍କରେ ପ୍ରତିକ୍ରୟା ଦେଇ ସରକାର ଉକ୍ତ ବିଲ୍ ଅକାମୀ ହୋଇଯାଇଛି। କେନ୍ଦ୍ର ନୂଆ ପ୍ରସ୍ତାବ ଆଣିବା ପରେ ତାହାକୁ ରାଜ୍ୟ ସରକାର ବିଚାର କରିବେ କେନ୍ଦ୍ର ସରକାର ଙ୍କ ଫାର୍ମର୍ସ ପ୍ରଡ୍ୟୁସ୍ ଟ୍ରେଡ୍ ଆଣ୍ଡ କମର୍ସ (ପ୍ରମୋଶନ ଆଣ୍ଡ ଫାସିଲିଟେଶନ ) ବିଲ୍ -୨୦୨୦କୁ ଅନୁକରଣ କରି ରାଜ୍ୟ ସରକାର ଉକ୍ତି ବିଲ୍ କୁ ପ୍ରସ୍ତୁତ କରିଥିବା ବିରୋଧି ଦଳ ଅଭିଯୋଗ କରିଛନ୍ତି ।ଏହିବିଲ୍ ଆଇନରେ ପରିଣତ ହେଲେ କୃଷିଜାତ ଦ୍ରବ୍ୟ ଖରିଦ ବିକ୍ରିରେ ସାମିଲ ହୋଇଥିବା ସରକାରୀ ସଂସ୍ଥା ହଟିଯିବେ ।ସମଗ୍ର ରାଜ୍ୟ ପାଇଁ ଏକକ ବଜାର ଲାଇସେନ୍ସ ବ୍ୟବସ୍ଥା ଲାଗୁ ହେବା ଅନ୍ୟ ଅର୍ଥରେ କହିବାକୁ ଗଲେ କୃଷିକ୍ଷେତ୍ର ରେ ଘରୋଇକରଣ କରାଯିବ ।ଜଣେ ଲାଇସେନ୍ସ ପାଇଥିବା ବେପାରୀ ରାଜ୍ୟର ଯେକୌଣସି ସ୍ଥାନରୁ କୃଷି ଉତ୍ପାଦିତ ଦ୍ରବ୍ୟ କ୍ରୟ କରିପାରିବେ କେବଳ ସେତିକି ନୁହେଁ , ରାଜ୍ୟ ବାହାର ବେପାରୀ ମଧ୍ୟ ରାଜ୍ୟରେ ନିଜର ବାଣିଜ୍ୟ କାରବାର କରିପାରିବେ ।ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏହି ଦୋମୁହାଁ ନୀତିକୁ ଭାଜପା ଓ କଂଗ୍ରେସ ସମାଲୋଚନା କରିଛନ୍ତି। ଭାଜପା ବରିଷ୍ଠ ନେତା ବିଷ୍ଣୁପଦ ସେଠୀ କହିଛନ୍ତି ।ବିଜେଡି ଏକ ସୁବିଧାବାଦୀ ଦଳ । ପାର୍ଲାମେଣ୍ଟରେ ଗୋଟିଏ କଥା କହୁଥିବା ବେଳେ ରାଜ୍ୟରେ ଆଉ ଗୋଟିଏ କଥା କହୁଛି। କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ କହିଛନ୍ତି ରାଜ୍ୟ ସରକାର କେନ୍ଦ୍ର ନିର୍ଦ୍ଦେଶରେ ପରିଚାଳିତ ହେଉଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଏକ ଗୁପ୍ତ ବୁଝାମଣା ରହିଛି। କୃଷି ଆଇନ ଉଭୟଙ୍କ ମୁଖା ଖୋଲିଦେଇଛି। ବର୍ତ୍ତମାନ ଭାଜପା ଓ ବିଜେଡି ପରସ୍ପରକୁ ଦୋଷ ଦେଇ ଚାଲିଛନ୍ତି ।କଂଗ୍ରେସ ଦେଇ ଚାଲିଛନ୍ତି ।କଂଗ୍ରେସ ଚାଷୀଙ୍କ ସହ ରହିଛି। ।ଯେ ପର୍ଯ୍ୟନ୍ତ କୃଷି ଆଇନ ରଦ୍ଦ ନ ହୋଇଛି ସେ ପର୍ଯ୍ୟନ୍ତ କଂଗ୍ରେସ ବିରୋଧ ଜାରି ରଖିବ ବୋଲି ସେ କହିଛନ୍ତି।

# CMCରେ ମୃତକଙ୍କ ନାଁରେ ଉଠୁଛି ଭତ୍ତା

**କଟକ(ସଂପର୍କବାର୍ତ୍ତା):-** ମହାନଗର ନିଗମରେ ଭୂତ ନାମରେ ବାର୍ଦ୍ଧକ୍ୟ ଭତ୍ତା ଉଠୁଛି। ନିଗମର ଓବାର୍ଡ଼ ନଂ ୧ ଓ ୨ରେ ଭୂତ ଭତ୍ତା ନେବାର ଚିତ୍ର ପଦାକୁ ଆସବା ପରେ ଏବେ ୨୨ ନମ୍ବର ୱାର୍ଡ଼ରେ ସମାନ ଘଣା ଦେଖିବାକୁ ମିଳୁଛି। ସୂଚନା ଅଧିକାର ଆଇଡ଼ ବଳରେ ମଗାଯାଇଥିବା ତଥ୍ୟରେ ୱାଡ଼ଁର ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠୁଥିବା ଜଣାପଡ଼ିଛି। ୱାର୍ଡ଼ର ଏକାଧିକ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠୁଥିବା ବେଳେ ସେମାନଙ୍କ ମଧ୍ୟରୁ ଅନେକଙ୍କର ୬ ମାସ ପୂର୍ବରୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରେ ଏଭଳି ଅବିଶ୍ୱସନୀୟ କଥା ସାମ୍ନାକୁ ଆସିଛି। ସିଏମ୍‌ସି ୨୨ ନମ୍ବର ୱାର୍ଡ଼ରେ ୪୧୯ ଜଣ ଭତ୍ତା ନେଉଥିବା ବେଳେ ଭତ୍ତା ବଣ୍ଟନରେ ଅନିୟମିତତା ହେଉଥିବା ବେଳେ ଭତ୍ତା ବଣ୍ଟନରେ ଅନିୟମିତତା ହେଉଥିବା ଦେଖିବାକୁ ମିଳିଛି। ସୂଚନା ଅଧିକାର ଆଇନ ବଳରେ ଗତ ଅକ୍ଟୋବର ୭ ତାରିଖରେ ସିଏମ୍‌ସିରୁ ମିଳିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ୱାଡ଼ର ବସନ୍ତ ସ୍ୱାଇଁଙ୍କର ଗତ ଜୁନ ୧୦ ତାରିଖରେ କରୋନାର ମୃତ୍ୟୁ ଘଟିଥିଲା। ଏହା ମଧ୍ୟରେ ୬ ମାସ ବିତି ଯାଇଥିଲେ ବି ଭତ୍ତା ତାଲିକାରୁ ତାଙ୍କ ନାମ କଟାଯାଇ ନଥିବାବେଳେ ତାଙ୍କ ନାମରେ ଭତ୍ତା ଉଠୁଥିବା ଆରଟିଆଇ ତଥ୍ୟରୁ ସୂଚନା ମିଳିଛି। ସେହିପରି ୱାର୍ଡ଼ର କେ. ଆପ୍ପାରାଓଙ୍କର ୯ ମାସ ତଳେ ମୃତ୍ୟୁ ଘଟିଥିବା ବେଳେ ଜୀବନବୀମା ବାବଦ ଟଙ୍କା ମଧ ତାଙ୍କ ପରିବାର ସଦସ୍ୟ ପାଇ ସାରିଲେଣି। ହେଲେ ତାଙ୍କ ନାମରେ ସିଏମ୍‌ସିରୁ ଭତ୍ତା ଟଙ୍କା ଉଠୁଛି। ୱାର୍ଡ଼ର ରତୁମୁଲ ବାରୋଡ଼ିଆ ଓ ତାଙ୍କ ପତ୍ନୀ



ପୁଷ୍ପାଦେବୀ ବାରୋଡ଼ିଆଙ୍କ ମୃତ୍ୟୁ ଯଥାକ୍ରମେ ୮ ମାସ ଓ ୩ ମାସ ତଳେ ହୋଇଥିଲା। ହେଲେ ସେମାନଙ୍କର ନାମରେ ଭତ୍ତା ମିଳୁଥିବା ଜଣାପଡ଼ିଛି। ଜଣେ ବ୍ୟକ୍ତି ଲଗାତର ଭାବେ ୩ ମାସ ଭତ୍ତା ନ ନେଲେ ତାଲିକାରୁ କଟିଯବାର ନିୟମ ରହିଛି। ମାତ୍ର ସିଏମ୍‌ସିରେ ହିତାଧିକାରୀଙ୍କ ମୃତ୍ୟୁ ହେବାର ୯ ମାସ ପରେ ବି ସେମାନଙ୍କ ନାମ ତାଲିକାରୁ ନ କଟିବା ଓ ସେମାନଙ୍କ ନାମରେ ଉତ୍ତା ଉଠୁଥିବା ଭଳି ଘଟଣା ସୂଚନା ଅଧିକାର ଆଇନ ତଥ୍ୟରୁ ଜଣାପଡ଼ିଛି। ମୃତକଙ୍କ ନାମରେ ଭତ୍ତା ମିଳୁଥିବା ବେଳେ ତାଙ୍କ ପରିବାର ନିକଟରେ ଏହାର ସୂଚନା ନାହିଁ। ୱାର୍ଡ଼ର କେ. ଆପ୍ପାରାଓ, ରତୁମୁଲ ବାରୋଡ଼ିଆ ଓ ତାଙ୍କ ପତ୍ନି ପୁଷ୍ପାଦେବୀ ବାରୋଡ଼ିଆ, ରହିମ ବକ୍ସଙ୍କ ମୃତ୍ୟୁ ୨ରୁ ୯ ମାସ ମଧ୍ୟରେ ହୋଇଛି ବୋଲି ପୂର୍ବତନ କର୍ପୋରେଟର ଅନିତା ନାୟକ କହିଛନ୍ତି। ହେଲେ, ଏହି ସମସ୍ତ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଉଠୁଥିବା ସ୍ପଷ୍ଟ ହୋଇଯାଇଛି। ଏହାର ତଦନ୍ତ କରି ସିଏମ୍‌ସି ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଶ୍ରୀମତୀ ନାୟକ ଦାବି କରିଛନ୍ତି।

## ମୁଖ୍ୟମନ୍ତ୍ରୀ ସୁପାରିସ କଲେ ପୁରୀ ରେଳ ଷ୍ଟେସନ୍‌ର ନାଁ ବଦଳିବ-ରେଳ ମନ୍ତ୍ରୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଓଡିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱରଷ୍ଟ୍ର ମନ୍ତ୍ରାଳୟକୁ ବିଧିବଦ୍ଧ ଦେଲେ ପୁରୀ ରେଳ ଷ୍ଟେସନର ନାମ ବଦଳିବ । ପୁରୀ



ରେଳ ଷ୍ଟେସନ୍‌ର ନାମ ବଦାଳଇ ଏହାକୁ ଶ୍ରୀଜଗନ୍ନାଥ ଧାମ, ପୁରୀ କରିବାକୁ ଗତକାଲି ବିଜେପିର ଏକ ପ୍ରତିନିଧି ଦଳ ଓ ଅନ୍ୟ ସଂଗଠନର କର୍ମକର୍ତ୍ତା ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରେଳ ଭବନରେ ଭେଟି ଦାବି ଜଣାଇବା ଅବସରରେ ସେ ଏହି ସୂଚନା ଦେଇଛନ୍ତି।

## ଉମେଶଙ୍କ ପରଲୋକରେ ଶୋକ ବ୍ୟକ୍ତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପୂର୍ବତନ ବିଧାୟକଙ୍କ ଦେହାନ୍ତରେ ଶୋକ ପ୍ରକାଶ କଲେ ମୁଖମନ୍ତ୍ରୀ ନବୀନ ପଟ୍ଟନାୟକ। ବାଲିକୁଦାରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ପୂର୍ବତନ ବିଧାୟକ ଉମେଶଚନ୍ଦ୍ର ସାଇଁଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିଛନ୍ତି। ଉମେଶଙ୍କ ଆତ୍ମାର ସଦଗତି କାମନା କରିବା ସହ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ଟ୍ୱିଟ୍ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି, ବାଲିକୁଦା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଜନପ୍ରତିନିଧି ଭାବେ ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାର ସଦସ୍ୟଙ୍କ ପ୍ରତି ସମବେଦନା ଜଣାଉଛି ।

# ସମ୍ପାଦକୀୟ

## ରାମବାଣ

ମେଥି ଏମିତି ଏକ ମସଲା, ଯାହାକୁ ସମସ୍ତେ ଏହାକୁ ନିଜ ରୋଷଇ ଘରେ ବ୍ୟବହାର କରନ୍ତି । ଶୀତଦିନେ ମେଥି ବହୁତ ବ୍ୟବହୃତ ହୁଏ ବୋଲି କୁହାଯାଏ । ଏହା ଚର୍ମ କେଶ ଏବଂ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ। ମେଥି ବର୍ତ୍ତମାନ ଆନେକ ସାବୁନ୍ ଏବଂ ସାମ୍ପୁରେ ମଧ୍ୟ ବ୍ୟବହୃତ ହେଉଛି । ବିଶେଷଜ୍ଞଙ୍କ ଅନୁଯାୟୀ, ଏକ ଚାମଚ ମେଥିର ୬ଗ୍ରାମ କାର୍ବୋହାଇଡ୍ରେଟ୍ , ୩ଗ୍ରାମ ଫାଇବର , ୩ଗ୍ରାମ ପ୍ରୋଟିନ୍ ଏବଂ ୧ଗ୍ରାମ ଚର୍ବି ମିଳିଥାଏ ।ଏହା ମ୍ୟାଗ୍ନେସିୟମ୍, ଆଇରନ୍ ଏବଂ ମାଙ୍ଗାନିଜ୍ ର ଏକ ଉତ୍କୃଷ୍ଟ ଉତ୍ସ ଭାବରେ ବିବେଚନା କରାଯାଏ ।ତେବେ ଆସନ୍ତୁ ଜାଣିବା ଶୀତଦିନେ ମେଥିର ଉପକାରିତା ବିଷୟରେ –

### ୧–ହଜମ ପ୍ରକ୍ରିୟାରେ ଉନ୍ନତି ଆଣେ

ଶୀତ ଋତୁରେ ଅନେକ ଲୋକ ହଜମ ପ୍ରକ୍ରିୟା ସମସ୍ୟା ପଡିଥାନ୍ତି । ଏପରି ପରିସ୍ଥିତିରେ ମେଥି ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇପାରେ । ଯଦି ଆପଣ ମଧ୍ୟ ଶୀତଦିନେ କୋଷ୍ଠକାଠିନ୍ୟ ଭଳି ସମସ୍ୟାର ସମ୍ମୁଖୀନ ହୁଅନ୍ତି, ତେବେ ସକାଳୁ ଉଠନ୍ତୁ ଏବଂ ମେଥି ପାଣି ପିଅନ୍ତୁ । ଯଦି ଆପଣ ଚାହାଁନ୍ତି, ଆପଣ ମଧ୍ୟ ମେଥିର ଦାନାକୁ ଖାଇପାରିବେ ।ଏହା ଆପଣଙ୍କ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ ।

### ୨–ଅମ୍ଳତା ଦୂର କରେ

ଅନେକ ଥର ଲୋକମାନେ ଶୀତ ଋତୁରେ ତେଲିଆଯୁକ୍ତ ଖାଦ୍ୟ ଖାଇଥାନ୍ତି । ଗ୍ୟାସ ସମସ୍ୟା ପାଇଁ ଏହା ଏକ ରାମବାଣ ଭାବରେ ବିବେଚନା କରାଯାଏ ।ଅନେକ ଥର, ଯଦି ପେଟରେ ଜ୍ୱଳନ ଅନୁଭବ ହୁଏ, ତେବେ ଆପଣ ମେଥିକୁ ପାଣିରେ ରଖି ରାତସାରା ରଖନ୍ତୁ । ସକାଳେ ଉଠିବା ପରେ ଏହି ପାଣି ପିଅନ୍ତୁ । ଯଦି ଆପଣ ଚାହୁଁଛନ୍ତି, ତେବେ ମେଥିକୁ ଚୋବାଇ ଖାଆନ୍ତୁ । ଏହାଦ୍ୱାରା ଆପଣ ଅମ୍ଳତାରୁ ମୁକ୍ତି ପାଇବେ ।

### ୩–କେଶ ଝଡିବା ରୋକିଥାଏ

କେଶ ପାଇଁ ମେଥି ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ଏଥିରେ ଅନେକ ପୋଷକ ତତ୍ତ୍ୱ ରହିଥାଏ ଯାହା କେଶର ବୃଦ୍ଧିରେ ସାହାଯ୍ୟ କରିଥାଏ ।ଏହା ଶୀତଦିନେ ହେଉଥିବା ରୂପୀ ସମସ୍ୟାକୁ ଦୂର କରିବାରେ ମଧ୍ୟ ସାହାସ୍ୟ କରିଥାଏ ଏହା କେଶ ଝଡିବା ରୋକିଥାଏ ଏବଂ କେଶର ବୃଦ୍ଧିରେ ମଧ୍ୟ ସହାୟକ ହୋଇଥାଏ ।

### ସର୍ଦ୍ଦି କାଶ ରୋକିବାକୁ ସହାୟକ ହୁଏ

କାଶ ଏବଂ ଥଣ୍ଡା ପାଇଁ ମେଥି ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ମେଥିରେ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ମିଳିଥାଏ ।ତେଣୁ ଏହାଶରୀରକୁ ଅନେକ ପ୍ରକାରର ସଂକ୍ରମଣରୁ ରଖିବାରେ ସାହାଯ୍ୟ କରିଥାଏ ।ସକାଳେ ଉଠିବା ପରେ ମେଥି ପାଣି ପିଇବାକୁ ନିଶ୍ଚିତ କରନ୍ତୁ ।ଏହା ଶରୀରରେ ଥିବା ସଂକ୍ରମଣକୁ ଦୂର କରି ଶରୀରକୁ ସୁସ୍ଥ ରଖିବାରେ ସାହାସ୍ୟ କରିବ ।


## ବିବାହ ପାଇଁ ଶୁଭ ଯୋଗ




**ଭୁବନେଶ୍ୱର(ସଂପର୍କବାର୍ତ୍ତା):–** ଚତୁର୍ମାସ ପରେ ବିବାହ ,ବ୍ରତ ,ଘର ପ୍ରତିଷ୍ଠା ଆଦି ଶଭୁ କାର୍ଯ୍ୟ ବନ୍ଦ ରହିଥିଲା କିନ୍ତୁ ଆଜି ଦେବଉତଥାନ ଏକାଦଶୀ ପରେ ପୁଣିଥରେ ସବୁ ଶୁଭ କାମ ଆରମ୍ଭ ହୋଇଯିବା ଆଜି ଏକାଦଶୀରେ ଭଗବାନ ବିଷ୍ଣୁ ନିଦ୍ରାରୁ ଉଠିବେ । ଫଳରେ ବିବାହ ବ୍ରତ ଆଦି ଆରମ୍ଭ ଦେବ ନଭେମ୍ବର ଆଉ ଡିସେମ୍ବର ମାସରେ ଅନେକ ବିବାହ ତିଥି ରହିଛି । ଜ୍ୟୋତଷଙ୍କ ଅନୁସାରେ , ଏହି ଦୁଇ ମାସରେ ଅନେକ ଶୁଭ ମୁହୂର୍ତ୍ତ ରହିଛି ।ଯେଉଁଥିରେ ବିବାହ କାର୍ଯ୍ୟ ସମ୍ପନ୍ନ କରିବା ଅତ୍ୟନ୍ତ ଶୁଭ ହେବ । ନଭେମ୍ବରରେ ବିବାହ ପାଇଁ ମୁହୂର୍ତ୍ତ– ୧୫,୧୬,୨୦,୨୧,୨୨,୨୮,୨୯ ଓ ୩୦ । ଡିସେମ୍ବରରେ ବିବାହ ପାଇଁ ମୁହୂର୍ତ୍ତ– ୧, ୨, ୬, ୭, ୮,୧୧ ଓ ୧୩ । ଜାନୁଆରୀରେ ବିବାହ ପାଇଁ ଶୁଭ ମୁହୂର୍ତ୍ତ–୨୦,୨୨ ରେ ୧୪ ଜାନୁଆରୀ ଯାଏଁ ମଳ ମାସ ରହିବା ଏହା ପରେ ୨୨, ୨୩, ୨୪ ଓ ୨୫ରେ ବିବାହ ପାଇଁ ଭଲ ବେଳା ରହିଛି । ଫେବ୍ରୁଆରୀରେ ବିବାହ ପାଇଁ ଶୁଭ ମୁହୂର୍ତ୍ତ–୫, ୬, ୭, ୯, ୧୦, ୧୧, ୧୨, ୧୮, ୧୯, ୨୦ ଓ ୨୨ । ମାର୍ଚ୍ଚରେ ବିବାହ ପାଇଁ ଶୁଭ ମୁହୂର୍ତ୍ତ– ୧୪, ୧୫, ୧୬, ୧୭, ୧୯, ୨୦, ୨୧, ୨୨, ୨୩, ୨୪ ଓ ୨୭ ।

## ଦାନ୍ତ ସଫା କରିବା ପୂର୍ବରୁ ବ୍ରଶକୁ ଓଦା କରୁଛନ୍ତି କି ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):–** ବ୍ରଶ୍ କରିବା ଆମ ଦୈନନ୍ଦିନ ଜୀବନର ଏକ ମୁଖ୍ୟ ତଥା ଗୁରୁତ୍ୱପୂର୍ଣ୍ଣ କାମ । ଗବେଷକଙ୍କ କହିବାନୁସାରେ ଏହି କାମରେ ହେଳା ହେଲେ ଟୁଥ୍ ବ୍ରଶରୁ ଡାଇରିଆ ତଥା ସ୍କିନ୍ ଇନ୍‌ଫେକ୍ସନ ହୋଇପାରେ । ତେଣୁ ଦାନ୍ତକୁ ସୁସ୍ଥ ତଥା ସୁନ୍ଦର ରଖିବା ପାଇଁ ଟୁଥବ୍ରଶକୁ ସଫା ରଖିବା ଜରୁରୀ । ଅଧିକାଂଶ ଲୋକେ ଦାନ୍ତ ସଫା କରିବା ପୂର୍ବରୁ ଟୁଥବ୍ରଶକୁ ପାଣିରେ ଓଦା କରିଦିଅନ୍ତି । ଏମିତି କରିବା ଦ୍ୱାରା ଟୁଥ୍ ବ୍ରଶର ଦାନ୍ତ ସଫା କରିବା କ୍ଷମତା କମିଯାଏ । ଡାକ୍ତରଙ୍କ କହିବାନୁସାରେ



ଏମିତି କରିବା ଦ୍ୱାରା ବ୍ରଶ ମଧ୍ୟ ଖରାପ ହୋଇଯାଏ ଏବଂ ଦାନ୍ତ ମଧ୍ୟ ଠିକ୍ ଭାବେ ସଫା ହୋଇପାରେନି । ଓଦା ଟୁଥବ୍ରଶରେ ଟୁଥପେଷ୍ଟ ଲଗାଇଲେ ପେଷ୍ଟର କ୍ଷମତା ମଧ୍ୟ କମିଯାଏ ଏବଂ ଏହା ଯଥେଷ୍ଟ ପ୍ରଭାବ ପକାଇପାରେନି । ତେଣୁ ଦାନ୍ତ ସଫା କରିବା ପୂର୍ବରୁ ଟୁଥବ୍ରଶକୁ ଓଦା କରନ୍ତୁ ନାହିଁ ଏବଂ ଜରୁରୀ ନଥିଲେ ବ୍ରଶକୁ ଏକ ସେକେଣ୍ଡରୁ ଅଧିକ ସମୟ ପାଇଁ ପାଣି ତଳେ ରଖନ୍ତୁ ନାହିଁ ।


ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in


# ଆମେ ନିରକ୍ଷରତାରେ ଚାମ୍ପିୟନ

ସାକ୍ଷରତା ହିଁ ବିକାଶର ପରିମାପକ । ଯେଉଁ ଦେଶ ଯେତେ ଶିକ୍ଷିତ, ସେହି ଦେଶ ସେତେ ଉନ୍ନତ । ଯେତେ ଯାହା ଯୋଜନା କଲେ ବି ନିରକ୍ଷରତା ଦୂର ନ ହେଲେ କୌଣସି ଦେଶର ଉନ୍ନତି ଆଶାନୁରୂପ ହୋଇପାରିବନାହିଁ । କାରଣ ଏହା ଉପରେ ମାନବ ସମ୍ବଳର ବିକାଶ ନିର୍ଭର କରେ । ଲୋକପ୍ରିୟ କାହାଣୀ କୁହେ – "ଯଦି ତୁମେ ଆଗାମୀ ଏକ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ମଞ୍ଜି ବୁଣିଦିଅ, ଯଦି ୧୦ ବର୍ଷ ବା ତା ଠାରୁ ଊର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ, ତାହେଲେ ଜମିରେ କିଛି ଗଛ ଲଗାଇଦିଅ, ଆଉ ଯଦି ୧୦୦ ବର୍ଷ ପାଇଁ ଯୋଜନା କରୁଛ, ତାହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ" । ଏଥିରୁ ସାକ୍ଷରତାର ଗୁରୁତ୍ୱ ସ୍ପଷ୍ଟ ଅନୁମେୟ ।

ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ପ୍ରାୟ ୧ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ପିଲା ମାନଙ୍କ ପାଠ ପଢା ଠପ୍ ହୋଇପଡିଛି । ସେମାନଙ୍କ ଭବିଷ୍ୟତ ସଜାଡିବା ପାଇଁ ଓ ଶିକ୍ଷା ଦାନକୁ ଭରଣା କରିବା ଆମ ରାଜ୍ୟ ତଥା ଦେଶ ସମେତ ସାରା ବିଶ୍ୱରେ ଅନ୍‌ଲାଇନରେ ପାଠ ପଢାକୁ ଗୁରୁତ୍ୱ ଦିଆଯାଉଛି ।ଏଥିପାଇଁ ପାଠପଢାର ମୁଖ୍ୟ ମାଧ୍ୟମ ହେଉଛି ସ୍ମାର୍ଟଫୋନ, କମ୍ପ୍ୟୁଟର ଏବଂ ଟିଭି । ତେବେ ସ୍ମାର୍ଟଫୋନ ଏବଂ ଟିଭି ବିନା ଅନ୍‌ଲାଇନ ଶିକ୍ଷା କିପରି ସମ୍ଭବ ତାହା ଏବେ ଏକ ବଡ ପ୍ରଶ୍ନ ହୋଇ ଉଭାହୋଇଛି । ଆମ ରାଜ୍ୟ କଥା ଚିନ୍ତାକଲେ ଆମ ରାଜ୍ୟର ମାତ୍ର ୨୮ପ୍ରତିଶତ ପିଲାଙ୍କ ପାଖରେ ସ୍ମାର୍ଟଫୋନ୍ ଥିବା ବେଳେ ବାକି ୭୨ପ୍ରତିଶତ ପିଲା ଦାମିକା ଫୋନ୍ ଧରିବାକୁ ଅସମର୍ଥ । ସେହିପରି ରାଜ୍ୟର ୫୬.୩୦ପ୍ରତିଶତ ପିଲାଙ୍କ ଘରେ ଟିଭି ଥିଲା ବେଳେ ୪୩.୭୦ପ୍ରତିଶତ ପିଲାଙ୍କ ଘରେ ଟିଭି ନଥିବା ଜଣାପଡିଛି । ଫଳରେ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍‌ଲାଇନ ଶିକ୍ଷା ଏକରକମ ଅପହଞ୍ଚ ହୋଇଯାଇଛି । ଏବେ ପୁଣି ରାଜ୍ୟରେ କରୋନା ମହାମାରୀ ସଂକ୍ରମଣ ବ୍ୟାପୁଥିବା ଘଟଣାକୁ ଆଖି ଆଗରେ ରଖି ଏପ୍ରିଲ ୩୦ ପର୍ଯ୍ୟନ୍ତ କ୍ଲାସକୁ ବାତିଲ କରାଯାଇଛି । ଅର୍ଥାତ ସ୍କୁଲ ଗୁଡିକରେ ନବମ ଓ ଏକାଦଶ ଶ୍ରେଣୀ ପାଠପଢା ହେବନାହିଁ । ଏହି ନିର୍ଦ୍ଦେଶନାମା ସମସ୍ତ ସରକାରୀ, ସମସ୍ତ ସରକାରୀ ଅନୁଦାନ ପ୍ରାପ୍ତ ଓ ଘରୋଇ ସ୍କୁଲ ପାଇଁ ଲାଗୁ ହେବ ।

ଏବେବି ବିଶ୍ୱରେ ନିରକ୍ଷରଙ୍କ ସଂଖ୍ୟା ପ୍ରାୟ ୭୫ କୋଟିରୁ ଊର୍ଦ୍ଧ୍ୱ । ପ୍ରତି ପାଞ୍ଚଜଣ ପ୍ରାପ୍ତ ବୟସ୍କ ଲୋକଙ୍କ ମଧ୍ୟରେ ଜଣେ ନିରକ୍ଷର । ଅନ୍ୟୁନ ୭କୋଟି ଶିଶୁ ନିମ୍ନ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ । କେତେ ଶିଶୁ ପ୍ରାଥମିକ ସ୍ତରରୁ ହିଁ ଶିକ୍ଷା ଛାଡୁଛନ୍ତି ତାହାର କୌଣସି ହିସାବ ନାହିଁ । ପରିସଂଖ୍ୟାନ ତଥ୍ୟରୁ ଜଣାପଡେ ଦକ୍ଷିଣ ଓ ପଶ୍ଚିମ ଏସିଆରେ ପ୍ରାପ୍ତ ବୟସ୍କ ନିରକ୍ଷରଙ୍କ ସଂଖ୍ୟା ସର୍ବାଧିକ । ଏହା ପଛକୁ ଅଛନ୍ତି ଆରବ ଓ ଆଫ୍ରିକାନ୍ ରାଷ୍ଟ୍ରସମୂହ । ବର୍କିନା ଫାସୋ, ନିଗର ଓ ମାଲିରେ ସାକ୍ଷରତା ହାର ବିଶ୍ୱରେ ସବୁଠାରୁ କମ୍ ଯଥାକ୍ରମେ ୧୨.୮ ପ୍ରତିଶତ, ୧୪.୪ ପ୍ରତିଶତ ଓ ୧୯ ପ୍ରତିଶତ । କିନ୍ତୁ ବିଶ୍ୱର ସାକ୍ଷରତା ହାର ୮୪ ପ୍ରତିଶତକୁ ବିଚାରକୁ ନେଲେ ସ୍ୱୀକାର କରିବାକୁ ହେବ ଯେ ଆମକୁ ଆହୁରି ଅନେକ ବାଟ ଯିବାକୁ ଅଛି । ଏକ ସର୍ବେକ୍ଷଣରୁ ଯଣାପଡିଛିଯେ ଏବେବି ଆମ ଦେଶରେ ପ୍ରାୟ ୨୮ କୋଟିରୁ ଊର୍ଦ୍ଧ୍ୱ ଲୋକ ନିରକ୍ଷର ଅଛନ୍ତି ।

ଏହି ପରିପ୍ରେକ୍ଷୀରେ ବିଶ୍ୱରେ ସାକ୍ଷରତା ହାର ଅଧିକ ଥିବା ଦେଶମାନଙ୍କ ମଧ୍ୟରେ ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟବ୍ରିଟେନ, ସୋଭିଏତ୍ ଋଷ, ସୁଇଡେନ, କାନାଡା ପ୍ରଭୃତି ଦେଶରେ ସାକ୍ଷରତା ହାର ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ, ୯୯.୬ ପ୍ରତିଶତ, ୯୯ ପ୍ରତିଶତ ରହିଛି । ଏପରିକି


॥ ହିମାଂଶୁ ଶେଖର ଆଚାର୍ଯ୍ୟ ॥
ଜଗତସିଂହପୁର
ମୋ–୯୯୩୭୧୫୧୦୫୨


କାନାଡା, ନିଉଜିଲ୍ୟାଣ୍ଡ ଓ ବର୍ମା ପ୍ରଭୃତି ଦେଶରେ ସାକ୍ଷରତା ହାର ହେଉଛି ଯଥାକ୍ରମେ ୯୯ ପ୍ରତିଶତ, ୯୯ ପ୍ରତିଶତ ଓ ୮୯ ପ୍ରତିଶତ । ଏହି ପରିପ୍ରେକ୍ଷୀରେ ଆମ ଦେଶକଥା ବିଚାରକୁ ନେଲେ ୨୦୧୧ ଜନଗଣନା ଅନୁସାରେ ଆମ ଦେଶର ସାକ୍ଷରତା ହାର ୭୪.୦୪ ପ୍ରତିଶତ । ତନ୍ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୧୪ ପ୍ରତିଶତ ହୋଇଥିବା ବେଳେ ନାରୀ ସାକ୍ଷରତା ହାର ୬୫.୪୬ ପ୍ରତିଶତ । ଏଥିରୁ ଅନୁମେୟ ପୃଥିବୀର ଅନ୍ୟ ଦେଶ ତୁଳନାରେ ଭାରତର ନିରକ୍ଷରତା ସମସ୍ୟା ଉତ୍କଟତର । ସେହିପରି ଆମ ପ୍ରଦେଶ ଓଡ଼ିଶା କଥା ଚିନ୍ତାକଲେ ଅନ୍ୟ ରାଜ୍ୟ ତୁଳନାରେ ଆମେ ପଛରେ । କେରଳ ଓ ମିଜୋରାମରେ ସାକ୍ଷରତା ହାର ଯଥାକ୍ରମେ ୯୩.୯୧ ପ୍ରତିଶତ ଓ ୯୧.୬ ପ୍ରତିଶତ ହୋଇଥିବା ବେଳେ ବିହାରରେ ସର୍ବନିମ୍ନ ସାକ୍ଷରତା ହେଉଛି ୬୩.୮୨% । ଆମ ଓଡିଶାର ସାକ୍ଷରତା ହାର ୭୩.୫ ପ୍ରତିଶତ ଯାହାକି ଜାତୀୟ ହାର ଠାରୁ କମ୍ । ଏମାନଙ୍କ ମଧ୍ୟରୁ ପୁରୁଷ ସାକ୍ଷରତା ହାର ୮୨.୪ ପ୍ରତିଶତ ଓ ମହିଳା ସାକ୍ଷରତା ହାର ୬୪.୩୬ ପ୍ରତିଶତ ।

ମାନବ ଜାତିର ସର୍ବାଙ୍ଗୀନ ବିକାଶର ଉତ୍ସ ହେଉଛି ଶିକ୍ଷା । ପ୍ରତ୍ୟେକ ମଣିଷକୁ ଶିକ୍ଷାର ଅଙ୍ଗନକୁ ଆଣିବା ପାଇଁ ସବୁସ୍ତରରେ ଉଦ୍ୟମ ଜାରି ରହିଛି । ଏସବୁ ସତ୍ତ୍ୱେ ବିଶ୍ୱ ସ୍ତରରେ ପ୍ରତି ୫ଜଣ ବୟସ୍କଙ୍କ ମଧ୍ୟରେ ଜଣେ ଅଶିକ୍ଷିତ ଅଛନ୍ତି । ଆମ ଦେଶ ଓ ରାଜ୍ୟ କଥା ଆହୁରି ତଦ୍ରୂପ । ଏହି ସମସ୍ୟାର ସମାଧାନ ପାଇଁ ପ୍ରାକ୍ ସ୍ୱାଧୀନତା କାଳରୁ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ୧୯୭୮ ମସିହା ଅକ୍ଟୋବର ୨ ତାରିଖରେ ଭାରତ ସରକାର ବହୁଚର୍ଚ୍ଚିତ ପ୍ରୌଢ ଶିକ୍ଷା କାର୍ଯ୍ୟକ୍ରମ ଓ ୧୯୮୭ ମଇ ମାସ ୫ ତାରିଖରୁ ଦେଶରେ ସାକ୍ଷରତା ମିଶନ୍ କାର୍ଯ୍ୟକାରୀ ହେଉଛି । ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ସାକ୍ଷରତା ଯୋଜନା, ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ଭଳି ଅନେକ ଯୋଜନା ପ୍ରଣୟନ ହୋଇଛି । ସେହିପରି ଓଡ଼ିଶା ସରକାର ୨୦୦୨ ମସିହାରୁ ସର୍ବଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ଯୋଜନା ଆରମ୍ଭ କରିଛନ୍ତି । ଭାରତ ସରକାର ୨୦୦୯ ମସିହାରେ ଐତିହାସିକ ଶିକ୍ଷା ଅଧିକାର ବିଲ୍ ଆଣି ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରିଛନ୍ତି । ଏହାଦ୍ୱାରା ୬ ରୁ ୧୪ ବର୍ଷ ବୟସର ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭର ସୁଯୋଗ ପାଇବାର ଲକ୍ଷ୍ୟ ରଖାଯାଇଛି। ଏକ ହିସାବରୁ ଜଣାଯାଏ ଓଡ଼ିଶାରେ ମଧ ମୋଟ ୬୮ ଲକ୍ଷ ୨୮ ହଜାର ୩୫୭ ଜଣ ଶିଶୁଙ୍କ ମଧ୍ୟରୁ ୩ ଲକ୍ଷ ୫୧ ହଜାର ୧୪୭ ଜଣ ପିଲା ସ୍କୁଲ ଦୁଆରମୁହଁ ମାଡିନାହାଁନ୍ତି ।

ସବୁଠୁ ବଡ କଥା ହେଉଛି ନାରୀ ସାକ୍ଷରତା କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷ ଜନକ ନୁହେଁ । ଗୋଟିଏ ଲୋକକଥା ଅଛି – "ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ" । ଦିନେ କେବେ ବ୍ୟାସକବି ଫକିର ମୋହନଙ୍କ ଆଖି ଦେଖା କଥାରେ ପାଠପଢି ବସିଥିବା ଝିଅ ରେବତୀକୁ ତା ବୁଢୀ ମା କହିଥିଲା – ରେବତୀ ପାଠ ପଢିବ ! ଘର ଉଜୁଡି ଯିବ । ହେଲେ ରେବତୀ ଆଜି ଅର୍ଗଳିରୁ ବାହାରି ଯାଇ ପାଠ ପଢ଼ିଛି । ପୁଅମାନଙ୍କ ସହ ତାଳ ଦେଇ ଅନେକରେ ଏକ ହୋଇଛି । ତଥାପି ସଂଗ୍ରାମ ସରିନାହିଁ । ନାରୀଶିକ୍ଷାର ପ୍ରସାର ଓ ପ୍ରଚାର ପାଇଁ ଅଣ୍ଟାଭିଡି ବାହାରିଥିବା ମଲାଲାକୁ ତାଲିବାନଙ୍କ ଗୁଳିମାଡର ଆଘାତ ସହିବାକୁ ପଡିଛି । ଆଜି ବି ବିଶ୍ୱର ବିଭିନ୍ନ ଦେଶରେ ପୁରୁଷ ସାକ୍ଷରତା ତୁଳନାରେ ନାରୀ ସାକ୍ଷରତା ହାର ପଛରେ ରହିଛି । ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣର ସ୍ଲୋଗାନ ଦିଆଯାଉଥିବା ବେଳେ ନାରୀ ସାକ୍ଷରତା ହାର ବୃଦ୍ଧି କରାଯିବା ଉପରେ ଅଗ୍ରାଧିକାର ଦିଆଯିବା ଉଚିତ୍ ।

ନିରକ୍ଷରତା ଏକ ସାମାଜିକ ବ୍ୟାଧି । ତେଣୁ ସାକ୍ଷରତା ସହ ଦକ୍ଷତାର ବିକାଶ ନିମନ୍ତେ ନିରନ୍ତର ପ୍ରୟାସ ଏକାନ୍ତ ଅପରିହାର୍ଯ୍ୟ । ଏ କ୍ଷେତ୍ରରେ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

# ହେଲ୍‌ଥ ଟିପ୍ସ

## ଡାଇବେଟିସ୍ ପାଇଁ ବେଶ ଲାଭଦାୟକ ଲିମ୍ବ



**ଭୁବନେଶ୍ୱର(ସଂପର୍କବାର୍ତ୍ତା):–** ନିମ୍ବର ସ୍ୱାଦ ପିତା ହେଲେ ସ୍ୱାସ୍ଥ୍ୟ ପାଇଁ ହିତକାରକ । ଏହି ଗଛର ବକ୍କଳ ଏବଂ ପତ୍ର ଆମ ଶରୀର ପାଇଁ ବେଶ୍ ଉପକାରୀ । କେତେକ ଆୟୁର୍ବେଦୀୟ ଔଷଧ ପ୍ରସ୍ତୁତ କରିବା ସମୟରେ ଏହାକୁ ବ୍ୟବହାର କରାଯାଏ । ନିମ୍ବପତ୍ର ତାର ବକ୍କଳକୁ ଜୁସ୍ କରି ପିଆଯାଏ । ନିମ୍ବ ଜୁସ୍ ଡାଇବେଟିସ୍ ରୋଗୀଙ୍କ ପାଇଁ ବେଶ୍ ଉପକାରୀ ଏପରି ଜୁସ୍ ପିଇବା ଦ୍ୱାରା ରକ୍ତରେ ସୁଗାର ପରିମାଣ ସନ୍ତୁଳିତ ରହିଥାଏ । କେବଳ ସେତିକି ନୁହେଁ, ଗ୍ୟାଷ୍ଟ୍ରିକ୍, କୋଷ୍ଠକାଠିନ୍ୟ ଏବଂ ବଦହଜମି, ଏପରି କି ଆଜ୍‌ମ ସମସ୍ୟାରୁ ଏହା କେତେକାଂଶରେ ଉପଶମ ଦେଇଥାଏ । ପ୍ରତିଦିନ ସକାଳୁ ଖାଲି ପେଟରେ ନିମ୍ବ ଜୁସ୍ ପିଇପାରନ୍ତି । ଏକ ସଦ୍ୟ ତମ ଗବେଷଣାରୁ ଯେ ନିମ୍ବ ଜୁସ୍ ପିଇବା ଦ୍ୱାରା ହାର୍ଟ ସୁସ୍ଥ ରହିଥାଏ । ଆପଣ କୋଲେଷ୍ଟରଲଜନିତ ସମସ୍ୟା ସହ ଜଡିତକି ? ଯଦି ହଁ ତେବେ ଏହି ଜୁସ୍ ପିଇବା ଦ୍ୱାରା ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ । ଠିକ୍ ଭାବରେ ଭୋକ ହେଉ ନ ଥିଲେ । ତାହାକୁ ନିମ୍ବ ଜୁସ୍ ଦୂର କରିଥାଏ । ଏହି ଜୁସ୍ ଚର୍ମ ପାଇଁ ବେଶ୍ ଉପଚାରୀ ।

## ମାଣ୍ଡିଆର ଔଷଧୀୟ ଗୁଣ

### ଆଣ୍ଠୁ ଗଣ୍ଠି ଯନ୍ତ୍ରଣାରୁ ଆରାମ ଦେଇଥାଏ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):–** ଗାଁ ଗହଳିରେ ବିଭିନ୍ନ ଖାଦ୍ୟ ମାନଙ୍କ ମଧ୍ୟରୁ ମାଣ୍ଡିଆ ଗୋଟିଏ । ପୂର୍ବରୁ ଏହା କେବଳ ଗାଁ ଗହଳିରେ ସୀମିତ ଥିଲା ବର୍ତ୍ତମାନ୍ ଏହା ସହରୀ ଜୀବନରେ ମଧ୍ୟ ଖୁବ୍ ଆଦୃତ ହୋଇଛି । ମାଣ୍ଡିଆ ରେ ଶୂନ୍ୟ ପ୍ରତିଶତ କୋଷ୍ଟ୍ରୋଲ ଓ ସୋଡିୟମ ରହିଛି । ପେଷାକ ତତ୍ତ୍ୱରେ

ଭରପୁର ରହିଥିବା ମାଣ୍ଡିଆରେ କ୍ୟାଲସିୟମ, ଭିଟାମିନ, କାର୍ବୋହାଇଡ୍ରେଟ୍, ପ୍ରୋଟିନ ଓ ଫାଇବର ଅନେକ ମାତ୍ରାରେ ରହିଛି । ଓଜନ ହ୍ରାସକରେ–ମାଣ୍ଡିଆ ଶରୀରର ଅଧିକ ଚର୍ବି କୁ କମ୍ କରିଥାଏ । ଏଥିରେ ଫାଇବର ରହିଥିବା କାରଣରୁ ଦୀର୍ଘ ସମୟ ଧରି ଭୋକ ଲାଗିନଥାଏ । ମାଣ୍ଡିଆ ଓଜନ ହ୍ରାସ କରିବା ପାଇଁ ଗୋଟିଏ ଭଲ ଉପାୟ । ଆସଟ୍ରିଯୋପୋରୋସିସ ସମସ୍ୟା ଦୂର କରେ – ମାଣ୍ଡିଆ ରେ କ୍ୟାଲସିୟମ ଅଧିକ ରହିଥିବାରୁ କାରଣରୁ ଏହା ହାଡ ଜନିତ ସମସ୍ୟା କୁ ଦୁର କରିଥାଏ । ଯଦି ଆପଣ ୧୦୦ଗ୍ରାମ ମାଣ୍ଡିଆ ଖାଇବେ ତେବେ ସେଥିରେ ୩୪୪ ମିଲିଗ୍ରମ୍ କ୍ୟାଲସିୟମ୍ ରହିଛି । ହାଡକୁ ମଜବୁତ୍ କରୁଥିବା କାରଣରୁ ଆଣ୍ଠୁ ଗଣ୍ଠି ସମସ୍ୟା ମଧ୍ୟ ଦୁର ହୋଇଥାଏ ।ହୃତପିଣ୍ଡକୁ ସୁସ୍ଥ ରଖେ –ମାଣ୍ଡିଆ ରେ କୋଷ୍ଟ୍ରୋଲ ଓ ସୋଡିୟମ କମ ରହିଥିବା କାରଣରୁ ହୃତପିଣ୍ଡ ପାଇଁ ସୁରକ୍ଷିତ । ଏଥିରେ ଆଇରନ , ମଗ୍ନେଶିୟମ ଓ ଫାଇବର ଅଧିକ ରହିଥିବା କାରଣରୁ ହୃତପିଣ୍ଡ ସୁସ୍ଥ ରଖେ ଓ ରକ୍ତଚାପ ନିୟନ୍ତ୍ରିତ କରେ

ମଧୁମେହ ପାଇଁ ହିତକର– ଯଦି ଆପଣ ଜଣେ ମଧୁମେହ ରୋଗୀ ତେବେ ସକାଳ ଜଳଖିଆ ଓ ମଧ୍ୟାହ୍ନ ଭୋଜନରେ ମାଣ୍ଡିଆ ଖାଇବା ଉଚିତ୍ । ମାଣ୍ଡିଆ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରିତ ରହିଥାଏ ।ଚାଉଳ ଓ ଅଟା ତୁଳନାରେ ଅଧିକ ଫାଇବର ରହିଛି ।ମାଣ୍ଡିଆ ର ଗ୍ଲାଇ ସେମିକ୍ ଇଣ୍ଡେକ୍ସ ଖୁବ୍ କମ ଅଟେ ।

## ଉତ୍ତରକୂଳ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ



**କଟକ(ସଂପର୍କବାର୍ତ୍ତା):–** କଟକ ସଦର ବ୍ଲକ ଅନ୍ତର୍ଗତ ଉତ୍ତରକୂଳ ବାପୁଜୀ ସ୍ମାରକୀ ଉଚ୍ଚ ବିଦ୍ୟାଳୟଠାରେ ରବିବାର ଶିଶୁ ଦିବସ ପାଳନ ଅବସରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହିତ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ରଘୁନାଥ ଦାଶ ସ୍ମୃତି ସମ୍ମାନ, ବ୍ରଜନାରାୟଣ ଦାଶ ଓ ରେଖାଦେବୀ ସ୍ମୃତି ସମ୍ମାନ ଏବଂ ଗୋବିନ୍ଦଚନ୍ଦ୍ର ମିଶ୍ର ସ୍ମୃତି ସମ୍ମାନ ପ୍ରଦାନ କରିଥିଲେ ।

ପ୍ରାରମ୍ଭରେ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଇଂରାଜୀ ଭାଷା ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଡଃ. ମନ୍ମଥ କୁମାର କୁଣ୍ଡୁ, ଇଂରାଜୀ ଭାଷା ଶିକ୍ଷା ଆହରଣର ବିଭିନ୍ନ ମାର୍ଗ ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ । ପ୍ରଫେସର ମାଡମ କୁଣ୍ଡୁ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସନ୍ତୋଷ କୁମାର ସାହୁ ପରିଚାଳନା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଏକ୍ରାମ ଅଲ୍ଲୀ ଖାଁ, ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଉପ ସଭାପତି ମନସ୍ୱିନୀ ଦାଶ, ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ସମୀର କୁମାର ଦାଶ, ପୂର୍ବତନ ପ୍ରଶାସନିକ ଅଧିକାରୀ ଅଶୋକ କୁମାର କର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡଃ. ପ୍ରଦୀପ୍ତ କିଶୋର ଦାଶ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ରଥ, ରାଜ୍ୟ ଲୋକସେବା ଆୟୋଗର ସଚିବ ଶ୍ରୀ ଅଶୋକ କୁମାର ଦାଶ ଓ ଜଳସଂପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ସରୋଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହେବା ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ମଚାରୀମାନଙ୍କୁ ସହଯୋଗ କରିଥିଲେ । ପରିଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ସାଗର କୁମାର ସେଠୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶରୀର ପାଇଁ ଲାଭଦାୟକ




**ଭୁବନେଶ୍ୱର(ସଂପର୍କବାର୍ତ୍ତା):–** ଖାଆନ୍ତୁ ଏହି ୫ଟି ପିତା ଖାଦ୍ୟ, ସୁସ୍ଥ ରହିବ ଶରୀର ଶରୀର ପାଇଁ ପିତା ଖାଦ୍ୟ ନିତ୍ୟାନ୍ତ ଜରୁରୀ ଅଟେ । ପିତା ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି , ଯକୃତ ସମସ୍ୟା , କର୍କଟ ରୋଗ ଏବଂ ହୃଦଘାତ ଭଳି ବିଭିନ୍ନ ରୋଗକିବାରେ ସାହାଯ୍ୟ ହୋଇଥାଏ । ତେବେ ଚାଲନ୍ତୁ ଜାଣିବା ବିଭିନ୍ନ ପିତା ଖାଦ୍ୟ ବିଷୟରେ–

**କଲରା–** କଲରା ସ୍ୱାଦରେ ପିତା ଅଟେ ବୋଲି ତାକୁ ଅଧିକାଂଶ ଲୋକ ଖାଇବାକୁ ପସନ୍ଦ କରନ୍ତି ନାହିଁ । କିନ୍ତୁ କଲରାର ସ୍ୱାସ୍ଥ୍ୟଗତ ଲାଭ ବିଷୟରେ ଯଦି କହିବା ଏଥିରେ ଥିବା ଭିଟାମିନ ଏ, ଭିଭିଟାମିନ ସି, ପୋଟାସିୟମଓ ଆଣ୍ଟି ଆକ୍ସିଡେଣ୍ଟ ଆପଣଙ୍କୁ ଫିଟ୍ ରଖିବା ସହିତ ମଧୁମେହ ସମସ୍ୟାରୁ ମଧ୍ୟ ଦୁରେଇ ରଖେ ।


**କୋକୋ–** କୋକୋ ପାକଳ ହୋଇ ନଥିଲେ ଏହାର ସ୍ୱାଦ ପିତା ଲାଗିଥାଏ । କୋକୋରେ ଶକ୍ତିଶାଳୀ ଆଣ୍ଟି ଇମ୍ପଲାମେଟୋରୀତ୍ୱ ରହିଛି । ଏହା ରକ୍ତ ପ୍ରବାହକୁ ଉନ୍ନତ କରିବାରରେ ସାହାଯ୍ୟ କରିଥାଏ । ରକ୍ତ ଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ଓ କୋଷ୍ଟ୍ରେଲକୁ ମଧ୍ୟ ନିୟନ୍ତ୍ରିତ କରେ ।

**ପିତାଶାଗ–** ଗାଁ ଗହଳିରେ ମିଳୁଥିବା ପିତା ଶାଖ ପୋଷାକ ତତ୍ୱରେ ଭରପୁର ଅଟେ । ଶାଗ ଭାବରେ ଏହାକୁ ଯେପରି ଗ୍ରହଣ କରାଯାଏ । ସେହିଭଳି ଗୋଟିଏ ଆୟୁର୍ବେର୍ଦର ପୋଷାକ ତତ୍ୱ ଭାବରେ ମଧ୍ୟ ଗ୍ରହଣ କରାଯାଇଥାଏ । ଏଥିରେ ଅନେକ ଗୁଡିଏ ଖଣିଜ ତତ୍ୱ ରହିଛି ।ଏଥିରେ ଥିବା କେରୋଟେୟଡ ଲ୍ୟୁଟିନ ଓ ଜେକ୍ସିଥିବା ଆପଣଙ୍କ ଚକ୍ଷୁକୁ ମୋତିଆବିନ୍ଦୁରୁ ରକ୍ଷା କରିଥାଏ ।

**କମଳା ଓ ଲେମ୍ବୁ ଚୋପା–** ଏହି୨ଟି ଫଳରେ ଭିଟାମିନ ସି ପ୍ରଚୁର ମାତ୍ରାରେ ରହିଛି । ଏହି ଫଳ ମାନଙ୍କ ଚୋପାରେ ଫ୍ଲେବୋନଏଡ ରହିଥିବା କାରଣରୁ ଏହାର ସ୍ୱାଦ ପିତା ଅଟେ । ଫ୍ଲେବୋନଏଡର କାମ ହେଉଛି ଫଳକୁ ପୋକ ଠାରୁ ରକ୍ଷା କରିବା ଏହାର ଚାପରେ ରହିଥିବା ଏହି ଫ୍ଲେବୋନଏଡ କ୍ୟାନ୍ସର କୋଷିକକୁ ପ୍ରସାର କରିବାରେ ଅଟକାଇବା ସହିତ ଲିଭରକୁ ସୁସ୍ଥ ରଖିଥାଏ ।

**ଗ୍ରୀନ୍ ଟି–** ଗ୍ରୀନ୍ ଟି ପାଟିକୁ ପିତା ବା କଡବା ଲାଗିଥାଏ କିନ୍ତୁ ଏହା ଶରୀର ପାଇଁ ବହୁତ ଲାଭଦାୟକ ଅଟେ । ଏହା ଆପଣଙ୍କୁ ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଗ୍ରୀନ୍ ଟିରେ ଥିବା ପଲି ଫେନୋଲ୍ କର୍କଟ କୋଷକୁ ମାରିବାରେ ସାହାଯ୍ୟ କରେ ଏବଂ ସୋମାନଙ୍କୁ ବୃଦ୍ଧି ପାଇବାରେ ରୋକିଥାଏ । ଏହା ହୃଦ୍ ରୋଗର ଆଶଙ୍କା ମଧ୍ୟ ହ୍ରାସ କରିଥାଏ ।

## ୫ଟି ଗୁଣ ପ୍ରତି ବେଶି ଆକର୍ଷିତ ହୁଅନ୍ତି ଯୁବତୀ



**ଭୁବନେଶ୍ୱର(ସଂପର୍କବାର୍ତ୍ତା):–** ଅନେକ ପୁଅ ନିଜ ଜୀବନରେ ବହୁ ସଂଘର୍ଷ କରନ୍ତି ଏଥିପାଇଁ ସେମାନେ ଚାହାଁନ୍ତି ତାଙ୍କ ଜୀବନରେ ଏକ ସୁନ୍ଦରୀର ପ୍ରବେଶ ହେଉ । କିନ୍ତୁ ବହୁ ଚେଷ୍ଟା ପରେ ବି ଅନେକଙ୍କର ଏହି ସ୍ୱପ୍ନ ସାକାର ହୁଏ ନାହିଁ । ଚେହେରା ଏବଂ ଅନ୍ୟ ସବୁ କିଛି ଭଲ ଥିଲେ ମଧ୍ୟ ସେମାନଙ୍କ ପ୍ରେମର ଗାଡି ଆଗକୁ ବଢିପାରେ ନାହିଁ । ରିଲେସନ ବିଶେଷଜ୍ଞଙ୍କ କହିବାନୁଯାୟୀ ପୁଅମାନେ ଝିଅ ମାନଙ୍କୁ ଇମ୍ପ୍ରେସ ବା ଆକର୍ଷିତ କରିବା ପାଇଁ ଜିମ ଯାଇ ବଡି ବନାଇବା ଉପରେ ଅଧିକ ଧ୍ୟାନ ଦେଉଛନ୍ତି । ଏଥିରେ ଝିଅମାନେ ଇମ୍ପ୍ରେସ୍ ତ ହେବେ ହେଲେ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ରୁହେ ନାହିଁ । ତେବେ କ'ଣ କଲେ ଯୁବତୀ ମାନେ ବେଶି ଆକର୍ଷିତ ହେବେ ଚାଲନ୍ତୁ ସେ ବିଷୟରେ ଜାଣିବା ରିଲେସନସିପ୍ ଟିପ୍ସ ଏକ୍ସପର୍ଟଙ୍କ ଠାରୁ, ଯେକୌଣସି ଝିଅ ପ୍ରଥମ ଦେଖାରେ ଧ୍ୟାନ ଅନ୍ତର୍ଭୁକ୍ତ । ସଠିକ୍ ପରିଧାନ ହୋଇଥିବା ପୋଷାକ କାହାର ବ୍ୟକ୍ତିତ୍ୱକୁ ପରିଚୟ ଦେଇଥାଏ । ତେଣୁ ଯେତେବେଳେ ବି ଆପଣ କେଉଁ ଝିଅକୁ ଭେଟିବାକୁ ଯାଉଛନ୍ତି ତେବେ ଧ୍ୟାନ ଦିଆଯିବା ଜରୁରୀ ଯେ, ଭଲସେ ସ୍ନାନ କରିବା ସହ ଭଲ ଫିଟ୍ ହୋଇ ରହିବା ପ୍ରତ୍ୟେକ ଝିଅଙ୍କୁ ଏମିତି ପୁଅ ପସନ୍ଦ ଯେଉଁମାନେ ସର୍ବଦା ସଫା ସୁତୁରା ଏବଂ ପରିଷ୍କାର ଭାବେ ରୁହନ୍ତି । ତେଣୁ ଯେତେବେଳେ ବି ଆପଣ କେଉଁ ଝିଅକୁ ଭେଟିବାକୁ ଯାଉଛନ୍ତି ତେବେ ଧ୍ୟାନ ଦିଆଯିବା ଜରୁରୀ ଯେ, ଭଲ ଭାବେ ଫିଟ୍ ହୋଇ ରହିବା ଆପଣଙ୍କ ପାଟିରୁ କୌଣସି ଦୁର୍ଗନ୍ଧ ଆସିବା ଉଚିତ୍ ନୁହେଁ । ଯଦି ଆପଣଙ୍କର ଦାନ୍ତ କିମ୍ବା ଖରାପ ନିଶ୍ୱାସରେ ସମସ୍ୟା ଅଛି, ତେବେ ଆପଣ ପରିଦର୍ଶନ କରିବା ପୂର୍ବରୁ ବ୍ରଶ କିମ୍ବା ମାଉଥ୍ ଫ୍ରେସନର ବ୍ୟବହାର କରିପାରିବେ । ପ୍ରତ୍ୟେକ ଝିଅ ଚାହାଁନ୍ତି ଯେ ତାଙ୍କ ସାଥୀ ଏପରି ହେବା ଉଚିତ୍ ଯିଏ ତାଙ୍କର ସବୁ କଥା ଧ୍ୟାନର ସହ ଶୁଣୁଥିବ ଏବଂ ତାହାକୁ ପୂରଣ କରିବାକୁ ଚେଷ୍ଟା କରୁଥିବେ । ତେଣୁ ଯେତେବେଳେ ବି ଆପଣ କେଉଁ ଝିଅକୁ ଭେଟିବାକୁ ଯାଉଛନ୍ତି ଚେଷ୍ଟା କରନ୍ତୁ କି ଆପଣ କମ୍ କଥା ହୁଅନ୍ତୁ ଏବଂ ତାଙ୍କ କଥା ଅଧିକ ଶୁଣିବାକୁ ଚେଷ୍ଟା କରନ୍ତୁ । ଏହା କରିବା ଦ୍ୱାରା ଆପଣଙ୍କୁ ଅତ୍ୟନ୍ତ ଗମ୍ଭୀର ଏବଂ ପରିପକ୍ୱ ହେବାର ଇମ୍ପ୍ରେସନକୁ ସୃଷ୍ଟି କରିଥାଏ । ଯାହା ଝିଅମାନଙ୍କୁ ବହୁତ ପସନ୍ଦ ମଧ୍ୟ ଆସିଥାଏ । ଯଦି କାହା ଆପଣ ଡେଟରେ, ପରଫ୍ୟୁମ ଏବଂ ମଶ୍ଚୁରାଇଜର ବ୍ୟବହାର କରିବାକୁ ଜମା ବି ଭୁଲିନ୍ତୁନି । ଯାହା ଦ୍ୱାରା ଆପଣଙ୍କ ପାର୍ଟନର ଆହୁରି ଆପଣଙ୍କ ନିକଟତର ହୋଇପାରିବେ । ଏବଂ ଏହା ମଧ୍ୟ କୁହାଯାଏ ପରଫ୍ୟୁମ ଦ୍ୱାରା ଇମୋସନ ଏବଂ ମୁହୂର୍ତ୍ତ ସବୁ ଯୋଡି ହୋଇରୁହେ ଯାହାଦ୍ୱାରା ଆପଣଙ୍କ ପାର୍ଟନର ଆପଣଙ୍କ ଦେଖା ସାକ୍ଷାତକୁ ଅତି ସହଜରେ ଭୁଲିପାରନ୍ତି ନାହିଁ ।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ନଭେମ୍ବର ୨୨ ରୁ ୨୮, ୨୦୨୧, ଜଗତସିଂହପୁର
November 22 to 28, 2021, Jagatsinghpur


# ଦୁର୍ନୀତି କରି କଲେକ୍ଟର/ଏସ୍‌ପି ଓ ବଡ ଅଧିକାରୀ ଫସୁଛନ୍ତି

**ଜୟପୁର(ସଂପର୍କବାର୍ତ୍ତା):-** ଜୟପୁରୁ ସବୁଠି ଦୁର୍ନୀତି ହେଉଛି । କିନ୍ତୁ ସରକାରଙ୍କ ବଡ ଚନ୍ତି। ଏହାକୁ କେମିତି ବନ୍ଦ କରିହେବ । ବଡ ବଡ ସରକାରୀ ଅଧିକାରୀ ମଧ୍ୟ ଧରାପଡୁଛନ୍ତି । କଲେକ୍ଟର ଧରାପଡୁଛନ୍ତି । ଏସ୍‌ପି ବି ଧରାପଡିଛନ୍ତି । ଏପରିକି ସସପେଣ୍ଡ ମଧ୍ୟ ହୋଇଛନ୍ତି ବୋଲି ରାଜସ୍ଥାନର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଛନ୍ତି । ଗଣମାଧ୍ୟମ ସାମ୍ନାରେ ଗେହଲଟ କହିଛନ୍ତି, ଶିକ୍ଷକଙ୍କ କାର୍ଯ୍ୟକ୍ରମ ଥିବାରୁ ମୁଁ ଦୁର୍ନୀତି କଥା କହିଲି । ଏବେ ରାଜସ୍ଥାନର ଏସ୍‌ପି ଭଲ କାମ କରୁଛନ୍ତି ବୋଲି କହିବାକୁ ଚାହୁଁଛି। ଭାରତରେ ଆଣ୍ଟି କରପ୍ସନ ଡିପାର୍ଟମେଣ୍ଟ ସବୁଠୁ ଭଲ କାମ ରାଜସ୍ଥାନରେ କରୁଛି । ତେବେ




ଯେଉଁମାନେ ଧରାପଡୁଛନ୍ତି ସେମାନେ ତ ଶିକ୍ଷା ବିଭାଗର ନୁହଁନ୍ତି । କେବଳ ଟିଚରଙ୍କ କଥା ନୁହେଁ, ସବୁ ବିଭାଗରେ ଦୁର୍ନୀତି ହେଉଛି । ଏହା ବ୍ୟତୀତ ଶିକ୍ଷା ବିଭାଗ ଏବଂ ଶିକ୍ଷକଙ୍କୁ ନେଇ ଗେହଲଟ କହିଛନ୍ତି ଯେ ବିଚାର ସେମାନେ ଚିନ୍ତାରେ ଅଛନ୍ତି । ଯଦି ଜଣେ ଶିକ୍ଷକଙ୍କ ଟ୍ରାନ୍ସଫର କରାଯାଏ ତେବେ ସମସ୍ତେ ଟେନସନରେ ରହିବେ ତାଙ୍କ ପାଳି କେତେବେଳେ ପଡିବ । ଏମିତି ହେଲେ ସେ ନା ଟଙ୍କା ଦେବେ ନା ଦୁର୍ନୀତି ହେବ ଏହା ମୋର ଉଦ୍ଦେଶ୍ୟ ଥିଲା କହିବାକୁ ବୋଲି ସେ କହିଛନ୍ତି । କିନ୍ତୁ ଯେଉଁମାନେ ଧରାପଡୁଛନ୍ତି ସେମାନେ ଅନ୍ୟ ମନ୍ତ୍ରାଳୟର । ଯେଉଁମାନେ ମୋ ପାଖରେ ଅଛନ୍ତି ସେମାନେ ମଧ୍ୟ ଧରାପଡୁଛନ୍ତି । ତେଣୁ ଶିକ୍ଷା ବିଭାଗକୁ ନେଇ ଯେଉଁ ଆଲୋଚନା ହେଉଛି ତାହା ମୋର ଉଦ୍ଦେଶ୍ୟ ନଥିଲା ବୋଲି ସିଏମ ଗେହଲଟ କହିଛନ୍ତି ।

# କଟକରେ ସିଆର୍‌ଆର୍‌ଆଇ ଥାନା ହୋଇପାରିଲାନି

**କଟକ(ସଂପର୍କବାର୍ତ୍ତା):-** ବିଜ୍ଞପ୍ତି ପ୍ରକାଶ ପାଇବାର ଦୀର୍ଘ ୫ ବର୍ଷରୁ ଅଧିକ ସମୟ ପରେ ସିଆରଆରଆଇ ଥାନା କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଥାନାର ନିଜସ୍ୱ ଘର ନିର୍ମାଣରେ ବିଳମ୍ବ ହେବାରୁ ଥାନା କାର୍ଯ୍ୟକ୍ଷମ ହୋଇପାରୁ ନଥିଲା। ଏବେ କିନ୍ତୁ ଭଡ଼ା ଘରେ ଥାନାକୁ କାର୍ଯ୍ୟକ୍ଷମ ହୋଇପାରୁନଥିଲା। ଏବେ କିନ୍ତୁ ଭଡ଼ା ଘରେ ଥାନାକୁ

## ୫ ବର୍ଷ ପୂରିଲା

କାର୍ଯ୍ୟକ୍ଷମ କରାଇ ପରେ ସ୍ଥାୟୀ ଘରକୁ ସ୍ଥାନାନ୍ତର କରିବାକୁ ପିସ୍ତତତ ହୋଇଛି। ସିଆର୍‌ଆର୍‌ଆଇ ବା ନୂତନ ଏନ୍‌ଆର୍‌ଆର୍‌ଆଇ ପାଖ ଅଞ୍ଚଳରେ ଥାନା ଚାଲିବ ବୋଲି ସୂଚନା ମିଳିଛି।

ପୁଲିସ୍ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ୨୦୧୫ ମସିହାରେ ଚାଉଳିଆଗଞ୍ଜ ଥାନା ପରିସୀମାକୁ ଦୁଇ ଭାଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସିଆରଆର୍‌ଆଇ ପାଖରେ ଥିବା ଫାଣ୍ଡିକୁ ଥାନାରେ ରୂପାନ୍ତରଣ କରିବାକୁ ଯୋଜନା ହେଲା ଓ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଲା। ସିଆର୍‌ଆର୍‌ଆଇ ଥାନା ନାମରେ ଏହାକୁ ନାମିତ କରାଗଲା। ଏପରିକି କ୍ରାଇମ୍ ରେକର୍ଡ଼ ରଖିବା ପାଇଁ ପୁଲିସର 'ସିସିଟିଏନ୍‌ଏସ୍' ବ୍ୟବସ୍ଥାରେ ମଧ୍ୟ ସିଆର୍‌ଆର୍‌ଆଇକୁ ସ୍ଥାନ ମିଳିଲା। ମାତ୍ର ସେହି ସମୟରେ ଥାନା ପଇଁ ଘର ନ ଥିବାରୁ ଥାନାଟି କାର୍ଯ୍ୟକ୍ଷମ ହୋଇପାରିଲାନି । ସରକାର ୨ କୋଟି ଟଙ୍କା ଦେଇ ନୂଆ ଘର କରିବାକୁ ୨ କୋଟି ଟଙ୍କା ଦେଇ ନୂଆ ଘର କରିବାକୁ କହିଲେ। ହେଲେ ଘର ନିର୍ମାଣ ପାଇଁ ସରକାରୀ ଜାଗା ମିଳିଲାନି ଫଳରେ ଥାନା କାର୍ଯ୍ୟକାରୀ ହେବା ଘୁଞ୍ଚିଘୁଞ୍ଚି ଚାଲିଲା। ଏହା ମଧ୍ୟରେ ୫ବର୍ଷରୁ ଅଧିକ ସମୟ ବିତିଲାଣି। ମାତ୍ର ଥାନା ଚାଲିଲନି। ଏଭଳି ସ୍ଥିତିରେ ସରକା ନିର୍ଦ୍ଦେଶ ଆସିଲାକି କୋଠାପାଇଁ ଥିବା ଟଙ୍କା ଫେରିବ। ତେଣୁ କମିନରେଟ୍ ପୁଲିସ ଏବେ ତତ୍ପରତା ଦେଖାଉଛି। ଥାନାକୁ ଏକ ଭଡ଼ା ଘରେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି।

# ଶିଶୁ ଆୟୋଗରେ ଗଡୁଛି ସାଢେ ୭ ଶହ ମାମଲା
# ଶିଶୁ ଯୌନ ନିର୍ଯାତନା ଓ ହିଂସାରେ ପୁରୀ ପ୍ରଥମ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟରେ ପ୍ରତିଦିନ ଶିଶୁମାନେ ଶୋଷଣର ଶିକାର ହେଉଛନ୍ତି ।ଏମାନଙ୍କୁ ନ୍ୟାୟ ଦେବାକୁ ଶିଶୁ ଆୟୋଗ ରହିଛି ।ହେଲେ ସେଠାରୁ ସେତେଟା ଫଳ ମିଳୁ ନଥିବା ଜଣାପଡିଛି। ରିପୋର୍ଟ କହୁଛି ଓଡିଶାରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଗଠନ ହେବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ମାତ୍ର ୨୩୦ମା ମଲାରସମାଧାନ ହ ହୋଇଛି। ୭୫୦ର ଅଧିକ ମାମଲା ନିକଟରେ ଗଡୁଛି ଏ ସବୁ ହେଉଛି ଶିଶୁ ହଂିସା ସମ୍ପର୍କିତ ସମ୍ବେଦନ ଶୀଳ ମାମଲା। ଆୟୋଗକୁ ଛାଡି ପ୍ରତି ଜିଲ୍ଲାର ବିଭିନ୍ନ ଥାନାରେ ମାଳମାଳ ମାମଲା ପଡିଛି। ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧକୁ ନଜରରେ ରଖି ୨୦୨୧ ରୁ ୨୦୨୧ ସେପ୍ଟେମ୍ବର ମଧ୍ୟରେ ଶିଶୁ ଯୌନ ନିର୍ଯାତନା ଓ ଶିଶୁ ହିଂସା ନେଇ ୯୮୦ଟି ମାମଲା ଆସିଥିଲା ହେଲେ ସେଥିରୁ ମାତ୍ର୨୩୦ମାମଲା ସମାଧାନ ହୋଇନାହିଁ । ଉକ୍ତ ସମୟରେ ଆୟୋଗ ପାଖକୁ ବାଲ୍ୟ ବିବାହ ସମସ୍ୟା ନେଇ ୧୭ଟି ମାମଲା ଆସିଥିଲା ସେଥିରୁ ମାତ୍ର ୪ଟି ଘଟଣାର ସମାଧାନ ହୋଇଛି । ବିଡମ୍ବନାର ବିଷୟ ,୨୦୨୦ ମସିହାରେ ୯୯ଟି ଅଭିଯୋଗ ହୋଇଥିଲେ । ମାତ୍ର ୪ଟି ମାମଲାର ସମାଧାନ ହୋଇଛି ।୩୦ଟି ଜିଲ୍ଲା ରେ ଶିଶୁ ଯୌନ ନିର୍ଯାତନା ଓ ଶିଶୁ ମାତ୍ରା ଦେଖିଲେ ସ୍ଥିତି ପୂରା ସାଂଘାତିକ ବୋଲି ଜଣିପଡୁଛି। ୨୦୨୧ରୁ ୨୦୨୧ ସେପ୍ଟେମ୍ବର ମଧ୍ୟର ୫୩୦ଟି ଘଟଣା ଘଟିଥିଲା ସେଥିରୁ ସର୍ବାଧିକ ଘଟଣା ଘଟିଛି। ପୁରୀ ଜିଲ୍ଲାରେ ।ଏଠାରେ ମୋଟ ୬୩୫ଘଟଣା ଘଟିଛି। ଦ୍ୱିତୀୟ ସ୍ଥାନରେ ରହିଛି ଅନୁଗୁଳ ଜିଲ୍ଲା ।ଏଠାରେ ୬୧୦ଟି ମାମଲା ରୁଜୁ ହୋଇଛି ।

କେନ୍ଦ୍ରାପଡା ଜିଲ୍ଲାରେ ୫୩୦ଟି ମାରଲା ରୁଜୁ ହୋଇ ତୃତୀୟ ସ୍ଥାନେ ରହିଛି। ଶିଶୁ ଉପରେ ଏନ୍‌ସିଆରବି ରିପୋର୍ଟ କହୁଛି ।ଓଡିଶାରୁ ୩୭୦୦ ଜଣ ଶିଶୁଙ୍କ ପତ୍ତା ମିଳୁନାହିଁ । ଶିଶୁ ଅପହରଣ ସମୟରେ ଥାନାରେ ଏତଲା ହୋଇଛି ।ପୁଲିସ ମାମଲା ରୁଜୁ କରିଛି ।ହେଲେ ପରେ ଉକ୍ତ ଶିଶୁଙ୍କ ବିଷୟରେ କିଛି ତଥ୍ୟ ପ୍ରମଣା ପାଇନାହିଁ ।ଫଳରେ ନିଖୋଜ ତାଲିକା ଗଡି ଚାଲିଛି। ଶିଶୁ ଚାଲାଣରେ କନ୍ଧମାଳ ପ୍ରଥମ ସ୍ଥାନରେ ରହିଛି। ଏହି ଜିଲ୍ଲାରୁ ୨୦୨୦ରେ ୮୯ଶିଶୁ ଚାଲାଣ ଜଣାପଡିଛି। ମୟୂରଭଞ୍ଜରୁ ୨୯, ଅନଗୁଳରେ ୧୪,ବରଗଡରେ ୧୦ଜଣ ଶିଶୁ ଚାଲାଣ ହୋଇଛନ୍ତି । ଅନଲାଇନ ଶିଶୁ ଯୌନ ଶୋଷଣ ମାମଲାରେ ଓଡିଶା କଥା ପଦାକୁ ପରେ ଶିଶୁ ସୁରକ୍ଷା ଅୟୋଗର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ଲାଗିଛି। ।ଶିଶୁ ହିଂସା ବାବଦରେ ଆୟୋଗ କେବେ କିଛି ସଚେତନ କରିନଥିଲା ଏଥି ସମ୍ପର୍କିତ ସିବିଆଇ ମାମଲା ପଦାକୁ ଆସିବା ପରେ ଏବେ ସଚେତନ କରିବାକୁ ଯୋଜନାକରୁଛି। ଅନଲାଇନ୍ ର ବହୁଳ ବ୍ୟବହାର ହିଁ ଏହାରୁ ମୁଖ୍ୟ କାରଣ ବୋଲି ଜଣାପଡିଛି। ସିବିଆଇ ଦେଶରେ ୧୪ ରାଜ୍ୟରେ ଚଢଉ କରି ଏହି ଜଘନ୍ୟ କାଣ୍ଡକୁ ପଦାକୁ ଆଣିଛି।ସିବିଆଇ ଜାଣିବାକୁ ପାଇଛି ଅପରାଧୀମାନେ ଶିଶୁଙ୍କର ଭିଡିଓ ତିଆରି କରି ସୋସିଆଲ ମିଡିଆରେ ଭାଇରାଲ୍ କରୁଛନ୍ତି । ଏହା ବଦଳରେ ସେମାନେ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ।

# ଛେଳିକୁ ଧରି ଥାନାର ଦ୍ୱାରସ୍ଥ ହେଲେ ଯୁବକ

**ସୋର(ସଂପର୍କବାର୍ତ୍ତା):-** ପଡୋଶୀଙ୍କ ଛେଳି ଘରେ ପଶି ଚାଉଳ ଖାଇଗଲା ଆଉ କ୍ଷତିଭରଣା ପାଇଁ କ୍ଷତିଗ୍ରସ୍ତ ଯୁବକ ଛେଳିକୁ ମାରି ତାର ମାଂସ ଖାଇ ଦେଇଥିଲେ । ପରେ ଥାନାରେ ଛେଳି ମାଲିକ ଅଭିଯୋଗ କରିବାକୁ ୮ ହାଜର ଟଙ୍କା ତଣ୍ଡ ଗଣିଥିଲେ ସମ୍ପୃକ୍ତ ଯୁବକ । ଏହି ଘଟଣା ପ୍ରୟ ୮ ମାସ ପରେ ଅର୍ଥାତ ଦୁଇ ଦିନ ତଳେ ସମାନ ଘଟଣା ର ପୁନରାବୃତ୍ତି ହୋଇଥିଲା ପଡୋଶୀ ଛେଳି ମାଲିକଙ୍କ ଆଉ ଏକ ଛେଳି ପୁଣି ସେହି ଯୁବକଙ୍କ ଘରେ ପଶି ଚାଉଳ ଖାଇଯାଇଥିଲା ଏଥର କିନ୍ତୁ ଯୁବକ ଜଣକ ଛେଳିଟିକୁ ପୂର୍ବ ଭଳି ନମାରି ତାକୁ ନେଇ ସୋଇ ଥାନାରେ ପହଂଚିଲା ଥାନାରେ ଅଭିଯୋଗ କରି କହିଥିଲେ , ବାରମ୍ବାର ତାଗିଦ୍ ପରେ ବି ପଡୋଶୀଙ୍କ ଛେଳି ମୋ ଘରେ ପଶି ଚାଉଳ ଖାଇଯାଉଛି ।ଏଥର ପ୍ରମାଣ କରାଇବାକୁ ଛେଳିକୁ ସାଙ୍ଗରେ ନେଇ ଥାନାକୁ ଆସିଛି । ଛେଳି ପଟେରେ ଚାଉଳ ଅଛି କି ନାହିଁ ତାର ପ୍ରମାଣ ନିଅନ୍ତୁ ଆଉ ତାକୁ ଗିରଫ କରି ମୋତେ ନ୍ୟାୟ ଦିଅନ୍ତୁ ।ସୋର ପୌରାଂଚଳ ଅନ୍ତର୍ଗତ ଉତ୍ତରେଶ୍ୱର ନିକଟ ଚିନ୍ତାମଣିପଦା ବସ୍ତିରେ ରହୁଥିବା ରଜିତ ନାୟକଙ୍କଠାରୁ ଏଭଳି ଅଭିଯୋଗ ପାଇ ପୁଲିସର ବି ଅକଲଗୁଡୁମ୍ ହୋଇ ଯାଇଥିଲା ଘଟଣାଟି ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ସୋସିଆଲ ମିଡିଆରେ ଏହାଭାଇରାଲ୍ ହେବାରେ ଲାଗିଛି ।

# ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ଭୁବନେଶ୍ୱର ଇତିହାସ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଓଡିଶାର ଐତିହ୍ୟ ଗରିମାମୟ । ଏହାର ଇତିହାସ ବଳିଷ୍ଠ । ଏହାର କୀର୍ତ୍ତିରାଜିର ଉପମା ନାହିଁ କିନ୍ତୁ ଏବେ ବି ବହୁ କୀର୍ତ୍ତି ଲୋକଲୋଚନକୁ ଆସି ପାରିନାହିଁ । ଏବେ ବି ଓଡିଶା ଇତିହାସର ଉପଯୁକ୍ତ ଗବେଷଣା ହୋଇପାରିନାହିଁ। ତେଣୁ ଆଜିର ଐତିହାସିକ ଓ ଗବେଷକମାନେ ଏ ଦିଗରେ ଆଗେଇ ଆସିବା ଜରୁରୀ । କାରଣ ଜାତି ଇତିହାସ ବାବଦରେ ଜ୍ଞାନ ନଥିଲେ, ସେ ଜାତିର ଅଗ୍ରଗତି ହୋଇଥାଏ । ଆଜି ଓଡିଶା ନାଗରିକ ମହାମଂଚ ଓ ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ଐତିହାସିକ, ଗବେଷକ ତଥା ସ୍ତମ୍ଭକାର ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀଙ୍କ ୮୧ତମ ଜନ୍ମ ଦିବସ ଅବସରରେ ଅତିଥିମାନେ ଏହା କହିଛନ୍ତି । ଜୟଦେବ କମ୍ପ୍ଲେକ୍ସରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଅବସରରେ ତାଙ୍କ ଗବେଷାଣାତ୍ମ ପୁସ୍ତକ ଭୁବନେଶ୍ୱର ଇତିହାସ ଉନ୍ମୋଚନ କରାଯାଇଥିଲା ବରିଷ୍ଠ ସାମ୍ବଦିକ ପ୍ରଦ୍ୟୁମ୍ନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଡା ଦାମୋଦର ରାଉତ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟକ ଦାଶ ବେନହୁର ଓ ସମ୍ମାନିତ ଅତିଥି ଭାବେ ଓଡିଶା ପବ୍ଲିକ୍ ସର୍ଭିସ୍ କମିସନର ସଦସ୍ୟ ନିରଞ୍ଜନ ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଶ୍ରୀ ବେନହୁର ଡ. ତ୍ରିପାଠୀଙ୍କ ସାରସ୍ୱତ କୃତି ସମ୍ପର୍କରେ ଆଲୋକପାତ କରିଥିଲେ । ସତ୍ୟ, ସଠିକ୍ ଗବେଷଣା ସହିତ ଆଜିର ଯୁବପିଢି ସେହି ଦିଗରେ କାର୍ଯ୍ୟ କରିବା ପାଇଁ ଅଗ୍ରସର ହୁଅନ୍ତୁ ବୋଲି ସେ ମତବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ ୧୯୪୮ ମସିହାରୁ ଭୁବନଶ୍ୱର ନୂଆ ରୂପ ପାଇଛି । ଆମର କର୍ତ୍ତବ୍ୟ ହେଉଛି ରହିବା, ଯେଉଁଠି ପଢିବା ସେ ସ୍ଥାନ ସମ୍ପର୍କରେ ନିଶ୍ଚିତ ରୂପେ ଜାଣିବା କିନ୍ତୁ ଏଠାରେ ରହି ପାଠ ପଢୁଥିବା ପିଲାମାନେ ଏହି ସ୍ଥାନ ସମ୍ପର୍କରେ ଜାଣିପାରୁ ନାହାନ୍ତି । ଏହି ଇତିହାସ ଲେଖି ଡଃ ତ୍ରିପାଠୀ ଭୁବନଶ୍ୱରକୁ ଜାଣିବାର ସୌଭାଗ୍ୟ ଆମକୁ ଦେଇଛନ୍ତି । ତେଣୁ ଏହି ପୁସ୍ତକୁ ସମସ୍ତେ ପଢିବା ଆବଶ୍ୟକ। ମୁଖ୍ୟଅତିଥି ଶ୍ରୀ ରାଉତ କହିଥିଲେ ଯେ ବର୍ତ୍ତମାନ ସମୟରେ ଭୁବନଶ୍ୱର ସମେତ ଆମ ସମଗ୍ର ରାଜ୍ୟ ବିଷୟରେ ସମସ୍ତେ ଭଲ ଭାବେ ଜାଣିବା ଉଚିତ୍ ଆମେ ଆମ ରାଜ୍ୟ ବାବଦରେ ଜାଣି ନଥିବା ହେତୁ ପଡୋଶୀ ରାଜ୍ୟମାନେ ଆମ ରାଜ୍ୟର କିଛି ଅଂଚଳକୁ ଅକ୍ତିଆର କରିବାକୁ ପଛାଉନାହାନ୍ତି । ଓଡିଶାକୁ ନେଇ ଯେତିକି ଇତିହାସ ଗବେଷଣା, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ହୋଇପାରିନାହିଁ । ଓଡିଶାରେ ଅନେକ କୀର୍ତ୍ତିରାଜି ରହିଛି । ଯାହା ଲୋକଲୋଚନୁ ଆସି ପାରିନାହିଁ । ତେଣୁ ଏହା ଉପରେ ଐତିହାସକମାନେ କିଛି ଗବେଷଣା କରି ଲୋକଲୋଚନକୁ ଆଣିବା ଆବଶ୍ୟକ।

# ନୂଆବଜାର ହାଇସ୍କୁଲର ସ୍ଥିତି ଭଲ ନାହିଁ

**କଟକ(ସଂପର୍କବାର୍ତ୍ତା):-** ଶିକ୍ଷକ ଶ୍ରେଣୀଗୃହ ଭଳି ମୌଳିକ ଆବଶ୍ୟକତା ପୂରଣ ହୋଇନି। ଖେଳପଡ଼ିଆ, ପାଚେରି ଭଳି ଭିତ୍ତିଭୂମିର ବିକାଶ ମଧ୍ୟ କରାଯାଇନାହିଁ। କିନ୍ତୁ ଘୋଷଣା କରିଦେଲେ ସ୍ମାର୍ଟ ସ୍କୁଲ। ସ୍କୁଲକୁ ସମ୍ମୁଖରୁ ଦେଖିଲେ, ଯେ କେହି କହିବ ଏହା ସ୍ମାର୍ଟ ସ୍କୁଲ। କିଛି ପଛପାର୍ଶ୍ୱ ଦେଖିଲେ, ଅନୁଭବ ହେବ କୌଣସି ପରିତ୍ୟକ୍ତ ସ୍ଥାନଠାରୁ କମ୍ ନୁହେଁ। ଖେଳପଡ଼ିଆ ବଣବୁଦାରେ ପରିପୂର୍ଣ୍ଣ। ପାଚେରି କାମ ଅଧା, ଭଲିବଲ୍ କୋର୍ଟ ବି ଅଧା। ଏ ହେଉଛି କଟକ ପୂର୍ବାଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ନୂଆବଜାର ହାଇସ୍କୁଲର ବାସ୍ତବ ଚିତ୍ର- ୫ଟି ରୂପାନ୍ତରୀକରଣର ପ୍ରଥମ ପର୍ଯ୍ୟାୟରେ ସ୍ମାର୍ଟ ସ୍କୁଲ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲେ ମଧ୍ୟ ଏହାର ମୌଳିକ ସମସ୍ୟା ଦୂର ହୋଇନି।

କଟକ ପୂର୍ବାଞ୍ଚଳ ପ୍ରମୁଖ ବିଦ୍ୟାଳୟ ଭାବେ ପ୍ରସିଦ୍ଧି ଲାଭ କରିଥିବା ନୂଆବଜାର ସରକାରୀ ହାଇସ୍କୁଲରେ ୪ର୍ଥରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ବ୍ୟବସ୍ଥା ରହିଛି। ସରକାରୀ ଶିକ୍ଷାନୁଷ୍ଠାନର ପିଲା କମୁଥିବା ବେଳେ ଏଠି କିନ୍ତୁ ପିଲାଙ୍କ ସଂଖ୍ୟା କମ୍ ନାହିଁ। ପିଲାଙ୍କ ସଂଖ୍ୟା ବଢୁଥିଲେ ମଧ୍ୟ ସେହି ଅନୁସାରେ ଶିକ୍ଷକ ପଦ ବଢ଼ିବା ବଦଳରେ କମିବାରେ ଲାଗିଛି। କୌଣସି ଶିକ୍ଷକଙ୍କ ଅବସରଗ୍ରହଣ ବା ପଦୋନ୍ନତି ପରେ ନୂଆ ଶିକ୍ଷକ ନିଯୁକ୍ତ ନାହିଁ। ଆବଶ୍ୟକ ଶ୍ରେଣୀ ଗୃହ ମଧ୍ୟ ନାହିଁ। ଏଭି ସ୍ଥିତରେ ୫ଟି ରୂପାନ୍ତରଣ ପ୍ରକ୍ରିୟାରେ ଏହାକୁ ସ୍ମାର୍ଟ ସ୍କୁଲ ଭାବେ ରୂପାନ୍ତର କରାଯାଇଛି। ହେଲେ ସମସ୍ୟା ସୁଧାରିବା ବଦଳରେ ଅଧିକ ଜଟିଳ ହୋଇଛି। ନୂଆବଜାର ହାଇସ୍କୁଲରେ ଏବେ ପାଖାପାଖି ହଜାରେ ଛାତ୍ରଛାତ୍ରୀ ପଢୁଛନ୍ତି। କେବଳ ଦଶମ ଶ୍ରେଣୀରେ ଅଛନ୍ତି ୨୦୧ ଜଣ। ହଜାର ପିଲାଙ୍କୁ ପଢ଼ାଇବା ପାଇଁ ୩୦ଜଣ ଶିକ୍ଷକ ଆବଶ୍ରକ ଥିବା ବେଳେ ଏବେ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କୁ ମିଶାଇ ୧୪ଜଣ ଶିକ୍ଷକ ରହିଛନ୍ତି। ସଂସ୍କୃତ ଶିକ୍ଷକ ଆଦୌ ନାହାନ୍ତି। ବିଜ୍ଞା ଶିକ୍ଷକ (ଉଭୟ ପିସିଏମ୍ ଓ ସିବିଜେଡ୍), ଟିଜି(ଆର୍ଟସ) ଶିକ୍ଷକଙ୍କର ଅଭାବ। ସେହିପରି ଏଲିମେଣ୍ଟାରି ବିଭାଗର ଟିଆଇ, ଟିଏମ୍‌ର ୫ ଶିକ୍ଷକ ପଦ ଖାଲି ପଡ଼ିଛି। ୫-ଟି ରୂପାନ୍ତରୀକରଣରେ ସମସ୍ୟା ସମାଧାନ ବଦଳରେ ଅଧିକ ଜଟିଳ ହୋଇଛି। ବିଦ୍ୟାଳୟରେ କ୍ଲାସ ରୁମ୍ ଅଭାବ ଥିଲା। ଯାହା କ୍ଲାସ୍ ରୁମ୍ ଥିଲା, ସେଥିରୁ ଦୁଇଟି ରୁମ୍‌କୁ ୫-ମିଟର ଇ-ଲାଇବ୍ରେରି ଓ ବିଜ୍ଞାନଗାର କରାଯାଇଛି। ପୁଣି କୋଭିଡ୍ ପାଇଁ ୨୫ଟି ପିଲାଙ୍କୁ ଗୋଟିଏ କ୍ଲାସରୁମ୍ ନୀତି ସମସ୍ୟାକୁ ଅଧିକ ଜଟିଳ କରିଛି। ଷଷ୍ଠ ଓ ସପ୍ତମ ଖୋଲିବା ପରେ ଆଉ ୪ଟି କ୍ଲାସ ରୁମ୍ ନିହାତି ଆବଶ୍ୟକ ପଡୁଛି। ସେହିପରି ୫ ମିଟର ରୂପାନ୍ତର ପ୍ରକ୍ରିୟାରେ ବିଦ୍ୟାଳୟ ଉନ୍ନତିକରଣ କରାଯାଇଥିଲେ ମଧ୍ୟ ଖେଳପଡ଼ିଆରେ ହାତ ମରାଯାଇନାହିଁ। ଏହ ପରିତ୍ୟକ୍ତ ସ୍ଥାନ ଭଳି ପଡ଼ିରହିଛି। ବିଦ୍ୟାଳୟର ପଛ ପାର୍ଶ୍ୱ ବଣବୁଦାରେ ପରିପୂର୍ଣ୍ଣ। ଜଣେ ଶିକ୍ଷକଙ୍କ କହିବା ଅନୁସାରେ, ଜିଲ୍ଲାପାଳ, ସିଏସ୍‌ସି କମିସନର, ଆର୍ ଆଣ୍ଡ ବି ନିର୍ବାହୀଯନ୍ତ୍ରୀଙ୍କ ଦ୍ୱାରା ରୂପାନ୍ତରୀକରଣ କାମ ହେଉଥିଲା। ଏହି କାମ ବିଷୟରେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର କୌଣସି ପରାମର୍ଶ କି ବିଦ୍ୟାଳୟ କର୍ତ୍ତୃପକ୍ଷ କାମ କରି ନାହାନ୍ତି।

# କୃଷି ଆଇନ ପ୍ରତ୍ୟାହାରକୁ ଚାଷୀ ସୁରକ୍ଷା ଅଭିଯାନର ସ୍ୱାଗତ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** କେନ୍ଦ୍ରର ବିଜେପି ସରକାର ଏକ ତରଫା ଭାବେ ଗତ ୨୦୨୦ ନଭେମ୍ବର ୨୬ ତାରିଖରେ ଲୋକସଭା ଓ ରାଜ୍ୟସଭାରେ ୩ କୃଷକ ବିରୋଧୀ କଳା ଆଇନକୁ ପାରିତ କରିଥିଲେ। ଏହାର ପ୍ରତିବାଦ କରି ଏକ ବର୍ଷ ବ୍ୟାପି ଭାରତ ବର୍ଷର ହଜାର ହଜାର ଚାଷୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଥିଲେ । ଏହି ଆନ୍ଦୋଳନରେ ସାମିଲ ହୋଇ ବର୍ଷକ ମଧ୍ୟରେ ୭ ଶହରୁ ଉର୍ଦ୍ଧ୍ୱ ଚାଷୀ ମୃତ୍ୟୁବରଣ କରିଛନ୍ତି। ଏହାସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନିଜର ଅହଂଭାବ ଏବଂ ଏକପାକ୍ଷିଆ ନିଷ୍ପତ୍ତିକୁ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଦୃଢ଼ ଘୋଷଣା କରିଥିଲେ। କିନ୍ତୁ ଆଜି ଦେଶର ଅନ୍ନଦାତାଙ୍କ ସତ୍ୟାଗ୍ରହ ଆଗରେ ଅହଂକାର ମୁଣ୍ଡ ନୁଆଁଇଲା ବୋଲି ଚାଷୀ ସୁରକ୍ଷା ଅଭିଯାନ ପକ୍ଷରୁ କୁହାଯିବା ସହ ଏହାକୁ ସ୍ୱାଗତ କରାଯାଇଛି। ଫଳରେ ଚାଷୀମାନଙ୍କ ବିଜୟ ଘଟିଛି।

ଓଡ଼ିଶା ଚାଷୀ ସୁରକ୍ଷା ଅଭିଯାନର ଆବାହକ ରବି ରଥଙ୍କ ଅଧକ୍ଷତାରେ ନବୀନ ଭବନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଚାଷୀମାନଙ୍କ ବିଜୟକୁ ସ୍ୱାଗତ କରାଯିବା ସହ ଶାନ୍ତିପୂର୍ଣ୍ଣ ଗଣତାନ୍ତ୍ରିକ ଆନ୍ଦୋଳନର ବିଜୟ ଘଟିଛି ବୋଲି ଆବାହକ ରଥ ପ୍ରକାଶ କରିବା ସହ ଆଗାମୀ ଲୋକସଭା ଅଧିବେଶନରେ ଏହାକୁ ପ୍ରତ୍ୟାହାର କରନ୍ତୁ ବୋଲି ଦାବି କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ସୀମାଞ୍ଚଳ ନାହାକ, ସୁବାସ ଚନ୍ଦ୍ର ରାଉତ, ବୃନ୍ଦାବନ ବେହେରା, ପଦ୍ମଚରଣ ସାହୁ, ଧର୍ମ ପଢ଼ିହାରୀ, ବିଜୟ କୁମାର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଗୋପାଳ କୃଷ୍ଣ ବିଷୋୟୀ, ଏମ୍.କ୍ରୀଷ୍ଣା ରେଡ଼ି, ରଘୁନାଥ ସାହୁ, ବଳରାମ ଜାନୀ, ମିହିର କୁମାର ରାଉତ, ଉଦୟ ନାଥ ପ୍ରଧାନ, ଗୋବିନ୍ଦ ପ୍ରଧାନ, ରମେଶ ପଲେଇ ପ୍ରମୁଖ ଯୋଗଦେଇ ପ୍ରଧାନମନ୍ତ୍ରୀ ଚାଷୀଙ୍କ ପ୍ରତି ସମବେଦନା ଜ୍ଞାପନ କରିବା ଘଟଣା ସତ୍ୟତା ନୁହେଁ, ବରଂ ନିର୍ବାଚନ ହାରିବା ଭୟରେ ଏହି କଳା ଆଇନକୁ ପ୍ରତ୍ୟାହାର କରିବାକୁ ବାଧ ହୋଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

# ଏକାଦଶୀରେ ଆମିଷ ଆଣି ଘରେ ଖାଇଲା ସ୍ୱାମୀ, ସ୍ତ୍ରୀ କିରୋସିନ ଢାଳି ଆତ୍ମହତ୍ୟା

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିହାରର ପଶ୍ଚିମ ଚମ୍ପାରଣ ଜିଲ୍ଲା ବେତିୟାରେ ସ୍ୱାମୀଙ୍କ ପ୍ରତାଡନାରେ ଅସ୍ତବ୍ୟସ୍ତ ହୋଇ ଜଣେ ନବବିବାହିତା କିରୋସିନ ଢାଳି ନିଜକୁ ନିଆଁ ଲଗାଇ ଦେଇଛନ୍ତି । ଏଥିରେ ମହିଳା ଜଣକ ସମ୍ପୂର୍ଣ୍ଣ ଭାବେ ପୋଡି ଯାଇଥିବାକୁ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ସେପଟେ ସ୍ତ୍ରୀଙ୍କୁ ବଂଚାଇବାକୁ ସ୍ୱାମୀ ମଧ୍ୟ ନିଆଁର ପୋଡି ହୋଇ ଗୁରୁତର ଆହତ ହୋଇଛନ୍ତି । ମାମଲା ବିହାରର ମଝୋଲିୟା ଥାନା ଅଂଚଳରେ ବୋଲି ଜଣାପଡିଛି ।ସୂଚନା ଅନୁଯାୟୀ, ମୃତ ମହିଳାଙ୍କ ନା ଆରତି ଦେବୀ । ତାଙ୍କ ସ୍ୱାମୀ ରାହୁଲ କୁମାର ଅତ୍ୟଧିକ ଭାବରେ ଆମିଷ ଖାଉଥିଲେ, ଯାହାକୁ ନେଇ ସ୍ତ୍ରୀ ଅଧିକ ଚିନ୍ତିତ ହୋଇ ପଡିଥିଲେ। ଏହି କାରଣରୁ ଉଭୟ ସ୍ୱାମୀ, ସ୍ତ୍ରୀଙ୍କ ଭିତରେ ଝଗଡା ଲାଗି ରହୁଥିଲା ସୋମବାର ରାହୁଲ, ଆରତିଙ୍କୁ ଆମିଷ ଖାଦ୍ୟ ତିଆରି କରିବାକୁ କହିଥିଲେ । କିନ୍ତୁ ଏକାଦଶୀ କାରଣରୁ ଆରତି ଏହାକୁ ରାନ୍ଧି ପାରିବେ ନାହିଁ ବୋଲି ସଫା ମନା କରି ଦେଇଥିଲେ । ଏହି କଥାକୁ ନେଇ ଦୁଇଜଣଙ୍କ ଭିତରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ଆରତିଦେବୀ ରାଗିଯାଇ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଦେଇଥିଲେ। ଏହି ଘଟଣାରେ ଆରତି ପାଖପାଖି ୯୦ ପ୍ରତିଶତ ଜଳି ଯାଇଥିଲେ । ଡାକ୍ତରଖାନାରେ ଚିକିତ୍ସା ଚାଲିଥିବା ବେଳେ ସେ ଆଖି ବୁଜିଥିଲେ । ଏନେଇ ମହିଳାଙ୍କ ବାପା ପାହାଡପୁର ଥାନା ଅନ୍ତର୍ଗତ ମନକରରିୟା ଗାଁ ନିବାସୀ ନଗେନ୍ଦ୍ର ସିଂ ଥାନାରେ ଅଭିଯୋଗ କରିଛନ୍ତି । ଜ୍ୱାଇଁ ରାହୁଲ କୁମାର ତାଙ୍କ ଝିଅକୁ ପୋଡି ମାରି ଦେଇଥିବା ନଗେନ୍ଦ୍ର ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ୯ ଜଣଙ୍କୁ ବିବାହ କଲେ ଜଣେ ଯୁବକ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବ୍ରାଜିଲରେ ଜଣେ ପୁରୁଷ ଗୋଟିଏ କିମ୍ବା ଦୁଇଜଣ ନୁହେଁ ବରଂ ୯ଜଣ ମହିଳାଙ୍କୁ ବିବାହ କରିଛନ୍ତି। ଏହି ବିବାହ ସାଓ ପାଉଲୋ ସହରର କ୍ୟାଥୋଲିକ ଚର୍ଚ୍ଚରେ ଆୟୋଜିତ




ହୋଇଥାଏ । ଏହି ବିବାହର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ୯ଜଣ ମହିଳଙ୍କୁ ବିବାହ କରିଥିବା ବ୍ରାଜିଲର ମଡେଲ ଆର୍ଥର ଓ ଉର୍ସୋ କହିଛନ୍ତି ଯେ ସେ ମୁକ୍ତ ପ୍ରେମକୁ ପାଳନ କରିବା ପାଇଁ ସେ ଏହା କରିଛନ୍ତି। ରିପୋର୍ଟ ଅନୁଯାୟୀ, ମଡେଲ୍, ଆର୍ଥର୍ ଓ ଉର୍ସୋ ବିବାହିତ ଏବଂ ସେ ତାଙ୍କ ହନିମୁନ୍ ହଟ୍ ଚିତ୍ର ସେୟାର କରି ସେତେବେଳେ ଚର୍ଚ୍ଚିତ ହୋଇଥିଲେ । ବର୍ତ୍ତମାନ ୯ ଜଣ ମହିଳାକୁ ଏକାଠି ବିବାହ କରି ସେ ପୁଣି ଲାଇମଲାଇଟ୍‌ରେ ପ୍ରବେଶ କରିଛନ୍ତି । ସେ କହିଛନ୍ତି ଯେ ମଡେଲ ଆର୍ଥର ଓ ଓସରୋ ଗୋଟିଏ ବିବାହ ପ୍ରଥାକୁ ବିରୋଧ କରି ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଏଥିରେ ତାଙ୍କ ପତ୍ନୀ ଲୁଆନା ମଧ୍ୟ ସମର୍ଥନ କରିଥିଲେ । ଆର୍ଥର ଓ ଲୁଆନା ତାଙ୍କ ବିବାହ ପରେ ନ୍ୟୁଡିଟି ପାଇଁ ଖ୍ୟାତିଲାଭ କରିଥିବା କ୍ୟାପ ଡି ଆଗଡେରେ ଖୁଲମଖୁଲା ହନୀମୁନ ମନେଇଥିଲେ । ସେହିପରି କରୋନା ମହାମାରୀ ସମୟରେ ସେମାନେ ସେକ୍ସ ଟିପ୍ସ ଦେଇ ଚର୍ଚ୍ଚାକୁ ଆସିଥିଲେ । ଚଳିତ ମାସରେ ଆର୍ଥର ବେକରେ ବେଲ୍ଟ ଲଗାଇ ଲୁଆନ ଷ୍ଟେସନ ଯାଇ ବୁଲାଇଥିଲେ।

# ନୂଆବଜାର ଓଭରବ୍ରିଜ୍ କାମରେ ଆସୁନି

**କଟକ(ତପନ ମହାନ୍ତି):-** କଟକ ପୂର୍ବାଞ୍ଚଳର ନୂଆବଜାରଠାରେ ନିର୍ମାଣ ହୋଇଥିବା ଫ୍ଲାଏଓଭର ବ୍ରିଜ କାମରେ ଆସୁନି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ଓଭରବ୍ରିଜ ନିର୍ମାଣ ହୋଇଥିଲା ତାହା ସାଧିତ ହୋଇପାରିନି। ତାଳଦଣ୍ଡା କେନାଲ ଉପରେ ଦୁଇଟି ଛୋଟ ପୋଲ ଦେଇ ଲୋକ ଯାତାୟତ କରିବା ସହ ଜାତୀୟ ରାଜପଥକୁ ଅତିକ୍ରମ କରି ପୋତାପୋଖରୀ ପଟକୁ ଯାଉଥିବା ଅତିକ୍ରମ କରି ପୋତାପୋଖରୀ ପଟକୁ ଯାଉଥିବା ଦୃଶ୍ୟ ନିତି ଦେଖିବାକୁ ମିଳିଛି। ଫଳରେ ପ୍ରତିଦିନ ସନ୍ଧ୍ୟା ଓ ସକାଳ ସମୟରେ ନାହିଁ ନଥିବା ଟ୍ରାଫିକ ଜାମ ପରିସ୍ଥିତି ଦେଖିବାକୁ ମିଳୁଛି।

ନୂଆବଜାର ଛକର ଟ୍ରାଫିକ୍ ଭିଡ଼ ଏଡାଇବାକୁ ଏକ ଫ୍ଲାଏଓଭର ବିଜ୍ର ଗତ ୨୦୧୪ ଫେବୃଆରୀ ପ୍ରାୟ ୨୭ କୋଟିର ବ୍ୟୟ ଅଟକରେ ନିର୍ମାଣ କରାଯାଇ ଉଦ୍‌ଘାଟନ ହୋଇଥିଲା। ଏହାଦ୍ୱାରା କଟକ-ପାରାଦ୍ୱୀପ ରାସ୍ତା ନୂଆବଜାର ଛକରେ ଟ୍ରାଫିକ ଭିଡ଼ କମିବ ବୋଲି ଆଶା କରାଯାଉଥିଲା, ହେଲେ ଏହା ଯଥା ପୂର୍ବଂ ତଥା ପରଂ ହୋଇଥିଲା। ତାଳଦଣ୍ଡା କେନାଲର ଠିକ ଉପର ଦେଇ ଫ୍ଲାଏ ଓଭର ବ୍ରିଜ ନିର୍ମାଣ ହେବା ପରେ ଏଡି ପୋଲ ନିର୍ମାଣ ହୋଇଥିଲା, ଯଦିଓ ଏହି ସ୍ଥାନରେ ବ୍ରିଟିଶ ଅମଳର ଏକ ପୋଲ ରହିଥିଲା। ବିଶେଷକରି ଫ୍ଲାଏଓଭର ବ୍ରିଜ ନିର୍ମାର ପରେ ବି ଯଦି ତାଳଦଣ୍ଡା କେନାଲ ଉପରେ ଆଉ ଏକ ପୋଲ ନିର୍ମାଣ କରାଯାଇ ନଥାନ୍ତା ତା'ହେଲେ ଏଠାରେ ଟ୍ରାଫିକ୍ ଭିଡ଼ ସୃଷ୍ଟି ହୋଇନଥାନ୍ତା ତା'ହେଲେ ଏଠାରେ ଟ୍ରାଫିକ ଭିଡ ସୃଷ୍ଟି ହୋଇନଥାନ୍ତା ବୋଲି ସ୍ଥାନୀୟ ଲୋକେ କୁହନ୍ତି। ଯେହେତୁ ତଳେ ଦୁଇ ଦୁଇଟି ପୋଲ ଉପଲବ୍ଧ ହେଲା ଗାଡ଼ି ଚାଳକ ଆଉ ଫ୍ଲାଏଓଭର ବ୍ରିଜକୁ ବ୍ୟବହାର କଲେ ନାହିଁ। ବ୍ରିଜ୍‌ପଟରେ ରହିଥିବା ତିନିଘଣିଆ, ନୂଆପଡ଼ା, ମତ୍ତଗଜପୁର, କଲ୍ୟାଣୀନଗର ଆଦି ଅଞ୍ଚଳର ଲୋକେ ଫ୍ଲାଏ ଓଭର ବ୍ରିଜରେ ଯାତାୟତ କଲେ ନାହିଁ । ତାଳ ଦଣ୍ଡାର ଦୁଇ ପୋଲ ଦେଇ ନୂଆବଜାର ଟ୍ରାଫିକ ଛକ ଅତିକ୍ରମ କରି ପୋତାପୋଖରୀ, ମହାନଦୀବିହାର ଆଡକୁ ଯିବାକୁ ଗାଡ଼ି ଚାଳକ ଉଚିତ ମଣିଲେ। ଫଳରେ କଟକ-ପାରାଦ୍ୱୀପ ରାସ୍ତାର ଏହି ସ୍ଥାନରେ ଏବେ ବି ଗହଳି, ଟ୍ରାଫିକ ଜାମ ଭଳି ପରିସ୍ଥିତି ସୃଷ୍ଟି ହୋଇଆସୁଛି। ଅନ୍ୟପଟରେ ନୂଆବଜାର ଫ୍ଲାଏ ଓଭର ବ୍ରିଜ କିନ୍ତୁ ବେଶୀ କାମରେ ଲାଗୁନାହିଁ। ଏହି ଫ୍ଲାଏ ଓଭରବ୍ରିଜ୍ ତଳେ ଆଉ ଏକ ପୋଲ ତାଳଦଣ୍ଡଶ କେନାଲ ଉପରେ କରାଯାଇଥିଲା। ଯେଉଁ ପୋଲକୁ ନେଇ ଅତୀତରେ ଭିଜିଲାନ୍ସ ତନାଘନା କରିଥିଲା। ସେହି ପୋଲର ଆବଶ୍ୟକତା ନଥିବା ସତ୍ତ୍ୱେ କାହିଁକି ଓ କିପରି ଏହାକୁ ପୂର୍ତ୍ତ ବିଭାଗ ଅନୁମୋଦନ କରିଲା ତାହାକୁ ନେଇ ସେହି ସମୟରେ କେତେକ ଯନ୍ତ୍ରୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲା। ଅପରପକ୍ଷରେ ଅନେକ ସମୟରେ ଏହି ଫ୍ଲାଏ ଓଭରବ୍ରିଜ୍ ଉପରେ ଲୋକେ ନିଜର ଚାରିଚକିଆ ପାର୍କ କରୁଥିବା ବେଳେ ଏହା ମାଛ ଓ ପରିବା ମାର୍କେଟ ଭାବେ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି।

# ଜାତୀୟ ରାଜପଥରେ ଇମରଜେନ୍ସି କଲିଂ ଫେଲ୍ !

**କଟକ(ସଂପର୍କବାର୍ତ୍ତା):-** ଜାତୀୟ ରାଜପଥ(ଏନ୍‌ଏଚ୍)ରେ କୌଣସି ଦୁର୍ଘଟଣା କିମ୍ବା ସମସ୍ୟା ହେଲେ ତୁରନ୍ତ ସୁଚନା ଦେବା ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଇମରଜେନ୍ସି କଲିଂ ବ୍ୟବସ୍ଥା କରାଯାଇଛି। ଏନ୍‌ଏଚ୍‌ର ଦୁଇ ପାଖ ରାସ୍ତାର ପ୍ରତି ଅଧ କିଲୋମିଟର ବ୍ୟବଧାନରେ ଏହି ବ୍ୟବସ୍ଥା କରାଯାଇଛି। ଅନ୍ୟ କିଛି ଏକ୍ସପ୍ରେସ୍ ୱେରେ ଏହି ବ୍ୟବସ୍ଥା ପୂର୍ବରୁ କାର୍ଯ୍ୟକାରୀ ହୋଇଥିବାବେଳେ ଏବେ କଟକ-ଭୁବନେଶ୍ୱର ଜାତୀୟ ରାଜପଥରେ କଲିଂ ବୁଥ୍ ଲାଗୁଛି। କେହି ପଥଚାରୀ ଦୁର୍ଘଟଣା ତଥା ଅନ୍ୟ କିଛି ଅସୁବିଧାର ସମ୍ମୁଖୀନ ହେଲେ ସେ ଏହି ବ୍ୟବସ୍ଥାକୁ ବ୍ୟବହାର କରି ସାହାଯ୍ୟ ପାଇପାରିବେ।

ଜାତୀୟ ରାଜପଥରେ ବିଭିନ୍ନ ସମୟରେ ଦୁର୍ଘଟଣା, ଅପରାଧ ଓ ରାସ୍ତାରେ ନିର୍ମାଣଜନିତ ସମସ୍ୟା ସୃଷ୍ଟି ହେଉଛି। ମାତ୍ର ଏହି ବିଷୟରେ ପୁଲିସ କିମ୍ବା ପ୍ରଶାସନ ଏପରିକି ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଖବର ପାଇପାରୁନାହାନ୍ତି। ଫଳରେ କେଉଁଠି କାହାର ଜୀବନ ଯାଉଛି ତ କେଉଁଠି ପଥବରା ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି। ଏପରିକି ସାଧାରଣ ଲୋକ ପାଖରେ ଫୋନ୍ ଥିଲେ ବି ଘଟଣା ନେଇ ସେମାନେ ଏନେଇ କାହାକୁ ସୂଚନା ଦେବେବେ ତାହା ଜାଣିପାରୁନାହାନ୍ତି। ଇଣ୍ଟରନେଟ୍ ତେଣୁ ଏଭଳି ସମସ୍ୟାର ସମାଧାନ ପାଇଁ ରାଜପଥ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅତ୍ୟାଧୁନିକ ରାସ୍ତାରେ ଇମରଜେନ୍ସି କଲିଂ ସିଷ୍ଟମ ଜାତୀୟ ରାଜପଥରେ ଲଗାଯାଇଛି। ଏହା ଏକ ଫୋନ୍ ବୁଥ୍ ଭଳି। ଏକ୍ସପ୍ରେସୱେରେ ଏଥିରେ ଏକ ସୁଇଚ୍ ଚିପି ଧରିଲେ ତାହା ଇଣ୍ଟରନେଟ୍ ମାଧ୍ୟମରେ ସିଧାସଳଖ ଜାତୀୟ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ସହିତ ଯୋଡ଼ି ହୋଇଯିବ। ଏହା ପରେ ପଥଚାରୀ ନିଜର ଅସୁବିଧା ବିଷୟରେ ଜଣାଇ ପାରିବ ଓ ସିଧାକଥା ହୋଇପାରିବେ। ଏପରିକି ଅଭିଯୋଗକର୍ତ୍ତା ସେହି ସ୍ଥାନୀ ନାଁ ଜାଣିନଥିଲି ମଧ୍ୟ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଉକ୍ତ ଫୋନ୍ ବୁଥର ଲୋକେସନ୍ ଜାଣିପାରି ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ।

କଟକ-ଭୁବନେଶ୍ୱର ରାସ୍ତାରେ ଏହାକୁ ପ୍ରଥମ ପର୍ଯ୍ୟାୟରେ ଲଗାଯାଉଛି। ଏହା ପୂର୍ବରୁ କିଛି ଏକ୍ସପ୍ରେସୱେରେ ଏହାକୁ ଲଗାଯାଇଥିଲା। ଅନ୍ୟପଟେ ଜାତୀୟ ରାଜପଥରେ ବିଭିନ୍ନ ବର୍ଗର ଅର୍ଥାତ୍ ଦୁଇ ଚକିଆ, ଚାରି ଚକିଆ ଓ ଭାରୀଯାନ କେତେ ବେଗରେ ଯିବା ତାହା ନିର୍ଦ୍ଧାରଣ କରାଯାଉଛି। ମାତ୍ର ଗାଡ଼ି ଚାଳକମାନେ ତାହାକୁ ମାନୁ ନାହାନ୍ତି। ଫଳରେ ବହୁ ସମୟରେ ଦୁର୍ଘଟଣା ହୋଇଛି। ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବେ ରାସ୍ତାର ଏକାଧିକ ସ୍ଥାନରେ ସେନ୍ସର ଥିବା ସ୍ପିଡ଼ୋ ମିଟର ଖଞ୍ଜିବାକୁ ଯୋଜନା କରିଛନ୍ତି। ଏହି ମିଟର ଲାଗିବା ପରେ ରାସ୍ତାରେ ଯାଉଥିବା ପ୍ରତ୍ୟେକଟି ଗାଡ଼ିର ବେଗକୁ ସେହି ସେନ୍ସର ତୁରନ୍ତ ଡିସପ୍ଲେ ବୋର୍ଡ଼ରେ ଦେଖାଇବ। ଫଳରେ ଗାଡ଼ି ଚାଳକ ସିଧାସଳଖ ତାର ବେଗକୁ ବୋର୍ଡ଼ରେ ଦେଖି ସତର୍କ ହୋଇଯିବ। ଏହାଦ୍ୱାରା ଗାଡ଼ି ଚାଳକ ନିଜର ବେଗକୁ ନିୟନ୍ତ୍ରଣ ମଧ୍ୟରେ ରଖିବ। ଏହି ବ୍ୟବସ୍ଥା ଆସନ୍ତା ମାସରେ କାର୍ଯ୍ୟକାରୀ କରାଯିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ ସୂଚନା ଦିଆଯାଇଛି।

# ଖୋର୍ଦ୍ଧା ଜିଲ୍ଲାର ୩୮ଟି ସ୍କୁଲର ରୂପାନ୍ତରଣକୁ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ରାଜ୍ୟର ମାଲକାନଗିରି, ଝାରସୁଗୁଡା, କଳାହାଣ୍ଡି, ମୟୂରଭଂଜର ଓ ଖୋର୍ଦ୍ଧା ଆଦି ୫ଟି ଜିଲ୍ଲାର ୧୫୮ଟି ହାଇସ୍କୁଲର ରୂପାନ୍ତରଣକୁ ଲୋକାର୍ପଣ କରିଛନ୍ତି । ତନ୍ମଧ୍ୟରେ ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଜିଲ୍ଲାର ୩୮ଟି ସ୍କୁଲ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହୋଇଛି । ଲୋକସେବା ଭବନରୁ ଆଭାସୀ ମାଧ୍ୟମରେ ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଆଜି ଖୋର୍ଦ୍ଧା ଜିଲ୍ଲାରେ ରୂପାନ୍ତରକରଣ ହୋଇଥିବା ଭୁବନେଶ୍ୱର ୟୁନିଟ୍-୮ ବାଳକ ହାଇସ୍କୁଲ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଠାରେ ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଜିଲ୍ଲାରେ "ମୋ ସ୍କୁଲ" ରୂପାନ୍ତରଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସାଧାରଣ ଉଦ୍ୟୋଗ, ଭିନ୍ନକ୍ଷମ ସଶକ୍ତିକରଣ, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତନାରାୟଣ ଜେନା, ଜୟଦେବ ବିଧାୟକ ଅରବିନ୍ଦ ଢାଲି, ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳାଇ, ଭୁବନେଶ୍ୱର ମହାନଗର ନିଗମ କମିଶନର ସଂଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ଶ୍ରୀ ଉଦ୍ଧବ ପ୍ରକାଶ ବେହେରାଙ୍କ ସହିତ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଦ୍ୟାଳୟ ରୂପାନ୍ତରକରଣ ସଂପର୍କରେ କଥା ହୋଇଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ, ମାନ୍ୟବର ବିଧାୟକଗଣ, ଜିଲ୍ଲାପାଳ ତଥା ବିଦ୍ୟାଳୟ ତରଫରୁ ୫-ଟି ଉପକ୍ରମ ଆଧାରରେ ବିଦ୍ୟାଳୟ ରୂପାନ୍ତରକରଣ ହୋଇଥିବା ଯୋଗୁଁ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ୫-ଟି ସଚିବ ଶ୍ରୀ ଭି.କେ.ପାଣ୍ଡିଆନଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ତାଳଦଣ୍ଡା କେନାଲ ରାସ୍ତା ମାତୃଭବନ ଠାରୁ ନୂଆବଜାର ଯାଏ ଲମ୍ବିବ

**କଟକ(ସଂପର୍କବାର୍ତ୍ତା):-** ତାଳଦଣ୍ଡା କେନାଲ୍ ଉଭୟ ପାର୍ଶ୍ୱରେ ରାସ୍ତା ମାତୃଭବନ ସ୍କୁଲଠାରୁ ନୂଆବଜାର ଛକ ପର୍ଯ୍ୟନ୍ତ ସଂପ୍ରସାରିତ ହେବ। ଏଥିପାଇଁ ୧୩ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ଆସନ୍ତା ମାସରୁ ଏହି କାମ ଆରମ୍ଭ ହେବ। ବର୍ଷକ ମଧ୍ୟରେ କାମ ଶେଷ କରିବାକୁ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ରାସ୍ତାର ଥିବା ଅସ୍ଥାୟୀ ପରିବା ଦୋକାନ ଓ ଉଠା ଦେକାନାକୁ ଖୁବ୍ ଶୀଘ୍ର ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଏସ୍‌ସିବି ନବକଳେବର ପାଇଁ ତାଳଦଣ୍ଡା ରାସ୍ତା ସୌନ୍ଦର୍ଯ୍ୟକରଣ ଓ ସଂପ୍ରସାରଣ କରାଯାଇଛି। ପ୍ରଥମେ ଏହାକୁ ଯୋବ୍ରାଠାରୁ ରାଣୀହାଟ ପର୍ଯ୍ୟନ୍ତ ଚଡ଼ଶ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ରାଣୀହାଟଠାରୁ ମାତୃଭବନ ସ୍କୁଲ ଅର୍ଥାତ୍ ଜାତୀୟ ରାଜପଥ ପର୍ଯ୍ୟନ୍ତ ସଂପ୍ରସାରିତ କରାଯାଉଛି। ଏବେ ଏହି କାମକୁ ଆଉ ଅଢ଼େଇ କିଲୋମିଟର ଅଧିକ ସଂପ୍ରସାରଣ କରିବାପାଇଁ ପ୍ରଶାସନ ନିଷ୍ପତ୍ତି ନେଇଛି। ପୂର୍ବରୁ ହୋଇଥିବା ସର୍ତ୍ତ ମୁତାବକ ମାତୃଭବନଠାରୁ ନୂଆବଜାର ଛକ ପର୍ଯ୍ୟନ୍ତ ଉଭୟପଟ ରାସ୍ତା ଚଉଡ଼ା ହେବ। ତାଳଦଣ୍ଡାର ଡାହାଣପାଖ ରାସ୍ତା ଅର୍ଥାତ୍ କଲ୍ୟାଣୀନଗର ପାଖ ରାସ୍ତାଟି ପୂର୍ବରୁ ଏକରକମ ଚଉଡ଼ା ରହିଛି। ଖାଲି ତାହାର ଉନ୍ନତିକରଣ କରାଯିବ। ଏହାଛଡ଼ା ଏହି ରାସ୍ତାର ନୂଆବଜାର ଶେଷ ଭାଗରେ ଏକ ଛୋଟ ବସ୍ତି ରହିଛି। ସେହି ବସ୍ତିକୁ ଉଠାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି।

ସେହିପରି ତାଳଦଣ୍ଡାର ବାମ ପାଖ ରାସ୍ତା ଅର୍ଥାତ୍ ଚାଉଳିଆଗଞ୍ଜ ପାଖ ରାସ୍ତାଟି ବିଲ୍‌କୁ ଅରମାବଣ ହୋଇପଡ଼ିଛି। ଏହା କେନାଲ ବନ୍ଧ ଭାବେ ରହିଥିଲେ ବି ସେଥିରେ ଚଳପ୍ରଚଳନ ନେଇ କୌଣସି ଭଲ ରାସ୍ତା ନାହିଁ। ତେଣୁ ଏହି ରାସ୍ତାକୁ ସଂପୂର୍ଣ୍ଣ ରୂପେ ନୂଆକରି ପ୍ରଶସ୍ତ କରାଯିବ। ଏହି ରାସ୍ତା ଚଉଡ଼ା ହେବା ବେଳେ କିଛି ଛୋଟ ଛୋଟ ବସ୍ତି ଉଠିବ। କିଛି ଗଛ କଟାଯିବ। ରାସ୍ତା ଦୁଇଟି ନୂଆବଜାର ନୂଆ ବ୍ରିଜ୍ ପାଖରେ ସଂଯୋଗ କରିବ। ଏହି ଅଢ଼େଇ କିଲୋମିଟର ରାସ୍ତାର ମଝିରେ ଦୁଇଟି ବ୍ରିଜ କରିବା ପାଇଁ ଯୋଜନା ରହିଛି। ଏଥିପାଇଁ ଅଲଗା ବ୍ୟୟ ବରାଦ ହେବ।

ଏହି କାମ ଆସନ୍ତା ମାସରୁ ଆରମ୍ଭ ହେବ। ତେଣୁ ଏହି ମାସରେ ଦୁଇ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯିବ। ଉଠା ଦୋକାନୀଙ୍କ ପାଇଁ ସେହି ରାସ୍ତା ଭିଡ଼ ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରୁଥିଲେ। ଡ଼ଃ ଅଭୟ ରଞ୍ଜନ ପଟ୍ଟନାୟକ ଏ ନେଇ ସିଏମ୍‌ସି କମିଶନର, ପୁଲିସ କମିଶନର ଓ କଟକ ଡିସିପିଙ୍କୁ ମଧ୍ୟ ଟ୍ୱିଟ୍ କରି ଅବଗତ କରାଇଥିଲେ। ତେବେ ତାଳଦଣ୍ଡା କେନାଲ ବନ୍ଧ ସଂପ୍ରସାରଣ ଯୋଜନାରେ ସେହ ରାସ୍ତାରୁ ଜବରଦଖଲ ଖୁବ୍ ଶୀଘ୍ର ହଟିଯିବ ବୋଲି ପୁଲିସ କହିଛି।

# ଅମୃତା ଫାଉଣ୍ଡେସନ୍ ମୋ ସ୍କୁଲ ଅଭିଯାନରେ ସାମିଲ

**ଜଗତ୍‌ସିଂହପୁର(ପବିତ୍ର କୁମାର ଦାଶ):-** ଶ୍ରୀକୃଷ୍ଣ ଏକାଡେମୀ ଜଗତ୍‌ସିଂହପୁର ପରିସରରେ ଏକ ସଭାରେ ଅମୃତା ଫାଉଣ୍ଡେସନର ଅଧ୍ୟକ୍ଷ ତଥା ନାଇଜରର କୁଳସଚିବ ଡ଼. ଅଭୟ କୁମାର ନାୟକ ମୋ ସ୍କୁଲ ଅଭିଯାନର ସାମିଲ ହୋଇ ବିଦ୍ୟାଳୟର ମୋ ସ୍କୁଲ ପାଣ୍ଠିକୁ ଏକ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ପ୍ରକାଶ ଥାଉ କି ଡ. ଅଭୟ କୁମାର ନାୟକ ଶ୍ରୀକୃଷ୍ଣ ଏକାଡ଼େମୀକୁ ପୋଷ୍ୟରୂପ ଗ୍ରହଣ କରିଛନ୍ତି। ଏତଦ୍‌ବ୍ୟତୀତ ଏକଡେମୀକୁ ସେ ଜଗତ୍‌ସିଂହପୁର ମଣ୍ଡଳ ଅଧିନସ୍ଥ ବଟବିହାରୀ ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ପୋଷ୍ୟ ରୂପେ ଗ୍ରହଣ କରିଛନ୍ତି। ରାଜ୍ୟର ପ୍ରମୁଖ ପ୍ରୋଗ୍ରାମ ମୋ ସ୍କୁଲ ଅଭିଯାନରେ ସେ ଜଇପୁରସ୍ଥିତ ମା ଶାରଳା ଉଚ୍ଚ ବିଦ୍ୟାଳୟ ଏବଂ ଦେଉଳୀସାହି ସ୍ଥିତ ଅନ୍ତୋଦୟ ବିଦ୍ୟାଳୟକୁ ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି।

ଭୁବନେଶ୍ୱରସ୍ଥିତ ଅମୃତା ଫାଉଣ୍ଡେସନ ଦିବ୍ୟାଙ୍ଗ ତଥା ଆର୍ଥିକ ଅନଗ୍ରସର ଛାତ୍ରମାନଙ୍କୁ ସହାୟତାର ହାତ ବଢ଼ାଇବା ସଙ୍ଗେ ସଙ୍ଗେ ବୃକ୍ଷରୋପଣ ତଥା ଅନ୍ୟ ସାମାଜିକ କାର୍ଯ୍ୟକ୍ରମ ହାତକୁ ନେଇଛି। ମା'କୁ ସମ୍ମାନ କାର୍ଯ୍ୟକ୍ରମକୁ ହାତକୁ ନେଇ ଏହି ସଂସ୍ଥା ଚଳିତ ବର୍ଷ ଚମ୍ପା ମଦର୍ସ ଆୱାର୍ଡ ପ୍ରଦାନ କରିଥିଲା।




ଶ୍ରୀକୃଷ୍ଣ ଏକାଡେମୀରେ ଅନୁଷ୍ଠିତ ଏହି ମୋ ସ୍କୁଲ ଅଭିଯାନର ସଭାରେ ଅଧ୍ୟକ୍ଷତା କରିଥିଲେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଶୁକଦେବ ସାହୁ ଏବଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ପୁରାତନ ଛାତ୍ର ସଂସଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ସଲିଲ୍ କୁମାର ବୋଷ। ଅମୃତା ଫାଉଣ୍ଡେସନର ଏହି ପ୍ରମୁଖ ସାମାଜିକ ସଂସ୍କାର ଏପରି ପଦକ୍ଷେପକୁ ବିଦ୍ୟାଳୟ ତଥା ପୁରାତନ ଛାତ୍ର ସଂସଦ ପକ୍ଷରୁ ଭୂୟସୀ ପ୍ରଶଂସା କରାଯାଇଥିଲା।

ଏହି ସଭାରେ ଅନ୍ୟମାନଙ୍କ ଭିତରେ ଉପସ୍ଥିତ ଥିଲେ ପୂର୍ବତନ ନଗରପାଳ ଶ୍ରୀଯୁକ୍ତ ବିପ୍ଳବ ଚୌଧୁରୀ, ଦୀପ୍ତି ଦାସ, ଦୋଳଗୋବିନ୍ଦ ଦାଶ, ଆଶିଷ କୁମାର ମାଣିଆ ଏବଂ ଅମୃତ ଫାଉଣ୍ଡେସନର ସକ୍ରିୟ ସଭ୍ୟ ଦେବେନ୍ଦ୍ର ମହାନ୍ତି, ସୁଧାଂଶୁ ବିଶ୍ୱାଳ ଏବଂ ସଂଜମ କୁମାର ମହାନ୍ତି। ସଭାରେ ସ୍ୱାଗତ ଭାଷଣ ଦେଇଥିଲେ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀଯୁକ୍ତ ପ୍ରତାପ କୁମାର ରାଉତରାୟ ଏବଂ ଧନ୍ୟବାଦ ଦେଇଥିଲେ ଶ୍ରୀମତୀ ସଂଘମିତ୍ରା ମହାନ୍ତି।

# ଜାତୀୟ ପ୍ରେସ୍ ଦିବସ ଅବସରରେ ବରିଷ୍ଠ ସାମ୍ବାଦିକ ରବି ରଥଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଜାତୀୟ ପ୍ରେସ୍ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ଠାରେ ଆୟୋଜିତ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ ପକ୍ଷରୁ ଜୀବନବ୍ୟାପି ସାଧନା ଓ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ତଥା ଅଖିଳ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘ (ଏଏସ୍‌ଏମ୍‌ଏନଆଇ)ର ସଭାପତି ରବି ରଥଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଶ୍ରୀ ରଥଙ୍କୁ କଲ୍ୟାଣ ବୋର୍ଡ ପକ୍ଷରୁ ପେନସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ଏହି କାଯର୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ଜଳଶକ୍ତି ଏବଂ ଜନଜାତି ବିକାଶ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ବୋର୍ଡର ଅଧ୍ୟକ୍ଷଳ ତଥା ଲୋକ ସେବକ ମଣ୍ଡଳର ଅଧ୍ୟକ୍ଷ ଦୀପକ ମାଳବ୍ୟ, କଲ୍ୟାଣ ବୋର୍ଡର ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର, କାଯର୍ୟକାରୀ ସଭାପତି ଶ୍ରୀରାମ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।




# ଏସ୍‌ସିବିରେ ପୁରୁଣା କୋଠା ଯାଞ୍ଚ ଚାଲିଛି

**କଟକ(ସଂପର୍କବାର୍ତ୍ତା):-** ଏସ୍‌ସିବି ନବକଳେବର ଯୋଜନାରେ ମେଡ଼ିକାଲରେ ଥିବା ସବୁ ପୁରୁଣା କୋଠାର ସ୍ଥିତି ଯାଞ୍ଚ କରାଯାଇଛି। ମେଡ଼ିକାଲର ୭୯ଟି ବିଲ୍‌ଡ଼ିଂ ମଧ୍ୟରୁ ୩୯ଟି କୋଠାରେ ଛୋଟ ବଡ଼ ମରାମତିର ଆବଶ୍ୟକତା ରହିଛି। ଗୋଟିଏ କୋଠା ସଂପୂର୍ଣ୍ଣ ଅସୁରକ୍ଷିତ ଥିବାବେଳେ ୩ଟି କୋଠର ଭିତ୍ତିଭୂମିରେ ପରିବର୍ତ୍ତନର ଆବଶ୍ୟକତା ରହିଛି। ତେବେ ୩୪ଟି କୋଠାର ସ୍ଥିତି ଭଲ ରହିଛି। ଏହି ମର୍ମରେ ପୂର୍ତ୍ତ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କୁ ରିପୋର୍ଟ ଦିଆଯାଇଛି। ନବକଳେବର ଯୋଜନାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଏସ୍‌ସିବିରେ ଥିବା ବିଭିନ୍ନ ବିଲ୍‌ଡ଼ିଂର ବର୍ତ୍ତମାନର ସ୍ଥିତି ଉପର ସରକାର ଏକ ରିପୋର୍ଟ ମାଗିଥିଲେ। ସେହି ଅନୁସାରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ ଟିକ୍ ସବୁ କୋଠାର ସ୍ଥିତି ଯାଞ୍ଚ କରି ରିପୋର୍ଟ ପ୍ରଦାନ କରିଛି। ରିପୋର୍ଟ ଅନୁସାରେ, ଏସ୍‌ସିବି ଆନଟୋମି ବ୍ଲକ୍, ପୁରୁଣା ଏକ୍ସ-ରେ ବ୍ଲକ୍, ପୋଷ୍ଟମର୍ଟମ ବ୍ଲକ ଆଣ୍ଟି ଟିବି ଡେମୋନଷ୍ଟ୍ରେସନ୍ କାଉଣ୍ଟର୍, ଟବି ଆଇସୋଲେସନ୍ ୱାର୍ଡ, ଏନସିସି ସିଭିଲ୍ ସର୍ଜନ୍ କାର୍ଯ୍ୟାଳୟ, ନର୍ସ ବ୍ଲକ(ନୂଆ) ନର୍ସ ହଷ୍ଟେଲ, କିଚେନ୍ ବ୍ଲକ୍, କ୍ୟାଣ୍ଟିନ୍ ଓ ଇଣ୍ଟିପ୍ଲାଣ୍ଟ ଆଦି ବିଲ୍‌ଡ଼ିଂ ମରାମତି ଆବଶ୍ୟକ କରୁଛି।

ଅନ୍ୟପକ୍ଷରେ ମେଡ଼ିକାଲର ପ୍ରଶାସନିକ ବ୍ଲକ୍, ଓପିଡ଼ି ମୋଟର୍ ଗ୍ୟାରେଜ୍ ଓ ପିପି (ପୋଷ୍ଟ ପାର୍ଟମ) କେନ୍ଦ୍ର କୋଠାର ସ୍ଥିତି ଭଲ ନଥିବା ରିପୋର୍ଟରେ ଦର୍ଶାଯାଇଛି। ଏହିସବୁ କୋଠା ବଡ଼ ଧରଣର ମରାମତି ଓ ପରିବର୍ତ୍ତନ ଆବଶ୍ୟକ କରୁଥିବା ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ମେଡ଼ିକାଲ୍‌ରେ ପୁରୁଣା ଅଉଟଡୋର କୋଠା ୨୦୧୭ ମସିହାରୁ ଅସୁରକ୍ଷିତ ବୋଲି ରିପୋର୍ଟରେ ସ୍ପଷ୍ଟ କରାଯାଇଛି।

ପୂର୍ତ୍ତ ବିଭାଗର ଏହି ରିପୋର୍ଟ ଅନୁସାରେ ୨୦୧୭ ରୁ ଯେଉଁ କୋଠାକୁ ଅସୁରକ୍ଷିତ ଘୋଷଣା କରାଯାଇଛି ସେଠାରେ ଏବେ ବି ଆଉଟ୍‌ଡୋର ଚାଲିଛି। ଯାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିପରି ଏସ୍‌ସିବିର କିଛି ବିଲ୍‌ଡ଼ିଂ ମରାମତି ଯୋଗ୍ୟ ନଥିବା ସତ୍ତ୍ୱେ ଏହାକୁ ମରାମତି କରାଯିବା ନେଇ ବିସ୍ମୟ ପ୍ରକାଶ ପାଇଛି। ଏ ସଂପର୍କରେ ପୂର୍ତ୍ତ ବିଭାଗର ଏସ୍‌ସିବି ଦାୟିତ୍ୱରେ ଥିବା ଉପଖଣ୍ଡ ଯନ୍ତ୍ରୀ ରଞ୍ଜନ୍ ସାମଲ କହନ୍ତି, ୨୦୨୪ପରେ ହିଁ ପର୍ଯ୍ୟନ୍ତ ଯେତିକି ମରାମତି ଆବଶ୍ୟକ ସେତିକି କରି ସେହି କୋଠରେ ରୋଗୀ ସେବା କିମ୍ବା ମେଡ଼ିକଶଳ କାମ କରିବ। ତେଣୁ ନିତ୍ୟାନ୍ତ ମରୁମତି ଆବଶ୍ୟକ କରୁଥିବା ଘରର ମରାମତି କରାଯିବ ବୋଲି ଇଂ ସାମଲ କହିଛନ୍ତି।

# ୫୯ ୱାର୍ଡ଼ରୁ ମହିଳାଙ୍କ ପାଇଁ ୩୦ ସିଟ୍ !

**କଟକ(ସଂପର୍କବାର୍ତ୍ତା):-** ପୌର ନିର୍ବାଚନକୁ ନେଇ କଟକରେ ଜୋରଦାର ଚର୍ଚ୍ଚା ଚାଲିଛି। ନଗର ଉନ୍ନୟନ ବିଭାଗ କଟକ ମହାନଗର ନିଗମ୍(ସିଏମ୍‌ସି)ରେ ତାଲିକା ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ଏହାଛଡ଼ା ୱାର୍ଡ ସଂରକ୍ଷଣ ପହଞ୍ଚିଲାଣି। ଏହାଛଡ଼ା ୱାର୍ଡ଼ ସଂରକ୍ଷଣ ଓ ସୀମା ନିର୍ଦ୍ଧାରଣ ପାଇଁ ମଧ୍ୟ ରିପୋର୍ଟ ପ୍ରସ୍ତୁତି ଆଗେଇଛି। ସୋମବାର ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ରାଜ୍ୟ ସରକାରଙ୍କୁ ଦିଆଯିବ। ଗୁରୁବାର ବିଜୁଭବନ ସମ୍ମିଳନୀ କକ୍ଷରେ ସିଏମ୍‌ସିର କାଉନସିଲ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ପୌର ନିର୍ବାଚନ ୫୯ଟି ୱାର୍ଡ଼ରୁ ୩୦ଟି ସିଟ୍ ମହିଳାଙ୍କ ପାଇଁ ସଂରକ୍ଷଣ ରହିପାରେ ବୋଲି ଆଲୋଚନା କରାଯାଉଛି। ଏହାସହ ଗତ ବର୍ଷ ଭଳି ବିଭିନ୍ନ ବର୍ଗ ପାଇଁ ପ୍ରାୟ ସମାନ ସଂଖ୍ୟକ ସିଟ୍ ସଂରକ୍ଷିତ ରହିଥିବା ଜଣାପଡ଼ିଛି। ସାଧାରଣ ବର୍ଗରେ ମାତ୍ର ଗୋଟିଏ ସିଟ୍ ବୃଦ୍ଧି ପାଇଛି। ସୁପ୍ରିମକୋର୍ଟ ଓ ନିର୍ବାଚକ କମିସନଙ୍କ ସମସ୍ତ ଗାଇଡ୍ ଲାଇନ୍ ଅନୁସାରେ ତାଲିକା ପ୍ରସ୍ତୁତ କରାଯାଇଛି। ଏହାବାଦ୍ ଏସ୍‌ସିବି ସମ୍ପ୍ରସାରଣ ସମେତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟପାଇଁ ଜଗତପୁର ବାଲିସାହି ଓ ଓଏମ୍‌ପିରେ ଥଇଥାନ ହୋଇଥିବା ବସ୍ତିବାସିନ୍ଦାଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସକ ସାମଲ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଉକ୍ତ ବସ୍ତିମାନଙ୍କରେ ରାସ୍ତା ସହିତ ଡ୍ରେନେଜ୍ ବ୍ୟବସ୍ଥା କରବାକୁ ପ୍ରସ୍ତାବ ଅନୁମୋଦନ ହୋଇଥିଲା। ବୈଠକରେ ଗତ ପୂଜାରେ ବିଭିନ୍ନ କାର୍ଯ୍ୟ ହୋଇଥିବା ଗତ ପୂଜାରେ ବିଭିନ୍ନ କାର୍ଯ୍ୟ ହୋଇଥିବା ଦର୍ଶାଇ ଅନେକ ସ୍ଥାନର ବିଲ୍ ପାସ୍ କରାଯାଇଛି। ବୈଠକରେ ପ୍ରଶାସକ ସାମଲଙ୍କ ସମେତ ସିଏମ୍‌ସି କମିସନର ଅନନ୍ୟା ଦାସ, ଯୁଗ୍ମ କମିସନର ମନୋରଞ୍ଜନ ମହାପାତ୍ର, ଡେପୁଟି କମିସନର ଲତାଶ୍ରୀବାଗ୍, ନଗର ଯନ୍ତ୍ରୀ ସୁବରାଓ ପାତ୍ର, ନିର୍ବାହୀ ଯନ୍ତ୍ରୀ ଦିବ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକସଂପର୍କ ଭବନରେ ଇନ୍ଦିରା ଗାନ୍ଧିଙ୍କ ଜୟନ୍ତୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଆଧୁନିକ ଭାରତର ଇତିହାସ ପୃଷ୍ଠାରେ ଯେଉଁ କେତେ ଜଣ ମହିୟସୀ ମହିଳା ସେମାନଙ୍କର ଅଲିଭା ସ୍ୱାକ୍ଷର ଛାଡି ଯାଇଛନ୍ତି, ତନ୍ମଧ୍ୟରେ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗୀୟା ଇନ୍ଦିରାଗାନ୍ଧିଙ୍କ ନାମ ଅନ୍ୟତମ । ୧୯୧୭ ମସିହା ନଭେମ୍ବର ୧୯ ତାରିଖରେ ଏହି ମହିୟସୀ ମହିଳା ଜନ୍ମଲାଭ କରିଥିଲେ। ପରବର୍ତ୍ତୀ ସମୟରେ ଦେଶର ପ୍ରଧାନ ମନ୍ତ୍ରୀ ସମୟରେ ଭାରତର ରାଜନୈତିକ ଓ ସାମାଜିକ କ୍ଷେତ୍ର ଠାରୁ ଆରମ୍ଭ କରି ବୈଦେଶିକ ନୀତି, ବ୍ୟାଙ୍କ ଜାତୀୟକରଣ ଏବଂ ଗୋଷ୍ଠୀନିରପେକ୍ଷ ଆନ୍ଦୋଳନ ଆଦିରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା । ଭାରତ ବର୍ଷ ସମେତ ସମଗ୍ର ପୃଥିବୀରେ ସେ ଜଣେ ଅନନ୍ୟା ନାରୀନେତ୍ରୀ ଭାବେ ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିଥିଲେ । ଆଜି ଭାରତ ବର୍ଷ ୧୯୭୧ ଯୁଦ୍ଧରେ ବିଜୟ ଲାଭର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱର୍ଣ୍ଣିମ ବିଜୟ ବର୍ଷ ପାଳନ କରୁଛି । କିନ୍ତୁ ଏହି ସମୟରେ ଯେଉଁ ସାହସୀ. ଶକ୍ତିଶାଳୀ,ଦୃଢ଼ମନା ପ୍ରଧାନମନ୍ତ୍ରୀ ଭାରତକୁ ନେତୃତ୍ୱ ଦେଇ ବଙ୍ଗଳାଦେଶ ପରି ରାଷ୍ଟ୍ର ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ, ସେହି ମହିୟସୀ ମହିଳା ସ୍ୱର୍ଗୀୟା ଇନ୍ଦିରାଗାନ୍ଧିଙ୍କ ଜୟନ୍ତୀରେ ଦେଶ ଆଜି ତାଙ୍କର ବହୁମୁଖୀ ଅବଦାନ ପାଇଁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଉଛି ବୋଲି ଆଜି ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟ ସ୍ତରୀୟ ଜାତୀୟ ସଂହତି ଦିବସ ପାଳନ ଅବସରରେ ଅତିଥି ଓ ବକ୍ତାମାନେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି । ଦେଶର ଅଖଣ୍ଡତା ଓ ଜାତୀୟ ଏକତା ପାଇଁ ସର୍ବଦା ଚେଷ୍ଟିତ ଥିବା ଇନ୍ଦିରା ଗାନ୍ଧିଙ୍କ ବଳିଦାନ ଯୋଗୁଁ ଆଜି ଏକତା ଓ ଜାତୀୟ ସଂହତିର ରକ୍ଷା ସମସ୍ତଙ୍କ ପାଇଁ ଗୁରୁ ଦାୟିତ୍ୱ ଓ ଆହ୍ୱାନ ହୋଇଛି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ ।

ଏହି ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବରେ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗୀୟା ଇନ୍ଦିରାଗାନ୍ଧିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦକ ଡଃ. ଲେନିନ୍ ମହାନ୍ତି ଯୋଗଦେଇ ସ୍ୱର୍ଗୀୟା ଇନ୍ଦିରାଗାନ୍ଧିଙ୍କ କର୍ତବ୍ୟ ନିଷ୍ଠା, ଦୂରଦୃଷ୍ଟି ସଂପନ୍ନ ଚିନ୍ତାଧାରା ଓ ଗରିବୀ ଦୂରୀକରଣ ଆଭିମୁଖ୍ୟକୁ ବିଶ୍ୱର ରାଷ୍ଟ୍ରନୀତିଜ୍ଞମାନେ ସମ୍ମାନ ଦେଉଥିଲେ ବୋଲି ପ୍ରକାଶ କରିବା ସହିତ ତାଙ୍କର ରାଷ୍ଟ୍ରଗଠନର ଦର୍ଶନ ଆମ ସମସ୍ତଙ୍କୁ ଆଗକୁ ବଢ଼ିବାରେ ପ୍ରେରଣା ଯୋଗାଉଥିବ ବୋଲି ସେ କହିଥିଲେ । ମୁଖ୍ୟ ବକ୍ତା ବିଶିଷ୍ଟ ଶିକ୍ଷାବିତ୍ ଏବଂ ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ ଯୋଗଦେଇ ଇନ୍ଦିରାଗାନ୍ଧିଙ୍କ ଜୀବନୀ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ଜବାହରଲାଲ ନେହେରୁଙ୍କର ସୁପୁତ୍ରୀ ଇନ୍ଦିରାଗାନ୍ଧିଙ୍କୁ ସେ ଲୌହମାନବୀ ବୋଲି ଅଭିହିତ କରି କହିଲେ ଯେ, ନେହେରୁ ତଥା ପୃଥିବୀର ବିଶିଷ୍ଟ ଦର୍ଶନବାଦୀ ବ୍ୟକ୍ତିତ୍ୱଙ୍କର ବହୁ ଭଲଗୁଣ ତାଙ୍କ ଠାରେ ପରିପ୍ରକାଶ ଘଟିଥିଲା । ଏକ ବିଳାସପୂର୍ଣ୍ଣ ପରିବାରରୁ ଆସି ମଧ୍ୟ ସାଧାରଣ ଲୋକଙ୍କ ପରି ତାଙ୍କର ବ୍ୟବହାର ଥିଲା ଏବଂ ଲୋକଙ୍କ ଅର୍ଥନୈତିକ ବିକାଶ ଓ ଅନଗ୍ରସର ବର୍ଗଙ୍କୁ ସୁବିଧା ପ୍ରଦାନ କରିବା ପାଇଁ ବିଂଶ ସୂତ୍ରୀ କାର୍ଯ୍ୟକ୍ରମ ସେ ଆରମ୍ଭ କରିଥିଲେ । ଶୃଙ୍ଖଳା ଓ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବା, ଦେଶର ପ୍ରତିରକ୍ଷାକୁ ଗୁରୁତ୍ୱ ଦେବା ସହ ସାମାଜିକ ସଶକ୍ତିକରଣ, ମହିଳା ସଶକ୍ତିକରଣକୁ ସେ ପ୍ରାଧାନ୍ୟ ଦେଉଥିଲେ ଏବଂ ଭାରତରେ ବୈଷୟିକ ବିଜ୍ଞାନର ସେ ଜନକ ଥିଲେ ବୋଲି ମୁଖ୍ୟବକ୍ତା ଡଃ. ସ୍ୱାଇଁ ଏହି ଅବସରରେ ପ୍ରକାଶ କରିଥିଲେ। ପରିଶେଷରେ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ରନାଥ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୂଚନା ଓ ଲୋକ ସଂପର୍କ ବିଭାଗର ଉପ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ ଓ ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୋଭିଡ୍ କଟକଣା ଅନୁପାଳନ ମଧ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




# ଭୂତ ଭୟରେ ଗାଁ ମଣିଷ ଶୂନ୍ୟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଏକବିଂଶ ଶତାବ୍ଦୀରେ ବି ଲୋକମାନେ ଭୂତପ୍ରେତ ଭଳି ଅନ୍ଧବିଶ୍ୱାସ ରଖୁଛନ୍ତି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗେ । ଆଉ ଏହି ଅନ୍ଧବିଶ୍ୱାସ ପାଇଁ ଯଦି କିଏ ନିଜ ପୈତୃକ ଘର ଓ ଗାଁ ଛାଡ଼ିଦିଏ ତେବେ ତାହା ଆହୁରି ଅବାକ ଲାଗ। ଏମିତି ହିଁ ଏକ ଘଟଣା ନିକଟରେ ଦେଖିବାକୁ ମିଳିଛି ।ମଧ୍ୟପ୍ରଦେଶର ଛତ୍ରପୁର ଜିଲ୍ଲାରେ । ଜିଲ୍ଲାର ଏକ ଗାଁ ଏହି ଭୂତ ପ୍ରେତ ପାଇଁ ସମ୍ପୂର୍ଣ୍ଣ ଖାଲି ହୋଇଯାଇଛି।

ଗାଁରେ ଲଗାତାର ଭାବେ ଏମିତି କିଛି ଅପ୍ରିୟ ଘଟଣା ସବୁ ଘଟିଲା ଯେ ଗ୍ରାମବାସୀମାନେ ଗାଁଏ ଛାଡି ପଳାଇଛନ୍ତି। ଅବଶ୍ୟ ଏ କଥା କେତେଦୂର ସତ ତାହା ଆମେ ପ୍ରମାଣ କରିପାରିବୁ ନାହିଁ । କିନ୍ତୁ ଗାଁ ଲୋକମାନଙ୍କ କହିବା କଥା ଯେ ଗାଁରେ ଭୂତପ୍ରେତ ଓ ଅତୃପ୍ତ ଆତ୍ମା ଘୁରି ବୁଲନ୍ତି ।ଏହି ଗାଁର ନାଁ ହେଉଛି ଚୌକା ଜିଲ୍ଲାର ମୁଖ୍ୟାଳୟରୁ ପ୍ରାୟ ୪୦କିମି ଦୂରେ ଅବସ୍ଥିତ ।୧୫ବର୍ଷ ପୂର୍ବରୁ ଏହି ଗାଁରେ ପାଖପାଖି ୪୦୦ ଲୋକ ରହୁଥିଲେ ଯାହାକି ଆଜି ୪ରେ ପହଂଚିଯାଇଛି । ୧୫ବର୍ଷ ତଳେ ସବୁକିଛି ବହୁତ ଭଲ ଥିଲା, ହେଲେ ହଠାତ ଗାଁ ଲୋକମାନଙ୍କୁ ଗାଁରେ



ବହୁତ ପ୍ରେତାତ୍ମା ଦେଖାଦେଲା ଲୋକମାନେ ଅସୁସ୍ଥ ହେବାକୁ ଲାଗିଲେ, ବହୁତ ଲୋକଙ୍କର ଏଥିରେ ମୃତ୍ୟୁ ବି ହୋଇଗଲା ଏହାପରେ ଧିରେ ଧିରେ ଗାଁ ଖାଲି ହେବାରେ ଲାଗିଲା ଗାଁରେ ରହୁଥିବା ଆତ୍ମାରାମ ପାଣ୍ଡେ ଏବଂ ବାଟୁ ଯାଦବଙ୍କ କହିବା କଥା ଯେ ୧୫ବର୍ଷ ପୂର୍ବେ ଗାଁରେ ସବୁକିଛି ଠିକ୍ ଥିଲା କିନ୍ତୁ ହଠାତ ପିଲାଠାରୁ ଆରମ୍ଭ କରି ଗାଁରେ ରହିଥିବା ଯୁବକମାନେ ବି ଅସୁସ୍ଥ ହୋଇପଡୁଥିଲେ। ଅନେକ ଲୋକଙ୍କ ପ୍ରାଣ ବି ଚାଲିଗଲା ଗାଁର ମହିଳାମାନେ ମଧ୍ୟ ଅଜବ କାମ କରିବା ଆରମ୍ଭ କଲେ । ଗାଁ ଭିତରେ ଲୋକମାନଙ୍କୁ ଅଜବ ପ୍ରେତାତ୍ମା ଦେଖାଦେଲା ହଠାତ୍ ଗାଁ ଲୋକଙ୍କ ସହିତ ଏମିତି ସବୁ କାହିଁକି ଘଟୁଛି ତାହା କେହି ବୁଝିପାରିଲେ ନାହିଁ। ଆଉ ଧୀରେ ଧୀରେ ସମଗ୍ର ଗାଁ ଖାଲି ହୋଇଗଲା ଆଜି ବି ଗ୍ରାମବାସୀ ଗାଁକୁ ଆସିବାକୁ ଡରୁଛନ୍ତି। ଏବେ ବି ସେମାନଙ୍କ ମନରୁ ଡର ଯାଇନାହିଁ। ତାଙ୍କ କହିବା କଥା ଯେ ଏବେ ଏହି ଗାଁରେ ମାତ୍ର ୪ଜଣ ଲୋକ ରହୁଛନ୍ତି । ସେ ବି ଯାହାଙ୍କର ବୟସ ୭୦ରୁ ଅଧିକ ହେବ। ଜଣେ ଜଣେ କରି ସମସ୍ତେ ଗାଁ ଛାଡି ପଳେଇଲେ । ହେଲେ ନା ଗାଁ ଭିତରେ କେହି ପ୍ରଶାସନିକ ଅଧିକାରୀ ଆସିଲେ ନାଁ କେହି ଏହା ଜଣିବକୁ ଚେଷ୍ଟା କଲେ ଯେ କାହିଁକି ସମସ୍ତେ ଗାଁ ଦିନେ ୪୦୦ ଲୋକରେ ଭରପୁର ଥିଲା ଆଜି ସେହି ଗାଁରେ ମାତ୍ର ୪ଜଣ ରହିଛନ୍ତି ।

# ଆନ୍ଧ୍ରପ୍ରଦେଶ ରାଜ୍ୟପାଳଙ୍କ ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । କୋଭିଡ୍ ପଜିଟିଭ୍ ହେବା ପରେ ସେ ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ଏନେଇ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ନିଜ ଟୁଇଟରରେ ଲେଖିଛନ୍ତି, ଆନ୍ଧ୍ର ପ୍ରଦେଶର ମାନ୍ୟବର ରାଜ୍ୟପାଳ ତଥା ବରିଷ୍ଠ ରାଜ୍ୟପାଳ ତଥା ବରିଷ୍ଠ ରାଜନେତା ବିଶ୍ୱଭୂଷଣ ହରିଚନ୍ଦନ କୋଭିଡ ସଂକ୍ରମିତ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ନେଇ ଅବଗତ ହେଲି।

# ନିଆଳି:ପାଇପ୍ ଜଳଯୋଗାଣରୁ ବଞ୍ଚିତ ନାହାକ ସାହି

**କଟକ(ସଂପର୍କବାର୍ତ୍ତା):-** ରାଜ୍ୟ ସରକାର ସମସ୍ତ ଘରକୁ ପାଇପ୍ ଜଳଯୋଗାଣପାଇଁ ଘୋଷଣା କରିଛନ୍ତି। ଏହାର ସୁଫଳ ନିଆଳିରେ ଜନସାଧାରଣଙ୍କୁ ମିଳିପାରୁ ନଥିବା ଅଭିଯୋଗ ହୋଇଛି। ନିଆଳି ବ୍ଲକ୍ ଠାରୁ ନଥିବା ୫ମିଟର ଦୂରରେ ରହିଥିବା ନାହାକ ସାହି ହରିଜନ ବସ୍ତିର ପ୍ରାୟ ୬୦ ପରିବାର ଏହି ପାଇପ୍‌ଜଳ ଯୋଗାଣରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସେମାନଙ୍କୁ ବ୍ଲକ୍ ପ୍ରଶାସନ କିମ୍ବା ନିଆଳି ବିଶୁଦ୍ଧ ପାନୀୟଜଳ ଓ ପରିମଳ ବିଭାଗ ସେମାନଙ୍କ ଦାବିକୁ ଉପେକ୍ଷା କରିଥିବା ନେଇ ଏହି ସାହିର ଲୋକମାନ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟଯେ ନିଆଳି ଠାରେ ଥିବା ପାନୀୟଜଳ ପ୍ରକଳ୍ପ ଲକ୍ଷାଧିକ ଟଙ୍କାରେ ନିର୍ମାଣକରାଯାଇଥିବାବେଳେଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ସୂଚନାଫଳରେ ଅନ୍ୟାନ୍ୟ ଗ୍ରାମ ସହ ନାହାକ ସାହି, ହରିଜନ ବସ୍ତକୁ ଜଳଯୋଗାଣ ପାଇଁ ବ୍ୟବସ୍ଥା ରହିଛି। ମାତ୍ର ଉକ୍ତ ପ୍ରକଳ୍ପରୁ ଦିନେ ମାତ୍ର ଉକ୍ତ ହରିଜନ ସାହିରୁଜଳଯୋଗାଣ ହୋଇପାରିନାହିଁ। ଏହି ଗ୍ରାମରେ ୨ଟି ନଳକୂପ ରହିଥିଲେ ମଧ ଗୋଟିଏ ଦୀର୍ଘ ବର୍ଷ ଧରି ଅଚଳ ହୋଇପଡ଼ିଥିବାବେଳେ ଅନ୍ୟ ନଳକୂପରେ ଆଇରନ୍ ଯୁକ୍ତ ପାଣି ବାହାରୁଛି । ଯାହାକୁ ପାନୀୟ ରୂପେ ବ୍ୟବହାର କରି ଏହି ସାହିତର ଅନେକ ବ୍ୟକ୍ତି ଅସୁସ୍ଥ ହେବାର କାରଣ ହୋଇଛି। ଏହି ସାହିର ଲୋକସଂଖ୍ୟା ୫ଶହରୁ ଅଧିକ ହୋଇଥିବା ବେଳେ ସମସ୍ତେ ଗରିବ ଓ ଖଟିଖିଆ ଦଳିତ ଶ୍ରେଣୀର ଲୋକ ଅଟନ୍ତି। କେବେ ସେମାନଙ୍କୁ ନିଆଳି ପାନୀୟ ଜଳ ପ୍ରକଳ୍ପରୁ ଜଳଯୋଗାଣ ହେବ ଚାହିଁ ବସିଛନ୍ତି। ତୁରନ୍ତ ଜଳଯୋଗାଣ କରିବାକୁ ନାହାନ ସାହିବାସୀଙ୍କ ପକ୍ଷରୁ ଦାବି ହେଉଛି।

# ସଚିବ ଅନୁ ଗର୍ଗଙ୍କ ଅଧକ୍ଷତାରେ ଉଠା ଜଳସେଚନ ନିଗମର କାର୍ଯ୍ୟ ଅଗ୍ରଗତି ସମୀକ୍ଷା




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ଉଠା ଜଳସେଚନ ନିଗମର କାର୍ଯ୍ୟାବଳୀ ଓ ନିଗମ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଏକ ସମୀକ୍ଷା ବୈଠକ ରାଜ୍ୟ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧକ୍ଷତାରେ ଆଜି ପୂର୍ବାହ୍ନରେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଓ.ଏଲ୍.ଆଇ.ସି ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ଅର୍ଚ୍ଚନା ପଟ୍ଟନାୟକଙ୍କ ସମେତ ନିଗମର ସମସ୍ତ କ୍ଷେତ୍ରସ୍ତରୀୟ ଅଧକାରୀ ଓ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବିଶେଷ କରି ରବି ଋତୁରେ କୃଷକମାନଙ୍କ ପାଇଁ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉଠା ଜଳସେଚନର ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ ରଖିବା ସହିତ ଏହାର ସୁପରିଚଳନା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

କ୍ଷୁଦ୍ର ଜଳସେଚନ ଏବଂ ଭୁତଳ ଜଳ ବିକାଶର ସହଯୋଗରେ ଉଠା ଜଳସେଚନ ନିଗମ ତରଫରୁ ନିର୍ମାଣାଧିନ ପ୍ରକଳ୍ପଗୁଡିକ ନିର୍ଦ୍ଧାରିତ ସମୟ ସୁଦ୍ଧା ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ୨୦୨୧-୨୦୨୨ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ୧ ଲକ୍ଷ ୪୦ ହଜାର ହେକ୍ଟର ଜମି ମଧ୍ୟରୁ ଅବଶିଷ୍ଟ ୯୮, ୬୨୮ ହେକ୍ଟର ଜମିକୁ ଜଳସେଚନ ପାଇଁ ତ୍ୱରିତ ପଦକ୍ଷେପ ନେବା, ବ୍ୟୟ ଅଟକଳ ଓ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଅର୍ଥରାଶିର ସମ୍ପୂର୍ଣ୍ଣ ବିନିଯୋଗ କରି କାର୍ଯ୍ୟ ସମ୍ପାଦନ କରିବା,ଅଧିକରୁ ଅଧିକ ସଂଖ୍ୟକ ଜମିକୁ ଯେପରି ଜଳସେଚିତ କରାଯାଇପାରିବ, ସେ ଦିଗରେ ଉଠା ଜଳସେଚନ ଏବଂ କ୍ଷୁଦ୍ର ଜଳସେଚନ ବିଭାଗୀୟ ଯନ୍ତ୍ରୀମାନଙ୍କୁ ମିଳିତ ଭାବେ ଜମି ଚିହ୍ନଟକରଣ କରି ଆଗାମୀ ୧୫ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ନିର୍ଦ୍ଦେଶ ଦେଇଥିଲେ।

ଏତଦ୍‌ବ୍ୟତୀତ, ଦୀର୍ଘ ଦିନ ଧରି କାର୍ଯ୍ୟକ୍ଷମ ଉପଯୋଗୀ ହେଉନଥିବା ଗଭୀର କୂପ ଗୁଡ଼ିକୁ ଭୂତଳ ଜଳସ୍ତର କ୍ଷମତା ବୃଦ୍ଧି ପାଇଁ ବ୍ୟବହାର କରାଯିବା ଓ ଏଥିପାଇଁ ମାର୍ଗ ଦର୍ଶିକା ପ୍ରସ୍ତୁତି ନିମନ୍ତେ ସଠିକ ଅନୁଧ୍ୟାନ ପୂର୍ବକ ୧୫ ଦିନ ମଧ୍ୟରେ ବିବରଣୀ ପ୍ରଦାନ କରିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଗର୍ଗ ବିଭାଗୀୟ ଯନ୍ତ୍ରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ, ପ୍ରତ୍ୟେକ ମାସରେ ନିୟମିତ ଭାବେ ଅର୍ଥ ବିନିଯୋଗ ପ୍ରମାଣପତ୍ର ଏବଂ ପ୍ରକଳ୍ପ ଅଗ୍ରଗତି ବା ସମାପ୍ତି ସମ୍ପର୍କିତ ତଥ୍ୟ ପ୍ରେରଣ କରିବାକୁ ମଧ୍ୟ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା।

# ବିର୍ସାମୁଣ୍ଡା ଜନଜାତି ଅସ୍ମିତା ଓ ସ୍ୱାଭିମାନର ପ୍ରତୀକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭଗବାନ ବିର୍ସାମୁଣ୍ଡାଙ୍କ କୀର୍ତ୍ତି ଓ ଜୀବନାଦର୍ଶ ଚିରକାଳ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଦର୍ଶାଇ ଅତିଥିମାନେ ତାଙ୍କ ପ୍ରତି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ଏସ୍.ସି.ଏସ୍.ଟି. ଆର.ଟି.ଆଇ ଏବଂ ଭାରତ ସରକାରଙ୍କ ଜନଜାତି ବ୍ୟାପାର ମନ୍ତ୍ରଳାଳୟର ମିଳିତ ସହଯୋଗରେ ଆଜି ଅନୁଷ୍ଠିତ ଏକ ଜାତୀୟ ଆଭାସୀ ଆଲୋଚନା ଚକ୍ରରେ "ଭାରତର ସ୍ୱାଧୀନତା ସଂଗ୍ରାମରେ ଭଗବାନ ବିର୍ସା ମୁଣ୍ଡାଙ୍କ ଅବଦାନ" ପ୍ରସଙ୍ଗ ଉପରେ ଆଲୋଚକମାନେ ବକ୍ତବ୍ୟ ରଖିଛନ୍ତି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଡିଶାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ରଂଜନା ଚୋପ୍ରା, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଡ. ନଭଲଜିତ କପୁର, ଆହ୍ଲାବାଦ ବିଶ୍ୱବିଦ୍ୟାଳୟର ନୃତତ୍ୱ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ବିଜୟ ଏ ସହାୟ ପ୍ରମୁଖ ବକ୍ତବ୍ୟ ରଖି ଭଗବାନ ବିର୍ସାଙ୍କୁ ଜନଜାତି ଅସ୍ମିତା ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ଭାବରେ ଅଭିହିତ କରିଥିବା ବେଳେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ସ୍ୱାଗତ ଭାଷଣ କ୍ରମେ ରାଷ୍ଟ୍ରନିର୍ମାଣରେ ଯୋଗଦାନ ଓ ପ୍ରାଣବଳି ଦେଇଥିବା ଜନଜାତି ନାୟକମାନଙ୍କର ସ୍ମୃତି ଚାରଣ ଲାଗି ଦେଶର ବିଭିନ୍ନ ପ୍ରାନ୍ତରେ ଚଳିତ ମାସ ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଆଇକନିକ ସପ୍ତାହ ପାଳନ କରାଯାଇଛି ବୋଲି ଉଲ୍ଲେଖ କରିଥିଲେ।

ବୈଷୟିକ ଅଧିବେଶନରେ ବାରିପଦାସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ. କିଶୋର କୁମାର ବାସା, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ନୃତତ୍ୱ ବିଭାଗ ପ୍ରଫେସର ସୁମହନ୍ ବଂନ୍ଦୋପାଧ୍ୟାୟ, ରାଂଚିସ୍ଥିତ ମୁଣ୍ଡାରୀ ଲୋକଭାଷା ପାଠ୍ୟକ୍ରମର ସଂଯୋଜକ ଗୁଂଜଲ ଉକିର ମୁଣ୍ଡା, ରାଂଚିସ୍ଥିତ ଡ. ଶ୍ୟାମାପ୍ରସାଦ ମୁଖାର୍ଜୀ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. ସତ୍ୟନାରାୟନ ମୁଣ୍ଡା ପ୍ରମୁଖ ବିଦ୍ୱାନ ଓ ଶିକ୍ଷାବିତ୍ ଅଂଶଗ୍ରହଣ କରି ବୀର ବୀର୍ସାଙ୍କ ଜୀବନ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ଅଂଚଳରୁ ଗବେଷକ, ଶିକ୍ଷାବିତ୍, ବିଦ୍ୱାନ, ଜନଜାତି ବିକାଶ କର୍ମୀ, ଜନଜାତି ବିକାଶ ସଂସ୍ଥାନ ଓ ଉତ୍କର୍ଷ କେନ୍ଦ୍ରର ପ୍ରତିନିଧି, କେନ୍ଦ୍ର ସରକାରଙ୍କ ଜନଜାତି ମନ୍ତ୍ରଣାଳୟ ଓ ବିଭିନ୍ନ ରାଜ୍ୟର ଜନଜାତି ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ।




## ୩ ବର୍ଷ ପୂରିଲା...

# କଟକ: ସେକ୍ଟର-୧୩ରେ ୯୦ଲକ୍ଷ ଟଙ୍କାର ଡ୍ରେନ୍ କାମ ଅଟକିଛି

**କଟକ(ସଂପର୍କବାର୍ତ୍ତା):-** ୨୦ ବର୍ଷ ତଳେ ସେକ୍ଟର-୧୩ ଅଞ୍ଚଳରେ ପ୍ରଥମେ ଡ୍ରେନ ନିର୍ମାଣ କରାଯାଇଥିବା ବେଳେ ନିମ୍ନ ମାନର କାମ ଯୋଗୁଁ ଅଳ୍ପ କିଛି ଦିନ ମଧ୍ୟରେ ତାହା ଭାଙ୍ଗି ମାଟିରେ ମିଶି ଯାଇଥିଲା। ସେତେବେଳେ ଏଠାରେ କେହି ଘର ତିଆରି କରି ରହୁ ନଥିଲେ। ୨୦୧୭ / ୧୮ ମସିହା ବେଳକୁ ଲୋକେ ଘର ତିଆରି ଆରମ୍ଭ କରି ରହିବାକୁ ଲାଗିଲେ। ଡ୍ରେନେକ କାର୍ଯ୍ୟକ୍ଷମ ନ ଥିବା ହେତୁ ସେ ସମୟରେ ବର୍ଷା ପାଣି ସହ ଲୋକଙ୍କ ବାଥରୁମ ପାଣି ସହ ଲୋକଙ୍କ ବାଥରୁମ ପାଣି ସବୁ ରାସ୍ତା ଉପରେ ଲହଡ଼ି ମାରୁଥିଲା। ଲୋକେ ସିଡ଼ିଏ ଅଫିସରେ ବାରମ୍ବାର ଅଭିଯୋଗ କଲାପରେ ୨୦୧୮ ମସିହାରେ ଏଠାରେ ଡ୍ରେନ ନିର୍ମାଣ ପାଇଁ ବ୍ୟୟ ଅଟକଳ କରାଯାଇଥିଲା। ପରେ ପରେ କାମ ମଧ୍ୟ ଆରମ୍ଭ ହୋଇଥିଲା। କିଛି ଦିନ କାମ ଠିକ୍ ଠାକ୍ ଚାଲିବା ପରେ ହଠାତ୍ ଠିକାଦାର କାମ ବନ୍ଦ କରି ଚାଲିଯିବା ପରେ ଡ୍ରେନନିର୍ମାଣ କାମ ଅଟକି ଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ଆଉ ଡ୍ରେନ୍ ନିର୍ମାଣ କାର୍ଯ୍ୟ ହୋଇ ପାରୁନଥିବା ଅଭିଯୋଗ ହୋଇଛି। ଫଳରେ ବର୍ଷା ପାଣି ସହ ଲୋକଙ୍କ ବାଥରୁମ୍ ପାଣି ସବୁ ରାସ୍ତା ଉପରେ ଲହଡ଼ି ମାରୁଛି। ପରିବେଶ ଦୂଷିତ ହେବା ସହ ମଶା ବଂଶ ବୃଦ୍ଧି ପାଉଛନ୍ତି। ଲୋକଙ୍କ ଯାତାୟତାରେ ସମସ୍ୟା ସୃଷ୍ଟି ହେଉଛି। ଏବେ ଏପରି ଅବସ୍ଥା ଦେଖିବାକୁ ମିଳିଛି ଯେ ନିର୍ମାଣ ହୋଇଥିବା ଡ୍ରେନ ସବୁ ମାଟିରେ ପୋତି ହୋଇଥିବା ଡ୍ରେନ ସବୁ ମାଟିରେ ପୋଡ଼ି ହୋଇ ଯାଉଛି। ତାହା ଉପରେ ଅନାବନା ଗଛ ସବୁ ଉଂବା ସହ ସେଠାରେ କଂଗଲ ସୃଷ୍ଟି ହୋଇଛି। ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଲୋକେ ସିଡ଼ିଏ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛନ୍ତି । କିନ୍ତୁ ଏପର୍ଯ୍ୟନ୍ତ କୌଣସି ପ୍ରକାର ସହଯୋଗ ମିଳିପାରିନି। ଏବେ ଏଠାରେ ବହୁ ଲୋକ ଘର ଭାଗ୍ୟକୁ ଆଦିର ରହିବାକୁ ବାଧ ହେଉଛନ୍ତି ବୋଲି ସେକ୍ଟର ୧୩ ଆବାସିକ ସଂଘର ସଭାପତି ବିଜ୍ଞାନ ଶର୍ମା। ଓ ସଂପାଦକ ସୋମରଂଜନ ପଟ୍ଟନାୟକ କହିଛନ୍ତି।

# ସୁଶୀଲ କୁମାର ପଣ୍ଡାଙ୍କ ବିୟୋଗରେ ଏଏସ୍ଏମ୍ଏନ୍ଆଇର ଶୋକ



**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ବଲାଙ୍ଗିରର ବରିଷ୍ଠ ସାମ୍ବାଦିକ ତଥା ଅତଏବ ଖବରକାଗଜର ସମ୍ପାଦକ ସୁଶୀଲ କୁମାର ପଣ୍ଡା ଚେନ୍ନାଇ ଠାରେ ଏକ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି । ପଣ୍ଡାଙ୍କ ବିୟୋଗରେ ଅଖିଳ ଭାରତ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ମହାସଂଘର ସଭାପତି ରବି ରଥ ଗଭୀର ଶୋକ ପ୍ରକାଶ କରିବା ସହ ସଂଗଠନ ଜଣେ ଲଢୁଆ। ନେତାଙ୍କୁ ହରାଇଲା ବୋଲି କହିଥିଲେ । ଅତଏବ ଖବରକାଗଜର ସମ୍ପାଦନା ଦାୟିତ୍ୱ ତୁଲାଉଥିବା ବେଳେ ବିଭିନ୍ନ ଖବରକାଗରେ ସାମ୍ବାଦିକତା କରି ଆସୁଥିଲେ । ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରାଯାଇଛି।

## ସପ୍ତାହକ ମଧ୍ୟରେ ୨ୟ ଘଟଣା

# ଡବଲ୍ ଡୋଜ୍ ନେଇ ମଧ୍ୟ କରୋନାରେ ଜୀବନ ଗଲା



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଟିକାର ଡବଲ୍ ଡୋଜ୍ ନେଇ ମଧ୍ୟ ଜଣେ ୭୫ବର୍ଷୀୟ ମହିଳା ମାହାମାରୀ କରୋନାରେ ଆକ୍ରାନ୍ତ ହୋଇ ପ୍ରାଣ ହାରଇଛନ୍ତି । ଗୁରୁଗ୍ରାମରେ ଚଳିତ ସପ୍ତାହରେ ଏହା ଦ୍ୱିତୀୟ ଘଟଣା ଗୁରୁବାର ପ୍ରାଣ ହରାଇଥିବା ମହିଳା ଜଣଙ୍କ ଅଗଷ୍ଟ ୧୦ ବା ପ୍ରାୟ ୩ମାସ ତଳେ କୋଭିସିଲ୍ଡ ଟିକାର ଦ୍ୱିତୀୟ ଡୋଜ୍ ନେଇଥିଲେ । ତେବେ ନଭେମ୍ବର ୧୦ରେ ସେକ୍ଟର ୪୯ରେ ରହୁଥିବା ଏହି ମହିଳା ଜଣଙ୍କ ଶ୍ୱାସକିୟାରେ କଷ୍ଟ ଅନୁଭବ କରିଥିଲେ । ତାଙ୍କ ଶରୀରେ ପ୍ରବଳ ଜ୍ୱର ଥିବା ସହ ସେ କାଶ ଜନିତ ସମସ୍ୟାରେ ପଡିଥିଲେ। ତେଣୁ ତାଙ୍କୁ ପରିବାର ଲୋକ ଗୋଟିଏ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ତାଙ୍କର କରୋନା ଟେଷ୍ଟ କରାଯିବାରୁ ଏହା ପଜିଟିଭ ଆସିଥିଲା ମହିଳା ଜଣଙ୍କ ଆସ୍ଥମା, ମଧୁମେହ ଓ ଉଚ୍ଚ ରକ୍ତଚାପରେ ମଧ୍ୟ ପୀଡିତ ଥିଲେ। ପ୍ରାଥମିକ ଅବସ୍ଥାରେ ତାଙ୍କୁ ଆଇଭି ଫ୍ଲୁଇଡିସ, ଆଣ୍ଟିବାୟୋଟିକ ଓ ଅମ୍ଳଜାନ ସହାୟତାରେ ଚିକିତ୍ସା ପ୍ରଦାନ କରାଯାଇଥିଲା ତଥାପି ତାଙ୍କର ମୃତ୍ୟୁ ଘଟିଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି । ଡାକ୍ତର କହିଛନ୍ତି, ମହିଳା ଜଣଙ୍କ ମର୍ଣ୍ଣିଂ ଓ୍ୱାର୍କରେ ଯିବା ବେଳେ ସମ୍ଭବତଃ କୌଣସି ବାହାର ଲୋକଙ୍କ ସଂସ୍ପର୍ଶରେ ଆସି କରୋନାରେ ଆକ୍ରାନ୍ତ ହୋଇଥିଲେ । ତାଙ୍କ ପରିବାରର ଆଉ ସବୁ ସଦସ୍ୟଙ୍କ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି। ସେ ଟିକାର ଡବଲ୍ ଡୋଜ ନେଇଥିଲେ ମଧ୍ୟ ବୟସଜନିତ ସମସ୍ୟା ଓ ଅନ୍ୟାନ୍ୟ ରୋଗ ପାଇଁ ତାଙ୍କର ମୃତ୍ୟୁ ଘଟିଛି।

ସୂଚନାଯୋଗ୍ୟ, ରବିବାର ଗୁରୁଗ୍ରାମରେ ଜଣେ ୭୧ବର୍ଷୀୟ ବ୍ୟକ୍ତି କରୋନାରେ ଆଖିବୁଜିଥିଲେ । ସେ ମଧ୍ୟ କରୋନାର ଟିକାର ଡବଲ୍ ଡୋଜ୍ ନେଇଥିଲେ । ପ୍ରାଣ ହାରଇବାର ପ୍ରାୟ ୫ମାସ ପୂର୍ବରୁ ସେ କୋଭିସିଲ୍ଡ ଟିକାର ଦ୍ୱିତୀୟ ଡୋଜ୍ ନେଇଥିଲେ। ଗୁରୁଗ୍ରାମରେ ବର୍ତ୍ତମାନ ସୁଦ୍ଧା କରୋନ ଯୋଗୁ ମୋଟ ୯୨୫ଜଣଙ୍କ ଜୀବନ ଗଲାଣି। ଏମାନେ ମଧ୍ୟରୁ ୬୦୯ଜଣ ବହୁବିଧ ରୋଗର ପୀଡିତ ଥିଲେ। ମୁଖ୍ୟ ମେଡିକାଲ ଅଧିକାରୀ ବୀରେନ୍ଦ୍ର ଯାଦବ କହିଛନ୍ତି । ବହୁବିଧ ରୋଗରେ ପୀଡିତ ବୟସ୍କ ଲୋକମାନେ ବାହାରକୁ ଯିବାରେ ରିସ୍କ ଅଛି । ତେଣୁ ଟିକା ନେବା ମଧ୍ୟ ବୟସ୍କ ବ୍ୟକ୍ତିମାନେ ସତର୍କ ରହିବା ଦରକାର । ଏବେ ଯେଉଁମାନେ କରୋନରେ ଆକ୍ରାନ୍ତ ହୋଇ ଘରେ ରହିଛନ୍ତି, ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ଆମ ଟିମ୍ ନଜର ରଖିଛି । ସେମାନଙ୍କୁ ସବୁ ପ୍ରକାରର ସୁବିଧା ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି ।

## ପୂର୍ବତନ ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ

# ମନ୍ତ୍ରୀ ରଘୁନନ୍ଦନଙ୍କ ଶୋକ




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପୂର୍ବତନ ବାଲିକୁଦା ବିଧାୟକ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ରାଜ୍ୟ ଜଳସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଶ୍ରୀଯୁକ୍ତ ରଘୁନନ୍ଦନ ଦାସ ଶୋକ ପ୍ରକାଶ କରିଛନ୍ତି।

ମନ୍ତ୍ରୀ ଶ୍ରୀ ଦାସ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ସ୍ୱର୍ଗତ ସ୍ୱାଇଁଙ୍କ ଲୋକପ୍ରିୟତା ପାଇଁ ସେ ବିଧାନସଭାକୁ ୪ ଥର ନିର୍ବାଚିତ ହୋଇଥିଲେ। ଜିଲ୍ଲାରେ ବିଭିନ୍ନ ସମୟରେ ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସମୟରେ ତଥା ନିଜ ଅଞ୍ଚଳ ଏବଂ ଜିଲ୍ଲାର ବିକାଶ ସାଧନ ପାଇଁ ତାଙ୍କର ଅବଦାନ ଉଲ୍ଲେଖନୀୟ ଥିଲା । ତାଙ୍କର ଅଭିଜ୍ଞତା ପାଇଁ ସେ ବିଭିନ୍ନ ସମୟରେ ବିଧାନ ସଭା ଗୃହ କମିଟିର ସଦସ୍ୟ ମଧ୍ୟ ରହିଥିଲେ। ମନ୍ତ୍ରୀ ଶ୍ରୀ ଦାସ, ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା ପୂର୍ବକ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

# ୨୫କୋଟି ବର୍ଷ ପୂର୍ବେ ଆସିଥିଲା ପ୍ରଳୟ ୯୦ ପ୍ରତିଶତ ଜୀବ ହୋଇ ଯାଇଥିଲେ ଶେଷ



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପୃଥିବୀରେ ଆଜିଠୁ ପାଖାପାଖି ୨୫ କୋଟି ବର୍ଷ ପୂର୍ବେ ପ୍ରଳୟ ଆସିଥିଲେ । ଆଉ ଏଥିରେ ୯୦ପ୍ରତିଶତ ଜୀବଙ୍କର ମୃତ୍ୟୁ ହୋଇଥିଲା ଅନେକ ବର୍ଷରୁ ବୈଜ୍ଞାନିକମାନେ ଏହା ଜାଣିବାକୁ ପ୍ରୟାସ ଜାରି ରଖିଥିଲେ କି ଏହି ପ୍ରଳୟର କାରଣ କ'ଣ ଥିଲା ଏବେ କିନ୍ତୁ ଚୀନ୍‌ର ବୈଜ୍ଞାନିକଙ୍କୁ ଏହାର ପ୍ରକୃତ କାରଣ ଜଣାପଡିଛି । ଆଉ ଏହି ରହସ୍ୟ ଏବେ ସାମନାକୁ ଆସିଛି । ବୈଜ୍ଞାନିକଙ୍କ କହିବାନୁସାରେ, ୨୫କୋଟି ବର୍ଷ ପୂର୍ବେ ଆଗ୍ନେୟଗିରି ଉଦ୍‌ଗୀରଣ ହୋଇଥିଲା, ଯେଉଁଥିରେ ପୃଥିବୀରେ ଥଣ୍ଡାର ଆସ୍ତରଣ ପଡିବା ଆରମ୍ଭ ହୋଇଥିଲା । ଏଥିରେ ୯୦ପ୍ରତିଶତ ଜୀବ ପୃଥିବୀରୁ ଶେଷ ହୋଇଯାଇଥିଲେ । ଚାଇନିଜ୍ ଏକାଡେମୀ ଅଫ୍ ସାଇନ୍ସେସ୍ ଦକ୍ଷିଣ ଚୀନର ସିଚୁଆନ୍ ପ୍ରାନ୍ତରେ ତାମ୍ରର ଭଣ୍ଡାର ଅଧ୍ୟୟନ କରି ଏହି ନିଷ୍କର୍ଷ ବାହାର କରିଛି । ଏହି ଶିଳା ଗୁଡିକରେ ଥିବା ଅସାମଞ୍ଜସ୍ୟ କାରଣରୁ ଜଣାପଡେ କି ଏହା ସଲଫରରେ ଭରା ଉତ୍ସର୍ଜନର ପ୍ରଭାବରେ ଆସିଥିଲା ଯାହା ପାଖରେ ଥିବା ଆଗ୍ନେୟଗିରିରୁ ବାହାରି ଥିଲା । ଏହି ଶିଳା ଆଗ୍ନେୟଗିରିରୁ ବାହାରି ଥିବା ପାଉଁଶର ଆସ୍ତରଣ ଗୁଡିକରେ ଆବଦ୍ଧ ହୋଇଥିଲା ସଲଫରର ଏରୋସଲ ଯେବେ ବାୟୁମଣ୍ଡଳରେ ପହଂଚି ଥିଲା ତ ତାହା ସୂର୍ଯ୍ୟରୁ ଆସୁଥିବା କରିଣକୁ ବାଧା ଦେଇ ପୁଣି ମହାକାଶକୁ ଫେରସ୍ତ କରି ଦେଉଥିଲା ଯାହା ଫଳରେ ପୃଥିବୀରେ ଥଣ୍ଡାର ଏକ ବଡ ଆସ୍ତରଣ ପଡି ଯାଇଥିଲା।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



ADVERTISEMENT TARIFF

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |




# ନଭେମ୍ବର ୩୦ସୁଦ୍ଧା ଇ-ସର୍ଭିସ୍ ବୁକ୍ ଅପଡେଟ୍ କର

## ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମାନବ ସମ୍ବଳ ପରିଚାଳନାରେ ୫-ଟି ନୀତି ପ୍ରୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଚଳିତ ନଭେମ୍ବର ମାସ ୩୦ତାରିଖ ସୁଦ୍ଧା ସମସ୍ତ ସରକାରୀ କର୍ମଚାରୀମାନଙ୍କର ଇ-ସର୍ଭିସ୍ ବୁକ୍ ର ସଦାତନକରଣ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି କାର୍ଯ୍ୟର ଅଗ୍ରଗତି ବିଷୟ ଅନୁଧ୍ୟାନ କରି ସେ ଏହି ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଇ-ଇ ସର୍ଭିସ୍ ବୁକ୍ ସରକାରୀ କର୍ମଚାରୀମାନଙ୍କ ଉତ୍ତମ ପରିଚାଳନାରେ ବହୁ ଭାବେ ସହାୟକ ହେବା ସହ ଅବସର ନେଉଥିବା କର୍ମଚାରୀମାନଙ୍କର ପେନ୍‌ସନ୍ ସମ୍ବନ୍ଧିତ ଦେୟ ପ୍ରଦାନକୁ ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରିବା ଏହା ଉଭୟ କର୍ମଚାରୀ ଏବଂ ସରକାରୀ ଏବଂ ସରକାରୀ ବ୍ୟବସ୍ଥାକୁ ଅଧିକ କ୍ରୀୟାଶୀଳ ଏବଂ ବୃତ୍ତିଗତ କରିବ ।

ନଭେମ୍ବ ୩୦ ତାରିଖ ସୁଦ୍ଧା ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ, ବିଭାଗୀୟ ମୁଖ୍ୟ ଏବଂ ଜିଲ୍ଲାପାଳମାନେ ନିଜ ନିଜ ବିଭାଗ କର୍ମଚାରୀ ମାନଙ୍କର ଇ-ସର୍ଭିସ୍ ବୁକ୍ କାର୍ଯ୍ୟର ସଦ୍ୟତନ ନିଶ୍ଚିତ କରାଇବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଏହା ନହେଲେ ଡିସେମ୍ବର ମାସଠାରୁ ସଂପୃକ୍ତ



କର୍ମଚାରୀ ଏବଂ ବିଭାଗୀୟ ନୋଡାଲ୍ ଅଧିକାରୀଙ୍କ ଦରମା ମିଳିବାରେ ବାଧା ସୃଷ୍ଟିହେବ ବୋଲି ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ଜଣାଇଥିଲେ । ସମୀକ୍ଷାରୁ ଜଣାପଡିଥିଲା ଯେ ପୂର୍ତ୍ତ, କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ଅବକାରୀ, ଶିଳ୍ପ, ପର୍ଯ୍ୟଟନ, ଗୃହ, ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଇସ୍ପାତ ଓ ଖଣି, ନଗର ଓ ଗୃହ ଉନ୍ନୟନ, ସୂଚନା ଓ ଲୋକ ସଂପର୍କ, ଶ୍ରମ ସମୀକ୍ଷାରୁ ଜଣାପଡିଥିଲା ଯେ ପୂର୍ତ୍ତ, କୃଷି ଓ କୃଷକ ସଶକ୍ତିକରଣ, ସମବାୟ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ, ଅବକାରୀ, ଶିଳ୍ପ, ପର୍ଯ୍ୟଟନ୍ ଗୃହ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ଇସ୍ପାତ ଓ ଖଣି, ନଗର ଓ ଗୃହ ଉନ୍ନୟନ, ସୂଚନା ଓ ଲୋକ ସଂପର୍କ, ଶ୍ରମ ଓ ନିୟୋଜନ ଆଦି ବିଭାଗର ପ୍ରାୟ ୯୫ ପ୍ରତିଶତ କର୍ମଚାରୀମାନଙ୍କର ଇ- ସର୍ଭିସ୍ ବୁକ୍ ସଦ୍ୟତନ କରାସରିଛି । ସେହିପରି ବାଲେଶ୍ୱର, ବରଗଡ, ଭଦ୍ରକ, ଝାରସୁଗୁଡା, କୋରାପୁଟ, ମାଲାକାନଗିରି, ନବରଙ୍ଗପୁର, ରାୟଗଡା ଏବଂ ସୁବର୍ଣ୍ଣପୁର ଆଦି ଜିଲ୍ଲାରେ ପ୍ରାୟ ୯୨ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି । ଅନ୍ୟ ବିଭାଗ ଏବଂ ଜିଲ୍ଲାମାନେ ହାରାହାରି ୭୦ ପ୍ରତିଶତ କାର୍ଯ୍ୟ ଶେଷ କରିଛନ୍ତି । ବୈଠକରେ ମୁଖ୍ୟତଃ ଇ- ସର୍ଭିସ୍ ବୁକ୍ ସଫ୍‌ଟ୍‌ୱେୟାରର କାର୍ଯ୍ୟକାରିତା, ସେଥିରେ ତଥ୍ୟ ସନ୍ନିବେଶ କରିବା, ଡାଟାଏଣ୍ଟ୍ରି କାର୍ଯ୍ୟ ଆଦି ସମ୍ବନ୍ଧିତ ବିଷୟ ଆଲୋଚନା ହୋଇଥିଲା ବିଭିନ୍ନ ଜିଲ୍ଲା ଏବଂ ବିଭାଗର ନୋଡାଲ୍ ଅଧିକାରୀମାନେ ନିଜ ନିଜର ଅଭିଜ୍ଞତା ଓ ସମସ୍ୟା ବିଷୟ ଜଣାଯାଇଥିଲେ । ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ବରିଷ୍ଠ ଅଧିକାରୀମାନେ ସେସବୁର ଆଶୁ ସମାଧାନ କରିଥିଲେ ।

# ମନ୍ତ୍ରୀ ଦିବ୍ୟଶଙ୍କରର ନିଜକୁ କ୍ଲିନ୍‌ଚିଟ୍ ଦେବାକୁ କିଏ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମମିତା ହତ୍ୟାକାଣ୍ଡରେ ସମଗ୍ର ଓଡିଶା ଜଳୁଛି । ସମସ୍ତେ ପଚାରୁଛନ୍ତି ମମିତାର ନିର୍ମମ ହତ୍ୟା ପଛର ପ୍ରକୃତ କାରଣ କଣ। ମେହେର ସମ୍ପ୍ରଦାୟର ଗୋଟିଏ ଝିଅକୁ ମାରି ଦିଆଗଲା ଆଉ ଏଥିରେ ମନ୍ତ୍ରୀ ଦିବ୍ୟଶଙ୍କର ମଶ୍ରିଙ୍କ ନାମ ରହିଛି । ମାତ୍ର ଏତେ ଦିନ ପରେ ମନ୍ତ୍ରୀ ସମ୍ମୁଖକୁ ଆସି ନିଜକୁ କ୍ଲିନ୍‌ଚିଟ ଦେଇଛନ୍ତି । ବୋଧହୁଏ ସବୁ ତଥ୍ୟ ପ୍ରମଣା ନଷ୍ଟ କରିବା ପରେ ଆଜିକୁ କ୍ଲିନ୍‌ଚିଟ ଦେଉଛନ୍ତି । କେଉଁ ଅଧିକାରୀ ତାଙ୍କୁ କ୍ଲିନ୍‌ଚିଟ ଦେଲା କାହାର ସେ ଅଧିକାର ରହିଛି ବୋଲି ପ୍ରଶ୍ନ କଲା ବିଜେପି । ମନ୍ତ୍ରୀ ବିବୃତି ସାମ୍ବିଧାନିକ ବିଧି ବ୍ୟବସ୍ଥା




ପାଇଁ ଉପହାସ । ଡିଆଇଜି କ'ଣ ଏଜେନ୍ସି ସେ କ୍ଲିନ୍‌ଚିଟ ଦେବେ । ମନ୍ତ୍ରୀ ଇସ୍ତଫା ଦେଲେ ଯାଇ ହିଁ ତଦନ୍ତ ନିରପେକ୍ଷ ହୋଇ ପାରିବ । ଦିବ୍ୟଶଙ୍କର ନିର୍ଦ୍ଦେଶରେ ମମିତାକୁ ମରାଯାଇଛି ଆଉ ତଥ୍ୟ ପ୍ରମାଣ ନଷ୍ଟ କରାଯାଇଛି । କାହିଁକି ଏତଲା ପ୍ରଥମେ ଗ୍ରହଣ କରାଗଲା ନାହିଁ । ଏହାର ଉତ୍ତର ମନ୍ତ୍ରୀ ରଖିବେ କି । କେମିତି ୩ଟି ଥାନା ଗୋବିନ୍ଦକୁ ନିଆଗଲା ଗୋବିନ୍ଦକୁ ଟିଟିଲାଗଡ ନେଇ ଖସେଇ ଦେବାର ଯୋଜନା ମନ୍ତ୍ରୀ କରିଥିଲେ କି ତାହାର ଉତ୍ତର ଦିଅନ୍ତୁ । କାହିଁକି ଏ ସବୁ ପ୍ରଶ୍ନର ପୋଲିସ ସଠିକ ଉତ୍ତର ଦେଇ ପାରୁନାହିଁ ତାହାର ଉତ୍ତର ମନ୍ତ୍ରୀ ଦିଅନ୍ତୁ । ତଦନ୍ତ ସରି ନଥିବା ବେଳେ ମନ୍ତ୍ରୀ ନିର୍ଲଜ ଭଳି ସାମ୍ନାକୁ ଆସି ନିଜେ କ୍ଲିନ୍‌ଚଟି ଦେଉଛନ୍ତି । ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଓଡିଶାବାସୀଙ୍କୁ ଭ୍ରମିତ କରୁଛନ୍ତି । ଦୀର୍ଘ ଦିନ ପରେ ବାରମ୍ବାର ଯେଉଁ ସଫେଇ ଦେଉଛନ୍ତି ଯଦି ପ୍ରକୃତରେ ଆପଣ ଚାହିଁଛନ୍ତି । ତଦନ୍ତ ଠିକ ଭାବରେ ହୁଏ ତେବେ କୁହନ୍ତୁ ମୋ ବିରୁଦ୍ଧରେ ଯେଉଁ ଅଭିଯୋଗ ଆସିଛି ତାହାର ପୋଲିସ ତଦନ୍ତ କରୁ । ଏମିତି ଯଦି ମନ୍ତ୍ରୀ କରିଥାନ୍ତେ ତେବେ ଏ ସଫେଇର ଆବଶ୍ୟକତା ପଡି ନଥାନ୍ତା ଯେଉଁ ଯେଉଁ ପ୍ରଶ୍ନ ପଚାରଯାଉଛି । ତାହାର ଉତ୍ତର ଦିଅନ୍ତୁ, ଭେଳିକି କରନ୍ତୁ ନାହିଁ । ମନ୍ତ୍ରୀଙ୍କର ବିବେକ ନାହିଁ । ପୋଲିସ ଉପରେ ଚାପ ପ୍ରୟୋଗ କରାଯାଉଛି । ତେଣୁ ପୋଲିସ ଆଗମୀ ଦିନରେ ଓଡିଶାବାସୀଙ୍କ ଆଶା ଓ ବିଶ୍ୱାସ ହରାଇବ । ଯିଏ ତଣ୍ଟି ଚିପିଛି । ସେ ଯେତିକି ଦୋଷୀ ତାର ପ୍ରଚ୍ଛଦ ପଟରେ ଥିବା ଲୋକ ଅଧିକ ଦୋଷୀ । ୪୦ଦିନ କାହିଁକି ନଷ୍ଟ କଲେ ରାଜ୍ୟ ସରକାର ପ୍ରଥମ ଦିନରୁ ସିବିଆଇକୁ ଦେଲେନି, ଜଣା ପଡି ଯାଇଥାନ୍ତା କିଏ ଦୋଷୀ କିଏ ନିର୍ଦ୍ଦୋଷୀ । ମନ୍ତ୍ରୀଙ୍କୁ ବୁଲି ବୁଲି ଏମିତି ନିଜକୁ ନଜେ କ୍ଲିନ ଚଟି ଦେବାକୁ ପଡନ୍ତାନି ।

# ବନ୍ଦ ହେବନି ମଦ ଉତ୍ପାଦନ ଓ ବିକ୍ରି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ମଦ ବ୍ୟାନ କରିବା ପାଇଁ ହାଇକୋର୍ଟରେ ଦାୟର ଏକ ପିଟିସନରେ ଶୁଣାଣି ବେଳେ ସତ୍ୟପାଠ ଜରିଆରେ ରାଜ୍ୟ ସରକାର ନିଜ ଆଭିମଖ୍ୟକୁ ସ୍ପଷ୍ଟ କରିଛନ୍ତି । ଶୁଣାଣିବେଳେ ରାଜ୍ୟ ସରକାର ସତ୍ୟପାଠ ଜରିଆରେ ନଜି ପକ୍ଷ ରଖିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି, ମଦ ଉତ୍ପାଦନ ଓ ବିକ୍ରୀ ବନ୍ଦ କରାଗଲେ ଲୋକଙ୍କଠାରୁ ମଦକୁ ଦୂରେଇ ରଖିପାରିବେ ନାହିଁ । ମଦବ୍ୟାନ ହେଲେ ଡ୍ରଗ୍ସ ଭଳି ନିଶାଦ୍ରବ୍ୟ ପ୍ରତି ଲୋକଙ୍କ ଆଗ୍ରହ ବଢିବ । ମଦ ବ୍ୟାନ ଦ୍ୱାରା ପର୍ଯ୍ୟଟନ ଓ ଅର୍ଥନୀତି ପ୍ରଭାବତି ହେବା କିଛି ରାଜ୍ୟରେ ମଦ ଉତ୍ପାଦନ ଓ ବିକ୍ର ସଂପୂର୍ଣ୍ଣ ବନ୍ଦ ଥିଲେ ବି ସୁଫଳ ମିଳିନାହିଁ । ଗୁଜରାଟରେ ମଦ ଉତ୍ପାଦନ ଓ ବିକ୍ର ସମ୍ପୂର୍ଣ୍ଣ ବନ୍ଦ ଥିଲେ ବି ରାଜ୍ୟ ମଦମୁକ୍ତ ହୋଇନାହିଁ । ବିହାର ମଦମୁକ୍ତ ହେବାକୁ ଘୋଷଣା କରିଥିଲେ ବି ଏହାର ସୁଫଳ ମିଳିନାହିଁ । ମହାରଷ୍ଟ୍ର ତୁଳନାରେ ବିବାହରରେ ମଦ ବ୍ୟବହାର ଅଧିକ ହୋଇଛି । ମଦ ବ୍ୟାନ କରିଦେଲେ ଲୋକଙ୍କ ମଦ ବ୍ୟବହାରକୁ ସଂପୂର୍ଣ୍ଣ ରୋକାଯାଇପାରିବନି । ଲୋକଙ୍କଠାରୁ ମଦ ଅଭ୍ୟାସ ଦୂର କରିବାକୁ ସରକାର ଧିରେ ଧିରେ ପଦକ୍ଷେପ ନେଉଛନ୍ତି । ରାଜ୍ୟର ଅବକାରୀ ନୀତି କିଛି ଏଭଳି ଢଙ୍ଗରେ ତିଆରି କରାଯାଉଛି । ଲୋକଙ୍କ ହାର୍ଡ ଲିକରଠାରୁ ଦୂରେବା ପାଇଁ ଅବକାରୀ ନୀତିରେ ବ୍ୟବସ୍ଥା ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ସରକାରୀ ଆହୁରି କହୁଛନ୍ତି ଲୋକଙ୍କୁ ବିଅର ଓ ୱାଇନ ପ୍ରତି ଆକୃଷ୍ଟ କରିବାକୁ ସରକାର ପଦକ୍ଷେପ ଉପରେ ଅଧିକ ଟିକସ ଲଗାଇ ଦର ବଢାଇବାର ବ୍ୟବସ୍ଥା ହୋଇଛି । ଏହାସହ ମଦ ବ୍ୟାନ ପାଇଁ ଦାଖଲ ପିଟିସନକୁ ଖାରଜ କରିବାକୁ ସରକାର ରଖିଲେ ହାଇକୋର୍ଟରେ ଯୁକ୍ତ ରଖିଛନ୍ତି ।

# କୃଷି ଆଇନ ପ୍ରତ୍ୟାହାର କରିବାକୁ ରାଜି ହୋଇଗଲେ ସରକାର ?

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୩ ବିବାଦୀୟ କୃଷି ଆଇନକୁ ପ୍ରତ୍ୟାହାର କରିଛନ୍ତି । ନିକଟରେ ଶେଷ ହୋଇଥିବା ବିଜେପି ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ନିଆଯାଇ ପୁର୍ନିଚାର କରାଯାଇଥିଲା ବୈଠକରେ କୃଷି ଆଇନ ରଖାଯିବ କି ନାହିଁ ସେ ନେଇ ପୁଙ୍ଖାନୁ ପୁଙ୍ଖ ଭାବେ ଆଲୋଚନା ହୋଇଥିଲା ଶୁଣିବାକୁ ମିଳୁଛି । ଏହି ବୈଠକରେ ହିଁ କୃଷି ଆଇନ ସମ୍ବନ୍ଧରେ ଉଭୟ ସରକାର ଏବଂ ସଂଗଠନର ପ୍ରତ୍ୟାହାର କରିବାକୁ ନେଇଥିଲେ । ପ୍ରକାଶ ଥାଉକି, ଗତ ଫେବୃଆରୀ ମାସରେ ଦଳରେ ଜାତୀୟ ପଦାଧିକାରିଣୀ ବୈଠକରେ ପାରିତ ଏକ ପ୍ରସ୍ତାବରେ କୁହାଯାଇଥିଲା ଯେ, ୩କୃଷି ଆଇନ ଚାଷୀଙ୍କ ହିତ ପାଇଁ ତିଆରି ହୋଇଛି । ଏହା ଏକ ଉଚିତ ପଦକ୍ଷେପ ଏବଂ ଏହି ଆଇନ ଆଣିଥିବାରୁ ଦଳର ଶୀର୍ଷ ନେତା ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ୍ୟ ପ୍ରଶଂସା କରିଥିଲେ ବହୁ କରିଥିଲେ ବହୁ ନେତା ତା ପୂର୍ବରୁ ଜାନୁଆରୀ ମାସରେ କେନ୍ଦ୍ର ସରକାର ଏବଂ ଚାଷୀ ନେତାଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା ପରେ ଫେବୃଆରୀ ମାସରେ ହିଁ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ଦଳର ରଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟଙ୍କ ଦ୍ୱାରା ଆପଣା ଯାଇଥିଲା । ଅନ୍ୟପଟେ ଦଳରେ ସାଂଗଠନିକ ସଦସ୍ୟ କୃଷି ଆଇନର ବିରୋଧକୁ ନେଇ ମାନସମନ୍ୱୟ କରିଥିଲେ । କୃଷି ଆଇନ ଲାଗୁ ହେଲେ କ'ଣ ସୁବିଧା ହେବ ଏବଂ ଅସୁବିଧା ହେବ ସେ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା କିନ୍ତୁ ଏ ନେଇ କୌଣସି ଖୁଲାସା କରିନଥିଲା ଦଳ ସେହିଭଳି ନଭେମ୍ବର ୭ତାରିଖରେ ଅନୁଷ୍ଠିତ ରଷ୍ଟ୍ରୀୟ କାର୍ଯ୍ୟ କାରିଣୀ ବୈଠକ ରେ ମଧ୍ୟ କୃଷି ଆଇନ ସମ୍ବନ୍ଧରେ ଆଲୋଚନା ହୋଇନଥିବା ଦଳର ବରିଷ୍ଠ ନେତାମାନେ କହିଥିଲେ । ଯେତେବେଳେ କି ଅନ୍ୟ ମୁଦ୍ଦା ଯେପରିକି ରିହାତିରେ ବିହନ, କୃଷି ଋଣ, ପିଏମ୍ -କିଷାନ, ଏଫ୍‌ପିଓ ଆଦି ବିଷୟରେ ଆଲୋଚନା ହୋଇଥିଲା କେବଳ ଉତ୍ତର ପ୍ରଦେଶ ଏବଂ ପଞ୍ଜାବ ଦୃଷ୍ଟିରେ ରଖି କୃଷି ଆଇନ ବିଷୟରେ ପୁନର୍ବିବାର କରିବାକୁ ପ୍ରାସ୍ତବ ଦିଆଯାଇଥିଲା ଶୁଣିବାକୁ ମିଳୁଛି ଯେ ଦଳର ରଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ହିଁ କୃଷି ଆଇନ ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନିଆଯାଇଥିଲା ଏବେ ପ୍ରଧାନମନ୍ତ୍ରୀ ମୋଦି ନେଇଥିବା ନିଷ୍ପତ୍ତିକୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି । ଗୃହ ମନ୍ତ୍ରୀ ଅମିତ ଶାହା ମଧ୍ୟ ମୋଦିଙ୍କୁ ଖୁବ ପ୍ରଶଂସା କରିଛନ୍ତି ।

# ଖପୁରିଆ ବତକ ପ୍ରଜନନ କେନ୍ଦ୍ର ଅଚଳ

**କଟକ(ସଂପର୍କବାର୍ତ୍ତା):-** ଦୁଇ ମାସ ବିତିଗଲା । ହେଲେ ଆଜି ସୁଦ୍ଧା ମରାମତି ସରିପାରିଲାନି ରାଜ୍ୟର ସର୍ବପୁରାତନ ଖପୁରିଆସ୍ଥିତ ବତକ ପ୍ରଜନନ କେନ୍ଦ୍ର । ଏହାର ମରାମତି ଏବେ ୭ଦିନ ତଳୁ ଆରମ୍ଭ ହୋଇଥିବାବେଳେ ୨୦୦୮ର ହାଚେରି ଓ ଇନ୍‌କ୍ୟୁବେଟର କ୍ଷମତା କମିଛି । ଫଳରେ ମରାମତି ନକଲେ ଏହାର ଉତ୍ପାଦନ ହାର କମିବା ତେଣୁ ଯେଉଁ ଡିଆଁ ଉତୁରି ଯାଇଥିଲା ଓ କିଛିଦିନ ପରେ ବଣ୍ଟନ ଆରମ୍ଭ ହୋଇଥାନ୍ତା, ସେସବୁ ବର୍ଷାପାଣିରେ ଉବୁଟୁବୁ ହୋଇ ମରିଗଲେ । ଯାହା କିଛି ଜୀବିତ ଅଛନ୍ତି । ଫଳରେ ଖପୁରିଆ ବତକ ପ୍ରଜନନ ଚିଆଁ ଉତ୍ପାଦନ ପାଇଁ ଆହୁରି ଦୁଇମାସ ଚାଷୀଙ୍କୁ ଅପେକ୍ଷା କରିବାକୁ ପଡ଼ିବ । ଯଦି ଠିକ୍ ଢଙ୍ଗରେ ମରାମତି ନହୁଏ ତେବେ ଏହି ଅବଧି ବି ବଢ଼ିପାରେ । ରାଜ୍ୟର ଏଭଳି ବୃହତ କୃଷିଭିତ୍ତିକ ପ୍ରକଳପର ଅବସ୍ଥାକୁ ନେଇ ଏବେ ଚାଷୀ ମହଲରେ ବିମୁଖତା ଦେଖାଦେଲାଣି ।

ଗତ ସେପ୍ଟେମ୍ବର ୧୪ରେ ବର୍ଷା ପାଣିରେ ଉବୁଟୁବୁ ହୋଇଥିଲା କଟକ ଖୁପରିଆସ୍ଥିତ ବତକ ପ୍ରଜନନ କେନ୍ଦ୍ର । ବର୍ଷା ଛାଡ଼ିବା ପାଇଁ ୪ଦିନ ସମୟ ଲାଗିଥିଲେ ଓ ୧୦ଦିନ ଧରି ଏହାର ପ୍ରଭାବରେ କାର୍ଯ୍ୟ ସବୁ ପ୍ରଭାବିତ ହୋଇଥିଲା । ହାଚେରି, ଫାର୍ମ ଓ ଅଫିସ୍ ଗୃହ ପାଣିରେ ବୁଡ଼ି ରହିଥିଲା । ଏଭଳି ସ୍ଥିତିରେ ଦୁଇଦିନରେ ୪ ରୁ ୮ ସପ୍ତାହରେ ୪୫୫ରୁ ଅଧିକ ବତକଙ୍କ ମତୃତ୍ୟୁ ଘଟିଥିଲା । ସେହି ସମୟର ଯେଉଁ ୨୪୫ ବତକଙ୍କୁ କୃକେ ଭବନକୁ ସ୍ଥାନାନ୍ତର କରାଯାଇଥିଲା ସଥିଣୁ ଏବେ ୧୭୦ ବତକ ପ୍ରଜନ କେନ୍ଦ୍ରରେ ରହିଛନ୍ତି । ଏହି କେନ୍ଦ୍ରରେ ପାଣି ପଶିଯିବା ଓ ଦୀର୍ଘଦିନ ଧରି ପାଣିଘେରରେ କେନ୍ଦ୍ର ରହିବା ଫଳରେ ଏହାର ହାଚେରି , ତାର ଏବେ କ୍ଷମତା ହରାଇଛି ଓ ଏଥିରୁ ଉତ୍ପାଦନ ହୋଇପାରୁନି । ୨୦୦୮ ରେ ହାଚେରି ଓ ଉନ୍‌କ୍ୟୁବେଟରର ସେ ସମୟରେ ୧୫ ହଜାର ବତକ ପ୍ରଜନନ ପାଇଁ କ୍ଷମତା ରଖିଥିଲା । କିନ୍ତୁ ଦୀର୍ଘବର୍ଷର ପ୍ରକଳ୍ପ ହୋଇଥିବାରୁ ଏହାର କ୍ଷମତା ହ୍ରାସ ପାଇବା ସହ ବର୍ଷାପଶଣିରେ ଏହା ଅଚଳ ହୋଇଯାଇଥିବା କୁହାଯାଉଛି । ଏହାର ମରାମତି କାର୍ଯ୍ୟ ଏବେ ଯଦିଓ ଆରମ୍ଭ ହୋଇଛି କିନ୍ତୁ ଏହା ସରିବାପାଇଁ ଆହୁରି ୧୦ ଦିନ ଉପରେ ସମୟ ଲାଗି । ଫଳରେ ପୁଣି ଥରେ ଏହି ପ୍ରଜନନ କେନ୍ଦ୍ରର ହାଚେରିକୁ ବତକ ବାହାରିବାକୁ ଅତିକମ୍‌ରେ ଦୁଇମାସ ସୟମ ଲାଗିବ ବୋଲି କେନ୍ଦ୍ରର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି ।

ସୂଚନା ଅନୁସାରେ, ଖପୁରିଆଠାରେ ଥିବା ଏହି ବତମ ପ୍ରଜନନ କେନ୍ଦ୍ର ବିଭିନ୍ନ ରାଜ୍ୟରୁ ବିଭିନ୍ନ ବ୍ରିଡ୍‌ର ତଥା ଉନ୍ନତମାନର ବତକ ଅଣ୍ଡା ଆଣି ପ୍ରଜନନ କରିବା ସହ ରାଜ୍ୟର ଚାଷୀଙ୍କୁ ଉନ୍ନତମାନର ବତକ ଯୋଗାଇଥାଏ । ଗତ କିଛିମାସ ତଳେ ପାଖାପାଖି ୭ ଶହ ଅଣ୍ଡା ବେଙ୍ଗାଲୁରରୁ ଅଣାଯାଇଥିଲା । ସେଗୁଡ଼ିକ ହାଚେରିରେ ରଖାଯାଇଥିଲା । ତେବେ ସେହି ଅଣ୍ଡାରୁ ଛୁଆ ଫୁଟାଯିବା ପରେ ଏକ ଫାର୍ମରେ ୪ ରୁ ୮ ସପ୍ତାହରେ ୭ ଶହ ବତକ ଛୁଆ ରଖାଯାଇଥିଲା । ଅବିମରା ବର୍ଷା ଯୋଗୁଁ ପ୍ରଜନନ କେନ୍ଦ୍ରରେ ଥିବା ହାଚେରୀ, ୨ଟି ଫାର୍ମ, ଅଫିସ୍ ଗହ, ଜେନେରେଟ୍‌ର ଗୃହ, ଦାନା ଗୋଦାମ, ଫିଡ୍ ୟୁନିଟ୍‌ରେ ପାଣି ପଶିଯାଇଥିଲା । ପୂର୍ତ୍ତ ବିଭାଗ ପକ୍ଷରୁ ନୂଆପଡ଼ାରୁ ପ୍ରେସ ଛକ ଯାଏ ଚାଲିଥିବା ରାସ୍ତାକାମ ଯୋଗୁଁ ଏହି ପାଣି ସବୁ ଖପୁରିଆ ପ୍ରଜନନ କେନ୍ଦ୍ର ଭିତରେ ପଶିଥିବାରୁ ଏଭଳି ଅସୁବିଧା ସୃଷ୍ଟି ହୋଇଥିବା କୁହାଯାଇଥିଲା । ନିଷ୍କାନର କୌଣସି ବ୍ୟବସ୍ଥା ନଥିବାରୁ ଏଭଳିସ୍ଥିତି ସୃଷ୍ଟି ହୋଇଥିଲା ଯେ, ୪୫୫ ବତକଙ୍କ ଏକକାଳୀନ ମୃତ୍ୟୁ ହୋଇଥିଲା ।

# ବହୁତ ବଢ଼ ଖୁସି ଖବର !

# ବ୍ୟାଙ୍କର ୬ କର୍ମଚାରୀଙ୍କୁ ବାନ୍ଧିଲା ପୁଲିସ

**ପିପିଲି(ସଂପର୍କବାର୍ତ୍ତା):-** ପିପିଲି ଥାନା ଅନ୍ତର୍ଗତ ସାତଶଙ୍ଖ ବଜାରସ୍ଥିତ ୟୁନିୟନ୍ ବ୍ୟାଙ୍କ ଶାଖାରୁ ଏକ ପଂଚାୟତ ଆକାଉଣ୍ଟ ସମେତ ଓଡିଶା ଜୀବିକା ସିସନର ୩ଟି ସଂଘର ଆକାଉଣ୍ଟରୁ ୩୮ଲକ୍ଷ ଟଙ୍କା ଗାଏବ ହେବା ଘଟଣାରେ ପିପିଲି ପୁଲିସ ବ୍ୟାଙ୍କର ୬ଜଣ କର୍ମଚାରୀଙ୍କୁ ଗୁରୁବାର ଦିନ ଗିରଫ କରିଛି । ଏମାନେ ହେଲେ ବ୍ୟାଙ୍କର ପୂର୍ବତନ ଶାଖା ପରିଚାଳକ ସନ୍ତୋଷ କୁମାର ନାୟକ(୫୧), ପୂର୍ବତନ ବ୍ୟାଙ୍କ ଅଫିସର ପଦ୍ମ ବେହେରା(୫୮), ଯୋଗେଶ ସାହୁ(୩୫), ପୂର୍ବତନ କିରାଣି ମନୋଜ କୁମାର ପାତ୍ର(୨୯), ପୂର୍ବତନ କିରାଣି ଅମିୟ କୁମାର ସାହୁ(୨୬) ଓ ପୂର୍ବତନ କିରାଣି ଭାଗ୍ୟଶ୍ରୀ ମହାପାତ୍ର(୨୭)ପିପିଲି ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି ଗୁରୁବାର ପିପିଲି କୋର୍ଟଚାଲାଣ କରିଛି । ଜାମିନ ଆବେଦନ ଖାରଜ ହୋଇଯିବାରୁ ସେମାନଙ୍କୁ ନିମାପଡାସ୍ଥିତ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି । ସେମାନଙ୍କଠାରୁ ପୁଲିସ କେତେକ ଚେକ୍ ବହି ଉଠାଣି ଫର୍ମ, ଡେବିଟ୍ ଭାଉଚର ଆଦିକୁ ଜବତ କରିଥିବା ପୁଲିସ ସୂଚନା ଦେଇଛି । ତେବେ ଏହି ଟଙ୍କା ହଡପ ଘାଟଣାରେସମ୍ପୃକ୍ତ ଥିବା ମୁଖ୍ୟ




ଖଳନାୟକ ରଥପୁରୁଷୋତ୍ତମପୁର ଅଂଚଳର ଜଣେ ଦଲାଲ ପାଖରେ ଆଦ୍ୟାବଧି ପୁଲିସ ପହଞ୍ଚି ପାରିନାହିଁ । ଅଭିଯୋଗ ଅନୁସାରେ; ସାତଶଙ୍ଖ ବଜାର ସ୍ଥିତ ୟୁନିୟନ ବ୍ୟାଙ୍କ ଶାଖାରେ ଥିବା ରଥପୁରୁଷୋତ୍ତମପୁର ପଂଚାୟତର ଏଚ୍‌ଡିଏଫ୍‌ସି ଆକାଉଣ୍ଟରୁ ୮ଲକ୍ଷ ୧୫ହଜାର ୪୦୪ଟଙ୍କା, ଓଡିଶା ଜୀବିକା ମିସନର ସରସ୍ୱତୀପୁର; ପଞ୍ଚାୟତସ୍ତରୀୟ ସଂଘର ଆଇବି ଜମାଖାତାରୁ ୧୫ଲକ୍ଷ ୩୬ହାଜର ଟଙ୍କା, ଯଶୁଆପୁର ପଂଚାୟତସ୍ତରୀୟ ସଂଘର ଆଇବି ଜମାଖାତାରୁ ୭ଲକ୍ଷ ୭୯ହଜାର ୫୩୪ଟଙ୍କା, ରଥପୁରଷୋତ୍ତମପୁର ପଂଚାୟତସ୍ତରୀୟ ସଂଘର ଆଇବି ଜମାଖାତାରୁ ୧ଲକ୍ଷ ୯୫ହଜାର ଟଙ୍କା ଓ ସିଆଇଏଫ ଆକାଉଣ୍ଟରୁ ୫ଲକ୍ଷ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଥିଲା । ଏନେଇ ପିପିଲି ବିଡିଓ ରଶ୍ମିତା ନାଥଙ୍କ ଲିଖିତ ଅଭିଯୋଗ ଉପରେ ପିପିଲି ପୁଲିସ ଆଇପିସିର ଧାରା ୪୨୦, ୪୬୭, ୪୬୮, ୪୭୧, ୧୨୦ବିଆଦିଦଫାରେ ୩୯୨/୨୧ ନମ୍ବର ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ ନିଜେ ଘଟଣାର ତଦନ୍ତ ଦାୟିତ୍ୱ ନେଇ ବ୍ୟାଙ୍କର କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିଲେ । ଏହି ଘଟଣାରେ ଆଜି ଏହି ୬ଜଣଙ୍କୁ ଆଜି ଗିରଫ କରାଯାଇଛି । ଏଥିରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରାଯିବ ବୋଲି ପୁଲିସ କହିଛି । ଏହି ଘଟଣାରେ ପୂର୍ବରୁ ବ୍ୟାଙ୍କ ପକ୍ଷରୁ ବିଭାଗୀୟ ତଦନ୍ତ କରାଯାଇ ପୂର୍ବତନ ଶାଖା ପରିଚାଳକ ସନ୍ତୋଷ କୁମାର ନାୟକଙ୍କ ସମେତ ଅନ୍ୟ ୩ଜଣ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଥିବା ବ୍ୟାଙ୍କ ଉଚ୍ଚ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି । ଏହି ବ୍ୟାଙ୍କ ଏହି ଠକେଇ ଘଟଣାରେ ସମ୍ପୃକ୍ତ ଥିବା ସ୍ଥାନୀୟ ଅଂଚଳର କେତେକ ଦଲାଲ ଏବେ ଫେରାର ହୋଇଗଲେଣି ବୋଲି ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି ।

# ମୁଖ୍ୟମନ୍ତ୍ରୀଙ୍କ ନୈତିକତା କୁଆଡେ ଗଲା-ଧର୍ମେନ୍ଦ୍ର

**ଭୁବନଶ୍ୱର(ସଂପର୍କବାର୍ତ୍ତା):-** ମମିତା ମେହେର ହତ୍ୟା ମାମଲାକୁ ନେଇ ଶୁକ୍ରବାର ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବର୍ଷିଛନ୍ତି । ଦଳୀୟ କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଲାଲବାହାଦୁର ଶାସ୍ତ୍ରୀ ରେଳ ଦୁର୍ଘଟଣା ପରେ ନୈତିକତା ଚାପରେ ଇସ୍ତଫା ଦେଇଥିଲେ ଲାଲକୃଷ ଆଡଭାନୀ ମଧ୍ୟ ହାୱାଲା ମାମଲାରେ ଦୃଷ୍ଟିରୁ ବିରୋଧୀ ଦଳ ନେତା ପଦବୀରୁ ଇସ୍ତଫା ଦେବାର ନଜିର ରହିଛି । ଦୀର୍ଘଦିନର ଶାସନ କାଳରେ ମୁଖ୍ୟମନ୍ତ୍ରୀ ନବୀନ ଅନେକ ଘଟଣା କିମ୍ବା ମାମଲାରେ ନୈତିକତା ଦୃଷ୍ଟିରୁ ବହୁ ନେତା ଓ ଇସ୍ତଫା ଦେବାକୁ କହିଛନ୍ତି । ହେଲେ ମମିତା ମେହେର ଘଟଣାରେ ଗୃହ ରଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ଥିବାର ଅଭିଯୋଗ ସତ୍ତ୍ୱେ ମୁଖ୍ୟମନ୍ତ୍ରୀଙ୍କ ନୈତିକତା କୁଆଡେ ଗଲା ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି ।

ପୁଣି ମମିତାଙ୍କ ବାପା ମାଙ୍କ ୧୬୪ବୟାନ ରେକର୍ଡ କରାଯାଇନାହିଁ । ଏଭଳି ସ୍ଥିତିରେ ସେମାନଙ୍କ ଉପରେ ଚାପ ପକାଇ ପ୍ରାୟୋଜିତ ମାମଲା କରାଯିବା



ସହ ତ୍ରୁଟିତ ଶୁଣାଣି ପାଇଁ ମାମଲାର ଚାର୍ଜସିଟ୍ ହୋଇ ନଥିବା ବେଳେ ତ୍ରୁଟିତ ଶୁଣାଣି ପାଇଁ ଅପିଲ୍ କରିବା ଅତ୍ୟନ୍ତ ହାସ୍ୟାସ୍ପଦ । ରାଜ୍ୟରେ ବିଜେଡି-ଭାଜପା ମେଣ୍ଟ ସରକାର ଥିବା ବେଳେ କିଏ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଆଠଗଡ ନେଇ ଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି ।

୨୦୦୦ମସିହାରେ ଆଠଗଡ ନିର୍ବାଚନ ସଭା ଅଞ୍ଜନା ମିଶ୍ର ପ୍ରସଙ୍ଗରେ ହୋଇଥିଲା ନା ନାହିଁ । ସେତେବେଳେ ଏହି ପ୍ରସଙ୍ଗ ଯଦି ସମ୍ବେଦନଶୀଳ ଥିଲା ତେବେ ବର୍ତ୍ତମାନ ଓଡ଼ିଆ ଝିଅର ଇଜ୍ଜତକୁ ନେଇ ବିରୋଧୀ ଦଳ ପ୍ରଶ୍ନ ଉଠାଇଲେ ତାହାକୁ ହୀନ ରାଜନୀତି କିଭଳି କୁହାଯିବ ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି । ଓଡିଆ ଲୋକ ଭରସା କରି ମୁଖ୍ୟମନ୍ତ୍ରୀଙ୍କୁ ଭୋଟ ଦେଇଛନ୍ତି । କିନ୍ତୁ ସେହି ଦମ୍ଭରେ ପ୍ରଶ୍ନ ପଚାରିବାକୁ ଅଧିକାର ନାହିଁ ବୋଲି ଭାବିବା ଠିକ୍ ନୁହେଁ ।

କାହାରି ଅହଂକାର ବେଶିଦିନ ତିଷ୍ଠିନି ବୋଲି ସେ କହିଛନ୍ତି । ଧର୍ମେନ୍ଦ୍ର ଆହୁରି କହିଛନ୍ତି, କାରୋନା ସମୟରେ ପାଖପାଖି ଦେଢବର୍ଷ ପର୍ଯ୍ୟନ୍ତ ମୋଦି ସରକାର ଜଣ ପିଛା ୫କେଜି ଚାଉଳ, ଡାଲି ଦେଇଥିଲେ । ମାଗଣାରେ ଘର ଖାଦ୍ୟ ବିଜୁଳି, ଗ୍ୟାସ୍, ଶୌଚାଳୟ, ପିଇବାପାଣି ଯୋଗାଇଛନ୍ତି । ସମଗ୍ର ଦେଶର ୧୧୩କୋଟି ଲୋକଙ୍କ କରୋନା ଟିକାର ଡୋଜ ଦିଆଯାଇଛି । ସେଥିମଧ୍ୟରୁ ୪୦କୋଟି ଲୋକଙ୍କୁ ୨ଡୋଜ ଦିଆସରିଛି । ହେଲେ ଓଡିଶାରେ ୨୫ଲକ୍ଷରୁ ଅଧିକ ଟିକା ମହଜୁଦ ରହିଛି । ଟିକାକାରଣ କ୍ଷେତ୍ରରେ ଓଡିଶା ଏକ ପଛୁଆ ରାଜ୍ୟ ଗରିବ, ଚାଷୀ, ପଛୁଆ ଲୋକ, ଆଦିବାସୀଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଜନା ଆରମ୍ଭ ହୋଇଛି । ହେଲେ ଏହାକୁ ହିତାଧିକାରୀଙ୍କ ନିକଟରେ ପହଂଚିଇବା ପାଇଁ ଓଡିଶାର ବିକଳ୍ପ ବ୍ୟବସ୍ଥା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera